R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୫୯
ତିଥି : ତୃତୀୟା
୦୪ ଡିସେମ୍ବର ୨୦୨୪, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 59
04 Dec 2024, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ୫ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଭୁବନେଶ୍ୱର, ୩।୧୨ (ସବ୍ୟୁ) : ଭୁବନେଶ୍ୱରରେ ଅଲିଚିକ୍ ଭାଷାର ଶ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏହାକୁ ଲୋକାର୍ପିତ କରିଛନ୍ତି । ଆଜି ଅପରାହ୍ନରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ରାଜ୍ୟପାଳ ରଘୁବୀର ଦାସ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ମନ୍ତ୍ରୀମାନେ ସ୍ୱାଗତ କରିଥିଲେ । ଏହାପରେ ସେ ଚନ୍ଦ୍ରଶେଖରପୁରସ୍ଥିତ ନିଳାଦ୍ରୀବିହାର ଯାଇଥିଲେ । ସେଠାରେ ରାଷ୍ଟ୍ରପତିଙ୍କୁ ନିଜ ସମ୍ପ୍ରଦାୟର ବୁଦ୍ଧିଜୀବୀମାନେ ସ୍ୱାଗତ କରିଥିଲେ ।

ରାଷ୍ଟ୍ରପତି ଜାହିରା ପୀଠରେ



ପୂଜାର୍ଚ୍ଚନା କରିଥିଲେ । ରାଜ୍ୟପାଳ ରଘୁବୀର ଦାସ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପୀଠରେ ପୂଜାର୍ଚ୍ଚନା କରିଥିଲେ । ପୂଜାର୍ଚ୍ଚନା ପରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଲୋକାର୍ପଣ କରାଯାଇଥିଲା । ଏଥିରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ,

### ଆଜି ପୁରୀ ଯାଇ ନୌଦିବସ କାର୍ଯ୍ୟକ୍ରମରେ ଯୋଗଦେବେ

ପ୍ରଭାତୀ ପରିଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ଥିଲେ । ଏହାପରେ ରାଷ୍ଟ୍ରପତି ନିକଟସ୍ଥ ପାର୍କ ବୁଲି ଦେଖିବା ସହ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନା କରିଥିଲେ । ଏଠାରୁ ସିଧାସଳଖ ରାଜଭବନ ଆସିଛନ୍ତି । ରାଜଭବନରେ ସେ (୯ ପୃଷ୍ଠାରେ)

### ନିର୍ବାଚନ କମିଶନ ନିଯୁକ୍ତି ଆଇନ୍

# ଶୁଣାଣିରୁ ନିଜଆଡୁ ଓହରିଲେ ସିଜେଆଇ

ନୂଆଦିଲ୍ଲୀ, ୩।୧୨ : ମୁଖ୍ୟ ନିର୍ବାଚନ କମିଶନ ଓ ନିର୍ବାଚନ କମିଶନ ନିଯୁକ୍ତି ଆଇନ୍ ବିରୋଧରେ ହୋଇଥିବା ମାମଲାର ଶୁଣାଣିରୁ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସଞ୍ଜୀବ ଖାନ୍ନା ନିଜଆଡୁ ଓହରି ଯାଇଛନ୍ତି । ଏହାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୬ରେ ଆଉ ଏକ ବେଞ୍ଚରେ ହେବ । ଯେଉଁଥିରେ ପ୍ରଧାନ ବିଚାରପତି ନଥିବେ ।



ସୂଚନାଯୋଗ୍ୟ ମୁଖ୍ୟ ନିର୍ବାଚନ କମିଶନ ଓ ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପାଇଁ ଗଠିତ ପ୍ୟାନେଲ୍‌ରୁ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କୁ ବାଦ୍ ଦେବାପାଇଁ ଆଇନ୍ ପ୍ରଣୟନ କରାଯାଇଛି । ଏହାକୁ ବିରୋଧ କରି ଏକାଧିକ ଯାଚିକା ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଛି । ଯେତେବେଳେ ଜଷ୍ଟିସ୍ ଖାନ୍ନା ସୁପ୍ରିମ୍‌କୋର୍ଟର ବିଚାରପତି ଥିଲେ ଏହି ଯାଚିକାଗୁଡ଼ିକର ଶୁଣାଣି ଆରମ୍ଭ କରିଥିଲେ । ସେହି ସମୟରେ ଏକ ଅନ୍ତରୀଣ ନିର୍ଦ୍ଦେଶ ଜାରି ହୋଇଥିଲା । ଏବେ ଜଷ୍ଟିସ୍ ଖାନ୍ନା ପ୍ରଧାନ ବିଚାରପତି ଅଛନ୍ତି । ତେଣୁ ସେ କହିଛନ୍ତି ଯେ ଏହି ମାମଲାଟିକୁ ଯେଉଁ ଖଣ୍ଡପୀଠରେ ସେ ନଥିବେ ସେଠାରେ ଶୁଣାଣି କରାଯାଉ । ଶୀତ ଅବକାଶ ପରେ ଏହାର ଶୁଣାଣି ହେବ । ପ୍ରଧାନବିଚାରପତି ମଧ୍ୟ କେନ୍ଦ୍ର ଓ ଅନ୍ୟମାନଙ୍କୁ ଏହା ଉପରେ ସେମାନଙ୍କ ମତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବରିଷ୍ଠ ଆଇନ୍‌ଜୀବୀ ଗୋପାଳ ଶଙ୍କର ନାରାୟଣ ଓ ଆଇନ୍‌ଜୀବୀ ପ୍ରଶାନ୍ତ ଭୂଷଣ ଏହି ଯାଚିକାର ଆବେଦନକାରୀଙ୍କ ପକ୍ଷରୁ ମୋକଦ୍ଦମା ଲଢ଼ି କହିଥିଲେ ଯେ ପୂର୍ବ ବେଞ୍ଚର ଅଧ୍ୟକ୍ଷ ଜଷ୍ଟିସ୍ ଖାନ୍ନା ଥିଲେ । ବର୍ତ୍ତମାନ ସେ ପ୍ରଧାନ ବିଚାରପତି । ସେ ସେତେବେଳେ ଏକ ଅନ୍ତରୀଣ ଆଦେଶ ଦେଇଥିଲେ । ପରେ ଏହି ମାମଲା ମାର୍ଚ୍ଚରେ ପ୍ରତ୍ୟାହାର (୯ ପୃଷ୍ଠାରେ)

# ଆଳୁ ଦର ସାମାନ୍ୟ ବଢ଼ିଛି : ମନ୍ତ୍ରୀ

ଭୁବନେଶ୍ୱର, ୩।୧୨ (ସବ୍ୟୁ) : ଆଳୁ ଦର ସାମାନ୍ୟ ବଢ଼ିଛି । ଗତକାଲି ୩୦୦ ଟ୍ରକ୍ ଆଳୁ ଆସିଛି । ରାଜ୍ୟ ଖାଦ୍ୟ ଯୋଗାଣ ସଚିବ ପଶ୍ଚିମବଙ୍ଗ ସଚିବଙ୍କ ସହ କଥା ହୋଇଛନ୍ତି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ପ୍ରକାଶ କରିଛନ୍ତି ।

ବିରୋଧୀଙ୍କ ପକ୍ଷରୁ ଆଗତ ରାଜ୍ୟରେ ଅତ୍ୟାବଶ୍ୟକ ଜିନିଷର ଦରଦାମ ଆକାଶ ଛୁଆଁ । ସରକାର ନୀରବଦ୍ରଷ୍ଟା ଶୀର୍ଷକ ମୁଲତବୀ ପ୍ରସ୍ତାବର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମଙ୍ଗରେ ୯ ଲକ୍ଷ ଟନ୍ ଆଳୁ ଅଛି । ତାଙ୍କର ୫ ଲକ୍ଷ ଟନ୍ ଆବଶ୍ୟକ । କେଉଁ ପରିସ୍ଥିତିରେ ପଡି ପଶ୍ଚିମବଙ୍ଗ ସରକାର ଏଭଳି ନିଷ୍ପତ୍ତି ନେଲେ ତାହା ଜଣାନାହିଁ । ବର୍ତ୍ତମାନ ଚାଷୀ ଆନ୍ଦୋଳନ କରୁଛନ୍ତି । ସେମାନେ ପୁଣି ଆଳୁ ଦେବାକୁ ନିଷ୍ପତ୍ତି ନେବେ । ବର୍ତ୍ତମାନ ବଜାରରେ ୩୫ ରୁ ୪୦ ଟଙ୍କାରେ ଆଳୁ ମିଳୁଛି । ୭ ଟଙ୍କା କଥା ମିଛ । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ପର୍ଯ୍ୟାପ୍ତ ଆଳୁ ରହିଛି । ଯାହା ଆବଶ୍ୟକ ଉତ୍ତରପ୍ରଦେଶରୁ ଆସୁଛି । ଭୟଭୀତ ସ୍ଥିତି ସୃଷ୍ଟି କରାନଯାଉ । ରାଜ୍ୟକୁ ଆତ୍ମନିର୍ଭର ନକରି ସବୁଥିରେ ଅନ୍ୟ ରାଜ୍ୟ ଉପରେ ଆମେ ନିର୍ଭରଶୀଳ ହୋଇଛେ । ଆଜିର ଦରବୃଦ୍ଧି ପାଇଁ ଗତ ସରକାର ଦାୟୀ । ଚଳିତ ବର୍ଷର ପାଣିପାଗର ଅନିୟମିତତା ତଥା ପ୍ରତିକୂଳ ପାଗ ଯୋଗୁ ବିଭିନ୍ନ ଡାଲି ଜାତୀୟ ଦ୍ରବ୍ୟର ଆମଦାନୀ ପ୍ରାୟ ୧୦ ରୁ ୧୨% ହ୍ରାସ ଘଟିଛି । ଯାହା ଫଳରେ ମୂଲ୍ୟ ବୃଦ୍ଧି ହୋଇଛି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗହମ ତଥା ଗହମଜାତୀୟ ଦ୍ରବ୍ୟ, ଆଳୁ, ପିଆଜ, ଡାଲି ଓ ଖାଇବା ତେଲର ଗଚ୍ଛିତ ପରିମାଣ ତଦାରଖ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଳୁ ସଙ୍କଟ (୯ ପୃଷ୍ଠାରେ)

# ଦରଦାମ ବୃଦ୍ଧି ପ୍ରସଙ୍ଗରେ କମ୍ପିଲା ଗୃହ

ଭୁବନେଶ୍ୱର, ୩।୧୨ (ସବ୍ୟୁ) : ରାଜ୍ୟରେ ଦରଦାମ୍ ହୁହୁ ହୋଇ ବଢ଼ିଛି । ଆଳୁ କଥା ନକହିଲେ ଭଲ । ବଜାରରେ ଆଳୁ ଏବେ ୬୦ ଛୁଇଁଲାଣି । ବିଭାଗୀୟ ମନ୍ତ୍ରୀ କହୁଛନ୍ତି ଆଣିଦେବେ ହଜାର ହଜାର ଟ୍ରକ । ଓଡ଼ିଶାର ଦୁଃଖ ଟାଳିଯିବ । ଓଡ଼ିଶାବାସୀଙ୍କ ଦୁର୍ଭାଗ୍ୟ ଏଭଳି ମନ୍ତ୍ରୀଙ୍କୁ ପାଇଛନ୍ତି । ଦରଦାମ ନିୟନ୍ତ୍ରଣ କରିବାରେ ସରକାର ଫେଲ ମାରିଛନ୍ତି । ଏଭଳି କମ୍ପାଇଲେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ । ଅପରପକ୍ଷରେ ଶାସକ ଦଳ ସଭ୍ୟମାନେ ପୂର୍ବ ସରକାରଙ୍କ ଅପାରଗତା ଯୋଗୁ ଆମେ ଭୋଗୁଛୁ ବୋଲି କହିଥିଲେ ।

ମୁଲତବୀ ପ୍ରସ୍ତାବ ଆଲୋଚନାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଦର ନିୟନ୍ତ୍ରଣରେ ସରକାର ସଂପୂର୍ଣ୍ଣ ବିଫଳ । ଯଦି ଦରଦାମ ନିୟନ୍ତ୍ରଣ କରିପାରୁ ନାହାନ୍ତି, ତାହେଲେ ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ,



ପିଆଜ, ତେଲରେ ସବ୍‌ସିଡି ଦିଅନ୍ତୁ ରାଜ୍ୟ ସରକାର । ସୋରିଷ ତେଲ ଦର ୧୯୦ ଟଙ୍କା ପହଞ୍ଚିଲାଣି, ସେଥିରେ ୯୦ ଟଙ୍କା ସରକାର ସବସିଡି ଦିଅନ୍ତୁ । ଲୋକ ଯେମିତି ୧୦୦ ଟଙ୍କାରେ ସୋରିଷ ତେଲ କିଣିବେ । ରିଫାଇନ ତେଲ ୧୫୦ ଟଙ୍କା ହେଲାଣି, ସରକାର ୫୦ ଟଙ୍କା ସବସିଡି ଦିଅନ୍ତି । ଖଣି, ପାଣିରୁ ଟିକସ ମିଳୁଛି । ତେଣୁ ସେହି ଟିକସ ପଇସାରେ ସରକାର ଲୋକଙ୍କୁ ଆଳୁ, ପିଆଜ, ତେଲ ଯୋଗାଇ ଦିଅନ୍ତୁ । ମାଗଣାରେ ଆଳୁ ଓ ପିଆଜ ୫ରୁ ୬ କେଜି ଦିଅନ୍ତୁ । (୯ ପୃଷ୍ଠାରେ)

**ଶାସକ-ବିରୋଧୀ ସଭ୍ୟ ମୁହାଁମୁହିଁ**

**ମନ୍ତ୍ରୀଙ୍କ ମନ୍ତବ୍ୟ ବିଭ୍ରାନ୍ତିଜନକ : ବିଜେଡି**

**ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ସବ୍‌ସିଡି ଦିଅନ୍ତୁ : କଂଗ୍ରେସ**

**ପୂର୍ବ ସରକାରଙ୍କ ଅପାରଗତା ଯୋଗୁ ଆମେ ଭୋଗୁଛୁ : ଶାସକ**

### ଯନ୍ତ୍ରୀଙ୍କ ଅମାପ ସମ୍ପତ୍ତି

# ୧୮ ପ୍ଲଟ୍, ୮୫୪ ଗ୍ରାମ୍ ସୁନା, ୧ କୋଟି ଜମା

ଭୁବନେଶ୍ୱର, ୩।୧୨ (ସବ୍ୟୁ) : ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରବିଶ୍ୱନାଥ ପାତ୍ରଙ୍କ ଘରେ ଭିଜିଲାନ୍ସ ମଙ୍ଗଳବାର ଚଢାଉ କରୁଛି । ସନ୍ଧ୍ୟା ସୁଦ୍ଧା ୩/୪ଟି ବହୁତଳପ୍ରସାଦ ସାଙ୍ଗକୁ ଗଞ୍ଜାମ, ଜୟପୁର, ଭୁବନେଶ୍ୱରରେ ୧୮ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ । ଏଥିସହ ୮୫୪ ଗ୍ରାମ୍ ସୁନା ଅଳଙ୍କାର, ୧.୮କେଜି ରୂପା ମିଳିଥିବା ବେଳେ ୧କୋଟି ୧ଲକ୍ଷ ୨୧୦ଟଙ୍କା ବ୍ୟାଙ୍କରେ ଜମା ଥିବା ଜଣାପଡିଛି । ଗାଡି ଓ ଗୃହପୋକରଣ ମିଶାଇ ୭.୭୦ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

ବିଶ୍ୱନାଥ ପାତ୍ର ଜୟପୁର ବ୍ଲକ୍ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଭାବେ କାମ କରୁଥିବା ବେଳେ ତାଙ୍କୁ ମ୍ୟୁନିସିପାଲିଟିର ଇଞ୍ଜିନିୟର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ୨୦୧୧ ମସିହାରୁ ସେ କାମ କରୁଥିବା ବେଳେ ୮ବର୍ଷ ହେବ ତାଙ୍କର ଚାକିରି ନିୟମିତ ହୋଇଛି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସର ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୮ ଡିଏସ୍‌ପି, ୬ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀମାନେ ଏକସଙ୍ଗେ ଜୟପୁର, ଗଞ୍ଜାମ, ଭୁବନେଶ୍ୱରର (୯ ପୃଷ୍ଠାରେ)

# କରେଣ୍ଟ ଲାଗି କଲରାପତରିଆ ବାଘ ମୃତ

ଖଣ୍ଡପଡା, ୩।୧୨ (ସବ୍ୟୁ) : ଖଣ୍ଡପଡା ବନାଞ୍ଚଳରେ ଶିକାରୀଙ୍କ ଦୌରାତ୍ମ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି । ଶିକାରୀ ଓ ଅସାମାଜିକ ବ୍ୟକ୍ତିମାନେ ଘଞ୍ଚ ଜଙ୍ଗଲ ଜମିରେ ବାରହା ଶିକାର ଉଦ୍ଦେଶ୍ୟରେ ଚୋରାରେ ବିଛାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟିଏ କଲରାପତରିଆ ବାଘର ମୃତ୍ୟୁ ହେବା ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି ।

ଖଣ୍ଡପଡା ବନାଞ୍ଚଳର ସିଂଘାପଡା ସେକ୍ସନ ଅଧିନ ବୁଢିଝାରୀ ସଂରକ୍ଷିତ ଜଙ୍ଗଲ ନିକଟରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ଜଣାପଡିଛି । ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଖବରପାଇ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନ, ବନପାଳ ସନାତନ ସ୍ୱାଇଁ, କୈଳାସ ପ୍ରଧାନଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ମଙ୍ଗଳବାର ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି (୯ ପୃଷ୍ଠାରେ)

# ରେଳ ବିକାଶ ଲାଗି ଓଡ଼ିଶାକୁ ୭୩, ୭୨୩ କୋଟି



ଭୁବନେଶ୍ୱର, ୩।୧୨ (ସବ୍ୟୁ) : ଓଡ଼ିଶାର ଆର୍ଥିକ ହିତକୁ ବଜାୟ ରଖାଯିବା ସହ ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ୩ଟି ରେଳ ମଣ୍ଡଳ ରହିବ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଓଡ଼ିଶାର ଲୋକସଭା ସାଂସଦମାନଙ୍କ ସହିତ ଆଲୋଚନ ପରେ ଶ୍ରୀ ବୈଷ୍ଣବ କହିଛନ୍ତି, ଓଡ଼ିଶାର ରେଳ ବିକାଶ ପ୍ରସଙ୍ଗରେ ସାଂସଦମାନଙ୍କ ସହିତ ବିସ୍ତୃତ ଆଲୋଚନା (୯ ପୃଷ୍ଠାରେ)

**ରାୟଗଡା ରେଳ ମଣ୍ଡଳକୁ ମିଳିଛି ମଞ୍ଜୁରି**

**ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ରେଳମନ୍ତ୍ରୀ**

**ରେଳ ଜୋନ୍ ପୁନର୍ଗଠନ ପ୍ରସଙ୍ଗରେ ରେଳମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ସାଂସଦ**

# ଦାଦନ ଯାତନା : ୧୦ ବର୍ଷରେ ଯାଇଛି ୪୦୩ ଜୀବନ

ଭୁବନେଶ୍ୱର, ୩।୧୨ (ସବ୍ୟୁ) : ରାଜ୍ୟରେ କାମଧନ୍ଦା ପାଇଁ ଅନ୍ୟ ରାଜ୍ୟକୁ ଯାଉଥିବା ଶ୍ରମିକ ବା ଦାଦନଙ୍କ ସଂଖ୍ୟା ବୃଦ୍ଧି ପାଉଛି । ୨୦୨୪ ଅକ୍ଟୋବର ୩୧ ସୁଦ୍ଧା ୮୮୩ ଲାଇସେନ୍ସପ୍ରାପ୍ତଧାରୀଙ୍କ ଜରିଆରେ ୬୦ ହଜାର ୬୮୩ ଜଣ ଅନ୍ୟ ରାଜ୍ୟକୁ ଦାଦନ ଭାବେ କାର୍ଯ୍ୟ କରିବାକୁ ଯାଇଛନ୍ତି । ସେହିଭଳି ୨୦୨୨ରୁ ୨୦୨୪ ମଧ୍ୟରେ ୨୪୬ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେମାନଙ୍କୁ ୩୬ ଲକ୍ଷ ୮୨ ହଜାର ୭୦୪ ଟଙ୍କା କ୍ଷତିପୂରଣ ରାଶି ଦିଆଯାଇଛି । ସେହିଭଳି ୨୦୧୫ରୁ ୨୦୨୪ ନଭେମ୍ବର ୨୭ ସୁଦ୍ଧା ୪୦୩ ଦାଦନ ଶ୍ରମିକ ମୃତ୍ୟୁବରଣ କରିଛନ୍ତି ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ବିଧାନସଭାରେ ପ୍ରକାଶ କରିଛନ୍ତି ।

ବିଧାୟକ ଟଙ୍କଧର ତ୍ରିପାଠୀ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୃଥକ୍ ପୃଥକ୍ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଦାଦନ ଖଟିବାକୁ ଯାଇଥିବା ଶ୍ରମିକଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୫୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବଲାଙ୍ଗିରରୁ ୩୫, କଳାହାଣ୍ଡିରୁ ୩୯, କନ୍ଧମାଳରୁ ୩୨, ନବରଙ୍ଗପୁରରୁ ୧୬, ନୟାଗଡରୁ ୧୩, ରାୟଗଡାରୁ ୨୮ ଜଣଙ୍କର ମୃତ୍ୟୁ ହୋଇଛି । ସେହିଭଳି ବଲାଙ୍ଗିର ଜିଲ୍ଲାରୁ ୬୩୩ ଲାଇସେନ୍ସଧାରୀଙ୍କ ଜରିଆରେ ୪୩ ହଜାର ୭୪୦ ଜଣ ଅନ୍ୟ ରାଜ୍ୟକୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇଛନ୍ତି । ରାଜ୍ୟ ସରକାର ପ୍ରବାସୀ ଶ୍ରମିକଙ୍କ ନିରାପତ୍ତା ଓ



କଲ୍ୟାଣ ନିମନ୍ତେ ଏକ ଆକ୍ସନ ପ୍ଲାନ୍ କାର୍ଯ୍ୟକାରୀ କରୁଛନ୍ତି । ଦାଦନ ସମସ୍ୟାର ସମାଧାନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ମହିଳା-ଶିଶୁ ବିକାଶ ଓ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ନେଇ ଅକ୍ଟୋବର ୨୦୨୪ରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି । ଯାହା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ କାର୍ଯ୍ୟ କରୁଛି । ରାଜ୍ୟର ୧୪ ଜିଲ୍ଲାକୁ ପ୍ରବାସୀ ଶ୍ରମିକ ଜିଲ୍ଲା ହିସାବରେ ଗ୍ରହଣ କରାଯାଇଛି । ବଲାଙ୍ଗିର, ବରଗଡ, କଳାହାଣ୍ଡି, ନୂଆପଡା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡା, ନବରଙ୍ଗପୁର, (୯ ପୃଷ୍ଠାରେ)

**ଗଞ୍ଜାମରୁ ସର୍ବାଧିକ ୫୯, ବଲାଙ୍ଗିରରୁ ୩୫**

### ରାଜ୍ୟସଭା ଉପନିର୍ବାଚନ ଲାଗି ବିଜ୍ଞପ୍ତି

# ପୁଣି ବିଜେପି ପ୍ରାର୍ଥୀ ହୋଇପାରନ୍ତି ସୁଜିତ୍ କୁମାର

ନୂଆଦିଲ୍ଲୀ, ୩।୧୨ : ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ସମେତ ୪ ରାଜ୍ୟରେ ଖାଲିଥିବା ୬ ଆସନ ଲାଗି ଉପନିର୍ବାଚନ ହେବ । ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜେଡିର ପୂର୍ବତନ ସାଂସଦ ସୁଜିତ୍ କୁମାର ରାଜ୍ୟସଭା ପଦରୁ ଇସ୍ତଫା ଦେବାପରେ ଏହି ଆସନ ଖାଲିପଡିଛି । ଏଥିପାଇଁ ୨୦ ତାରିଖରେ ଉପନିର୍ବାଚନ ହେବ । ୧୦ ତାରିଖ ନାମାଙ୍କନର ଶେଷ ତାରିଖ ଥିବାବେଳେ ୧୧ ତାରିଖ ଯାଞ୍ଚ ଓ ୧୩ ତାରିଖ ପ୍ରତ୍ୟାହାର ପାଇଁ ଉଲ୍ଲେଖ କରାଯାଇଛି । ସେପ୍ଟେମ୍ବର ୬ରେ ସୁଜିତ୍ କୁମାର ରାଜ୍ୟସଭା ପଦରୁ ଇସ୍ତଫା ଦେଇଥିଲେ । ଏହାସହ ସେ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ । ଏହାପରେ ସେ ବିଜେପିରେ ଯୋଗ ଦେଇଛନ୍ତି ।

ବିଜେପି ତାଙ୍କୁ ପୁଣି ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି । ପୂର୍ବରୁ ବିଜେଡି ସମର୍ଥନରେ ରାଜ୍ୟସଭା ଯାଇଥିବା ମମତା ମହନ୍ତ ଇସ୍ତଫା ଦେଇ ବିଜେପିରେ ମିଶିଥିଲେ । (୯ ପୃଷ୍ଠାରେ)

## ଇତିହାସ

୧୮୮୮– ଐତିହାସିକ ରମେଶ ଚନ୍ଦ୍ର ମଜୁମଦାରଙ୍କ ଜନ୍ମ ।
୧୮୯୮– ପ୍ରସିଦ୍ଧ ଭାରତୀୟ ଭୌତିକ ବୈଜ୍ଞାନିକ ଶ୍ରୀନିବାସ କ୍ରୀଷ୍ଣନ୍‌ଙ୍କ ଜନ୍ମ ।
୧୯୧୦– ଭାରତର ଅଷ୍ଟମ ରାଷ୍ଟ୍ରପତି ରାମସ୍ୱାମୀ ଭେଙ୍କଟରମଣଙ୍କ ଜନ୍ମ ।
୧୯୫୨– ଦକ୍ଷିଣ ଆମେରିକାରେ ଆଟଲାଣ୍ଟିକ୍ ମହାସାଗରରେ ଥିବା ବରମୁଣ୍ଡା ଦ୍ୱୀପ ସମ୍ବନ୍ଧରେ ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସ ମଧ୍ୟରେ ସମ୍ମିଳନୀ ଆରମ୍ଭ ହେଲା ।
୧୯୬୨– ହିନ୍ଦୀ ପୋଲାଇଟ୍ କମେଡ଼ିର ଅଗ୍ରଣୀ ଲେଖକ ଅନ୍ନପୂର୍ଣ୍ଣାନନ୍ଦଙ୍କ ନିଧନ ।
୧୯୭୧– ଭାରତୀୟ ନୌସେନା ତରଫରୁ ପାକିସ୍ତାନ ନୌସେନା ଓ କରାଚୀ ଉପରେ ଆକ୍ରମଣ ।
୧୯୭୯– ପ୍ରସିଦ୍ଧ ଭାରତୀୟ ମହିଳା ଖେଳାଳୀ ସୁନୀତା ରାଣୀଙ୍କ ଜନ୍ମ ।
୨୦୦୪– ପେରୁର ମାରିଆ ଜୁଲିଆ ମାନ୍ତିଲା ଗାର୍ସିଆଙ୍କୁ ମିସ୍ ୱାର୍ଲ୍ଡ ଟାଇଟଲ୍ ।
୨୦୦୮– ପ୍ରସିଦ୍ଧ ଐତିହାସିକ ରୋମିଲା ଥାପର୍‌ଙ୍କୁ କ୍ଲୁଜ୍ ସମ୍ମାନ ପାଇଁ ଚୟନ କରାଗଲା ।



## ଶୀତଦିନିଆ ତ୍ୱଚାର ଯତ୍ନ

ବର୍ତ୍ତମାନ ଚାରିଆଡେ ଶୀତର ଲହରି ଆରମ୍ଭ ହୋଇଛି, ଯାହା ଫଳରେ ଦେଶର ଜଳବାୟୁ ବଦଳିଛି । ତେଣୁ ଏହି ସମୟରେ ଶରୀର ସହିତ ତ୍ୱଚାର ମଧ୍ୟ ଧ୍ୟାନ ରଖିବାର ଅଛି । ଏହି ସମୟରେ ଥଣ୍ଡା ପବନ କାରଣରୁ ସ୍କିନ୍ ଶୁଖିବା ସହିତ ରୁକ୍ଷ ହେବା ଆରମ୍ଭ କରିଥାଏ । ଓଠ ଓ ହାତପାଦ ଫାଟିବା ଆରମ୍ଭ କରିଥାଏ ଯାହାର ଯତ୍ନ ନେବାର ଖୁବ ଆବଶ୍ୟକ ରହିଛି । ତେବେ ଏହି ଦିନେ କିଛି ଟ୍ରିକ୍ସ ଆପଣାଇବାର ଅଛି ଯାହାଦ୍ୱାରା ଆପଣ ନିଜର ତ୍ୱଚାର ସଠିକ୍ ଯତ୍ନ ନେଇପାରିବେ । ଯେତେବେଳେ ଥଣ୍ଡା ପବନ ବୋହିଥାଏ, ସେତେବେଳେ ଆମ ତ୍ୱଚା ନିଜର ଆଦ୍ରତା ହରାଇଥାଏ । ତେଣୁ ଶୀତଦିନେ ପ୍ରଥମେ ସ୍କିନ୍ ଡ୍ରାଏ ହେବା ଆରମ୍ଭ କରିଥାଏ । ସେହିଭଳି ଶୀତଦିନେ ଘରେ ଲୋକମାନେ ହିଟର ଓ ବ୍ଲୋୟର ଚଳାଇଥାଆନ୍ତି, ଯାହା ପରିବେଶକୁ ଗରମ କରିଥାଏ । ହେଲେ ଏହା ଦ୍ୱାରା ଘରେ ମଧ୍ୟ ବାୟୁର ଆଦ୍ରତା କମିଥାଏ । ତେଣୁ ଘରେ ରହିଲେ ମଧ୍ୟ ଆମ ସ୍କିନ୍ ଫାଟିବାର ସମ୍ଭାବନା ରହିଛି । ଏହା ବ୍ୟତିତ ଅସ୍ୱାସ୍ଥ୍ୟକର ଜୀବନଶୈଳୀ କାରଣରୁ ମଧ୍ୟ ତ୍ୱଚାରେ ଫରକ ଦେଖିବାକୁ ମିଳିଥାଏ । ଶୀତଦିନେ ସାଧାରଣତଃ ଲୋକ କମ ପାଣି ପିଅନ୍ତି, ଯାହା ଏକ ତ୍ୱଚାକୁ ଶୁଖିଲା କରିବାର ପ୍ରଥମ କାରଣ ହୋଇଥାଏ । ଏଭଳି ଦେଖିବାକୁ ମିଳେ କି ଯେଉଁମାନଙ୍କର କୌଣସି ସ୍କିନ୍ ସମସ୍ୟା ରହିଛି ସେମାନଙ୍କର ଶୀତଦିନେ ତାହା ବଢିଯାଇଥାଏ । ସେହିଭଳି କିଛି ଲୋକଙ୍କର ଶୀତଦିନ ପୋଷାକ ପିନ୍ଧିବା ଫଳରେ ର୍‍ୟାସ୍ ହେବା ସହିତ କୁଣ୍ଡାଇ ମଧ୍ୟ ହୋଇଥାଏ । ତେବେ ଏହି ଦିନେ କିଛି ଟିପ୍ସ ଫଲୋ କରିବାକୁ ହୋଇଥାଏ, ଯାହା ଫଳରେ ଆମ ସ୍କିନ୍ ସୁସ୍ଥ ରହିବ ।

- ପ୍ରତିଦିନ ଅତି କମରେ ଦୁଇଥର ମଶ୍ଚରାଇଜର ଲଗାନ୍ତୁ ।
- ଶୀତଦିନେ ମୁହଁ, ହାଥ, ଗୋଡକୁ ଅଧିକ ଧୁଅନ୍ତୁ ନାହିଁ ।
- ଥଣ୍ଡାରେ ସାବୁନର ବ୍ୟବହାର କମ କରନ୍ତୁ ।
- ଅତ୍ୟଧିକ ଥଣ୍ଡାରେ ଘରୁ ବାହାରନ୍ତୁ ନାହିଁ ।
- ଦିନବେଳେ ସନ୍‌ସ୍କ୍ରିନ ଲଗାଇ ବାହାରକୁ ବାହାରନ୍ତୁ ।
- ଦିନକୁ ୮ରୁ ୧୦ ଗ୍ଲାସ୍ ପାଣି ପିଅନ୍ତୁ ।
- ଭିଟାମିନ୍ ଡି'ର ଅଭାବ ହେବାକୁ ଦିଅନ୍ତୁ ନାହିଁ, ଭିଟାମନ୍ ଡି'ରେ ଭରପୁରଥିବା ଖାଦ୍ୟ ଖାଆନ୍ତୁ ।

## ସବୁଠୁ ବୁଦ୍ଧିଆ

ନିକଟରେ ଇଣ୍ଡୋ-ବ୍ରିଟିଶ୍ ବାଳକ କ୍ରିଷ୍ଣା ଅରୋରା ଚର୍ଚ୍ଚାରେ ରହିଛନ୍ତି । କ୍ରିଷ୍ଣା ସାଜିଛନ୍ତି ବିଶ୍ୱର ସବୁଠାରୁ ବୁଦ୍ଧିଆ ବାଳକ । ମାତ୍ର ୧୦ ବର୍ଷରେ ତାଙ୍କର ଆଇକ୍ୟୁ ସ୍କୋର ରହିଛି ୧୬୨, ଯାହା ଆଇନ୍‌ଷ୍ଟାଇନ ଓ ଷ୍ଟିଫେନ୍ ହକିଂଙ୍କ ଠାରୁ ମଧ୍ୟ ଅଧିକ । ସେ ବର୍ତ୍ତମାନ ବିଶ୍ୱର ଏକ ପ୍ରତିଶତ ବୁଦ୍ଧିଆ ଲୋକଙ୍କ ତାଲିକାରେ ସାମିଲ ହୋଇଛନ୍ତି । ସେ ଆରବର୍ଷରୁ କୁଇନ୍ ଏଲିଜାବେଥ୍ ସ୍କୁଲରେ ପାଠ ପଢିବାକୁ ମଧ୍ୟ ଯଆଉଛନ୍ତି, ଯାହା ୟୁକେର ଖୁବ ବଡ ସ୍କୁଲ । ବର୍ତ୍ତମାନର ପ୍ରାଇମେରୀ ସ୍କୁଲର ପାଠ ପଢା ସେ ଖୁବ ସହଜରେ ସାରି ଦେଇଛନ୍ତି, ତେଣୁ ତାଙ୍କୁ ବର୍ତ୍ତମାନ ହାଇସ୍କୁଲରେ ପାଠ ପଢିବାର ଅଛି ବୋଲି କ୍ରିଷ୍ଣା କହିଛନ୍ତି । କ୍ରିଷ୍ଣାଙ୍କ ବାପା ମାଆ ଉଭୟ ଇଞ୍ଜିନିୟର ହୋଇଥିବାବେଳେ କ୍ରିଷ୍ଣାଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ସେ ତାଙ୍କର ବୁଦ୍ଧି ବିଷୟରେ ଜାଣିବାକୁ ପାଇଥିଲେ ।



## ଭାରତୀୟ ନୌସେନା ଦିବସ



ଭାରତୀୟ ନୌସେନା ହେଉଛି ଭାରତର ଏକ ଶକ୍ତିଶାଳୀ ସଶସ୍ତ୍ର ବାହିନୀ ଯାହାକି ସାମୁଦ୍ରିକ ସୁରକ୍ଷା, ହାଇଡ୍ରୋପୋନିକ୍ସ ଏବଂ ଜାତୀୟ ନିରାପତ୍ତା ପାଇଁ କାମ କରିଥାଏ । ଏହାର ମୁଖ୍ୟ ପରିସର ହେଉଛି ଭାରତୀୟ ସାମୁଦ୍ରିକ ସୀମାକୁ ସୁରକ୍ଷା ଦେବା । ପ୍ରତିବର୍ଷ ଡିସେମ୍ବର ୪ରେ ଭାରତୀୟ ନୌସେନା ଦିବସ ପାଳନ କରାଯାଏ । ଭାରତୀୟ ନୌସେନା ବାହିନୀକୁ ସମ୍ମାନ ଦେବା ଏବଂ ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ନେଇ ଏହା ହେଉଛି ଏକ ବିଶେଷ ଦିନ । ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତୀୟ ନୌସେନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଯୁଦ୍ଧରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ନୌସୈନିକମାନଙ୍କୁ ସମ୍ମାନିତ କରିବା ପାଇଁ ପ୍ରତିବର୍ଷ ଭାରତୀୟ ନୌସେନା ଦିବସ ପାଳନ କରାଯାଉଛି । ୧୯୭୧ ମସିହାରେ ଡିସେମ୍ବର ୩ ତାରିଖରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା । ଏହି ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଅଦମ୍ୟ ସାହସ ଦେଖାଇଥିଲା ଭାରତୀୟ ନୌସେନା । ଯୁଦ୍ଧରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ନୌସୈନିକମାନଙ୍କୁ ସମ୍ମାନିତ କରିବା ପାଇଁ ପ୍ରତିବର୍ଷ ଭାରତୀୟ ନୌସେନା ଦିବସ ପାଳନ କରାଯାଉଛି । ଭାରତୀୟ ନୌସେନା ଭାରତୀୟ ସେନାର ସାମୁଦ୍ରିକ ଅଙ୍ଗ ଭାବେ ପରିଚିତ । ଏହାର ସ୍ଥାପନ ୧୬୧୨ ମସିହାରେ ହୋଇଥିଲା । ଦେଶ ସ୍ୱାଧୀନ ହେବା ପରେ ୧୯୫୦ ମସିହାରେ ଏହାର ନାଁ ଭାରତୀୟ ନୌସେନା ହୋଇଥିଲା ।

ରବିନାରାୟଣ ପଟ୍ଟନାୟକ
ମୋ: ୯୯୩୮୧୧୩୨୨୬



## ହଜାରେ ଦିନ ଯାଏଁ ଦିଅନ୍ତୁନି ଚିନି

ଛୁଆଟିଏ ଜନ୍ମ ହେବା ପରଠାରୁ ହିଁ ତାର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ପିଲାଟିର ଶିଶୁ ବେଳୁ ଯତ୍ନ ନେଲେ ତାର କିଶୋର ଅବସ୍ଥା ସୁସ୍ଥ ରହିବ । ଏ ସମ୍ପର୍କରେ କରାଯାଇଥିବା ଏକ ସର୍ଭେର ରପୋର୍ଟ ଅନୁସାରେ ଯେଉଁ ଶିଶୁଙ୍କୁ ପିଲାଦିନେ ଚିନି ଖାଇବାକୁ ଦିଆଯାଇ ନଥାଏ ସେମାନେ କିଶୋର ଅବସ୍ଥାରେ ବିଭିନ୍ନ କ୍ରୋନିକ୍ ଡିଜିଜ୍‌ରୁ ବଞ୍ଚିତ ହୋଇଥାଆନ୍ତି । କେବଳ ଶିଶୁ ନୁହେଁ ମା'ଙ୍କୁ ମଧ୍ୟ ଗର୍ଭ ଅବସ୍ଥା ସମୟରେ ନିଜ ଖାଦ୍ୟରୁ ଚିନି କାଟିବାର ଅଛି । ଏହି ଷ୍ଟଡି ଅନୁସାରେ ଗୋଟିଏ ଶିଶୁକୁ ଜନ୍ମରୁ ୧୦୦୦ ଦିନ ପର୍ଯ୍ୟନ୍ତ ଚିନିକୁ ନାଁ କହିବାର ଅଛି । ଯାହାଫଳରେ ଏହି ଶିଶୁମାନଙ୍କୁ ଟାଇପ୍-୨ ମଧୁମେହ ହେବାର ଆଶଙ୍କା ଖୁବ କମ ରହିଥାଏ । ସେହିପରି ଓବିସିଟି ହେବାର ଆଶଙ୍କା ମଧ୍ୟ ୨୦ ପ୍ରତିଶତ ପର୍ଯ୍ୟନ୍ତ କମିଥାଏ । କେବଳ କିଶୋର ଅବସ୍ଥା ନୁହେଁ ପୁରା ଜୀବନ ଭଲରେ କଟିଥାଏ । ଏହି କାରଣରୁ କିଛି ଦେଶରେ ବେବି ଫୁଡରେ ଆଡ୍‌ଡେ ସୁଗାର ଉପରେ ବ୍ୟାନ୍ ମଧ୍ୟ ଲଗାଯାଇଛି । ଡବ୍ଲୁଏଚ୍‌ଓ ତଥ୍ୟ ଅନୁସାରେ ପିଲାଙ୍କ ବିକାଶ ଉପରେ ଚିନିର ନକରାତ୍ମକ ପ୍ରଭାବ ରହିଛି । ଚିନିର ପ୍ରଭାବ ଉଭୟ ଶାରିରୀକ ଓ ମାନସିକ ଅବସ୍ଥା ଉପରେ ପଡିଥାଏ । ଏହା ସେମାନଙ୍କ ସ୍ମୃତି ଶକ୍ତି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ତେଣୁ ଯଥା ସମ୍ଭବ ଚେଷ୍ଟା କରନ୍ତୁ ଛୁଆଙ୍କୁ ଚିନି ଖାଇବା ଠାରୁ ଦୂରରେ ରଖିବାକୁ । ସବୁବେଳେ ନିଜ ଶିଶୁର ଖାଦ୍ୟ ଡାକ୍ତରଙ୍କୁ ପଚାରି ପ୍ରସ୍ତୁତ କରନ୍ତୁ ।



## ଅମିରଙ୍କୁ ଭାବିଲେ ଅଜଣା ବ୍ୟକ୍ତି

ମହାରାଜା ଫେମ୍ ଶାଲିନି ପାଣ୍ଡେ ନିଜ ଅଭିନୟ ପାଇଁ ବେଶ୍ ଚର୍ଚ୍ଚା ସାଉଁଟିବା ସହିତ ଲାଇମ୍ ଲାଇଟ୍‌ରେ ରହିଛନ୍ତି । ତେବେ ନିକଟରେ ଏକ ଅଜବ ଘଟଣା ବିଷୟରେ ସେ ସାକ୍ଷାତକାରରେ ବଖାଣିଛନ୍ତି । ସେ ସୁପରଷ୍ଟାର ଅମିର ଖାନ୍‌ଙ୍କୁ ଚିହ୍ନି ପାରିନଥିବା କହିଛନ୍ତି । ମହାରାଜାରେ ସେ ଅମିର ଖାନ୍‌ଙ୍କ ପୁଅ ଜୁନୈଦ ଖାନ୍‌ଙ୍କ ସହିତ ନଜର ଆସିଛନ୍ତି । ତେବେ ଫିଲ୍ମର ସକ୍‌ସେସ୍ ପାର୍ଟିରେ ଯିବା ଆଗରୁ ତାଙ୍କ ପାଖକୁ ଏକ ମେସେଜ୍ ଆସିଥିଲା, ଯେଉଁଥିରେ ଲେଖାଥିଲା କି ସେ ଏହି ପାର୍ଟିରେ ସାମିଲ ହେଉଛନ୍ତି କି ନାହିଁ । ଏହାର ଉତ୍ତରରେ ସେ କିଏ ବୋଲି ମେସେଜ୍ କରିଥିଲେ । ଏହାପରେ ତାଙ୍କୁ ଆଉ ଏକ ମେସେଜ୍ ଆସିଥିଲା ଯେଉଁଥିରେ ଲେଖାଥିଲା ମୁଁ ଜୁନୈଦ୍‌ର ବାପା । ତଥାପି ଶାଲିନି ଜାଣିପାରିନଥିଲେ କି ଅମିର ଖାନ୍ ନିଜେ ତାଙ୍କୁ ଏହି ମେସେଜ୍ ଦେଉଛନ୍ତି । ଏହାର ଉତ୍ତର ବି ସେ କିଏ ବୋଲି ପଚାରିଥିଲେ । ଯାହାପରେ ଅମିର ନିଜର ପରିଚୟ ଦେଇଥିଲେ । ଆଜି ବି ଏହି ଘଟଣାକୁ ଭାବି ଶାଲିନି ଖୁବ ହସନ୍ତି । ସେହିଭଳି ଅମିର ହୃଦୟରୁ ଜଣେ ଖୁବ ଭଲ ମଣିଷ ବୋଲି ଶାଲିନି ପ୍ରକାଶ କରିଛନ୍ତି ।

## ସୋସିଆଲ କୋଟ୍ସ



ଶ୍ରେୟସ ଯେତେବେଳେ ଡାକ୍ତରଖାନାରେ ଥିଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅକ୍ଷୟ କୁମାର ସବୁ ଅପଡେଟ୍ ନେଉଥିଲେ । ଏପରିକି ସେ ତୁରନ୍ତ ତାଙ୍କ ସହ ଦେଖା କରିବାକୁ ମଧ୍ୟ ଚେଷ୍ଟା କରିଥିଲେ ।
**ଦିପ୍ତି ତଲପଡେ, ଶ୍ରେୟସଙ୍କ ପତ୍ନୀ**



ମୋର ରଙ୍ଗର ପ୍ରଭାବ ବିଦେଶୀ ଦର୍ଶକଙ୍କ ଉପରେ କେବେ ବି ପଡିନି । ରଙ୍ଗ ଗୋରା ନହୋଇ ମଧ୍ୟ ମୋର ବିଦେଶରେ କ୍ରେଜ ରହିଛି । ସମସ୍ତେ ମୋ ଗୀତକୁ ସବୁବେଳେ ଭଲ ପାଇବା ଦେଇଛନ୍ତି ।
**ଗୁରୁ ରନ୍ଧାୱା, ସିଙ୍ଗର**



ସଙ୍ଗୀତ 'କୋଲାବରୀ-ଡି'ରୁ ଫିଲ୍ମକୁ କୌଣସି ଲାଭ ମିଳିନଥିଲା । ଏବେ ପର୍ଯ୍ୟନ୍ତ ବୁଝି ନାହିଁ କି ସେହି ଗୀତଟି ଏତେ ମାତ୍ରାରେ କଣ ପାଇଁ ହିଟ୍ ହୋଇଥିଲା । ଏହା ମୋତେ ଖୁବ ଆଶ୍ଚର୍ଯ୍ୟ କରିଥିଲା ।
**ଐଶ୍ୱର୍ଯ୍ୟା ରଜନୀକାନ୍ତ, ନିର୍ଦ୍ଦେଶକ**

## ଜଫରାନି ଚିକେନ କୋରମା

**ସାମଗ୍ରୀ :** ୫୦୦ ଗ୍ରାମ ଚିକେନ୍, ୩-୪ ଚାମଚ ଭଜା ପିଆଜ, ଏକ ଚାମଚ ରସୁଣ ପେଷ୍ଟ, ଏକ ଚାମଚ ଅଦା ପେଷ୍ଟ, ଅଧା କପ୍ ପିଆଜ ପେଷ୍ଟ, ଏକ ଚାମଚ ପୋସ୍ତ, ଜାଇଫଳ ଗୁଣ୍ଡ ଅଧା ଚାମଚ, ଅଧା କପ୍ କ୍ରିମ୍, ଅଧା କପ୍ କ୍ଷୀର, ଦେଢ କପ୍ କାଜୁ ପେଷ୍ଟ, ଦୁଇ ଚାମଚ ଘିଅ, ଲୁଣ ସ୍ୱାଦ ଅନୁସାରେ, ଚିନି ସ୍ୱାଦଅନୁସାରେ (ନଦେଲେ ବି ଚଳିବ), କଞ୍ଚା ଲଙ୍କା ୨-୩ଟି, ୨ ଚାମଚ କ୍ଷୀରରେ ଭିଜା ଯାଇଥିବା କେଶର, କେଓ୍ୱଡା ଜଳ ଅଳ୍ପ ।

**ପ୍ରଣାଳୀ–** ପ୍ରଥମେ ଏକ ବଡ ପାତ୍ରରେ ଘିଅ ଗରମ କରନ୍ତୁ । ଏଥିରେ ଖଣ୍ଡ ଗରମ ମସଲା ପକାଇ ଭାଜନ୍ତୁ । ପରେ ଏଥିରେ ଚିକେନ୍ ପକାଇ କିଛି ସମୟ ପାଇଁ ଭାଜନ୍ତୁ । ଏକ ଅଲଗା ପାତ୍ରରେ ପିଆଜ ପେଷ୍ଟ, ଭଜା ପିଆଜ, ଅଦା ପେଷ୍ଟ, ରସୁଣ ପେଷ୍ଟ, ଜାଇଫଳ ଗୁଣ୍ଡ, ପୋସ୍ତ ବଟା, ଲୁଣ ମିଶାଇ ଗୋଳାନ୍ତୁ । ଏହି ମିଶ୍ରଣକୁ ଚିକେନ୍‌ରେ ଗୋଳାନ୍ତୁ ଏବଂ ରାନ୍ଧନ୍ତୁ । ମଝିରେ ମଝିରେ ଏଥିରେ ପାଣି ଦେଇ ଏହାକୁ ରାନ୍ଧନ୍ତୁ । ଚିକେନ୍ ସିଝିବା ପର୍ଯ୍ୟନ୍ତୁ ଏହାକୁ ରାନ୍ଧନ୍ତୁ । ଚିକେନ୍‌ରୁ ପାଣି ମରିବା ପରେ ଏଥିରେ କ୍ରିମ୍ ଓ କ୍ଷୀର ମିଶାନ୍ତୁ । ଏହି ସମୟରେ ଘୋଡଣି ଘୋଡାନ୍ତୁ ନାହିଁ । ବର୍ତ୍ତମାନ ଏଥିରେ କଞ୍ଚାଲଙ୍କା ପକାନ୍ତୁ । ଏହାପରେ ଏଥିରେ କେଶର ଓ ଅଳ୍ପ ଚିନି ମିଶାନ୍ତୁ । ଶେଷରେ କେଓ୍ୱାଡା ଜଳ ଅଳ୍ପ ପରିମାଣରେ ପକାଇ ଗ୍ୟାସ ବନ୍ଦ କରିନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଜଫରାନି ଚିକେନ କୋରମା ।





ସାବରମତୀ ରିପୋର୍ଟ ଚଳଚ୍ଚିତ୍ରକୁ ଟିକସମୁକ୍ତ କରିଥିବାରୁ ନିର୍ମାତା ଏକ୍ତା କାପୁର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବିଧାନସଭା ପ୍ରକୋଷ୍ଠରେ ଭେଟି ଧନ୍ୟବାଦ ଦେଉଛନ୍ତି



ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରେ ସ୍ୱାଗତ କରୁଛନ୍ତି ।

## ୫ବର୍ଷରେ ମଲେଣି ୩୪ କଲରାପତରିଆ ବାଘ

### ୩୦ ମହାବଳ, ୬୯୬ କଲରାପତରିଆ ବାଘ ଅଛନ୍ତି

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ବିଭିନ୍ନ ଜଙ୍ଗଲରେ କଲରାପତରିଆ ବାଘର ବିଭିନ୍ନ କାରଣରୁ ମୃତ୍ୟୁ ହୋଇଛି । କେଉଁଠି ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବାବେଳେ ଆଉ କେଉଁଠି ଶୀକାରୀ ମାରିଛନ୍ତି । ୫ବର୍ଷ ଭିତରେ ମୋଟ ୩୪ଟି କଲରାପତରିଆ ବାଘଙ୍କ ମୃତ୍ୟୁ ଘଟିଛି ।

ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି । ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଉତ୍ତରରେ ଦର୍ଶାଇଛନ୍ତି ଯେ, ରାଜ୍ୟର ବିଭିନ୍ନ ଜଙ୍ଗଲରେ ୨୦୧୯-୨୦ ଠାରୁ ୨୦୨୪-୨୫ ସୁଦ୍ଧା ଅର୍ଥାତ ୫ବର୍ଷ ଭିତରେ ୩୪ଟି କଲରାପତରିଆ ବାଘ ମୃତ୍ୟୁବରଣ କରିଛନ୍ତି । ସେଥି ମଧ୍ୟରୁ ଶୀକାରୀଙ୍କ ଦ୍ୱାରା ୧୭ ବାଘ ଶୀକାର ହୋଇଥିବାବେଳେ ବିଦ୍ୟୁତ ଆଘାତରେ ୩, ରେଳ ଦୁର୍ଘଟଣାରେ ଗୋଟିଏ, ରାସ୍ତା ଦୁର୍ଘଟଣାରେ ୩, ରୋଗ ଦ୍ୱାରା ୩, ପ୍ରକୃତିକ ଭାବେ ୪ ଏବଂ ୩ଟି ବାଘର ମୃତ୍ୟୁର କାରଣ ଅସ୍ୱଷ୍ଟ ରହିଛି । ଏହାସହ ୩ଟି ମହାବଳ ବାଘ ମୃତ୍ୟୁବରଣ କରିଛନ୍ତି । ସେଥିମଧ୍ୟରୁ ଗୋଟିଏ ବାଘକୁ ଶୀକାର ଦ୍ୱାରା ମରା ଯାଇଥିବାବେଳେ ନିଜ ଭିତରେ କଳହ କରି ଗୋଟିଏ ଏବଂ ଗୋଟିଏ ମହାବଳ ବାଘର ମୃତ୍ୟୁର କାରଣ ଅସ୍ୱଷ୍ଟ ରହିଛି । ଅଲ୍ ଓଡ଼ିଶା ଟାଇଗର ଏଷ୍ଟିମେସନ ରିପୋର୍ଟ ତଥ୍ୟ ଅନୁସାରେ ବର୍ତ୍ତମାନ ଓଡ଼ିଶାରେ ୩୦ଟି ମହାବଳ ବାଘ ଅଛନ୍ତି । ସେହିପରି ଅଲ୍ ଓଡ଼ିଶା ଲିଓପାର୍ଡ ଏଷ୍ଟିମେସନ ରିପୋର୍ଟ ଅନୁଯାୟୀ ୬୯୬ କଲରାପତରିଆ ବାଘ ଅଛନ୍ତି ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## କନିଷ୍ଠ ଇଞ୍ଜିନିୟରିଂ ପଦ ପାଇଁ ଡିଗ୍ରୀଧାରୀ କରିପାରିବେନି ଆବେଦନ

କଟକ,(ସବ୍ୟୁ): କନିଷ୍ଠ ଇଞ୍ଜିନିୟରିଂ ପଦ ଲାଗି ଡିଗ୍ରୀଧାରୀ ଇଞ୍ଜିନିୟରମାନେ ଆବେଦନ କରିପାରିବେ ନାହିଁ ।କାନଗିରିଜିଲ୍ଲାରବାସିନ୍ଦାଙ୍କ ଏହି ପଦଲାଗି କେବଳ ଡିପ୍ଲୋମାଧାରୀ ଇଞ୍ଜିନିୟରମାନେ ଆବେଦନ କରିପାରିବେ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ ରାୟରେ କହିଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଡିପ୍ଲୋମାଧାରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । କମଳ କୁମାର ବେହେରା ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି । ଚଳିତବର୍ଷ ହଜାରେରୁ ଅଧିକ କନିଷ୍ଠ ଇଞ୍ଜିନିୟରିଂ ପଦରେ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ପଦଲାଗି କେବଳ ଡିପ୍ଲୋମାଧାରୀମାନେ ଆବେଦନ କରିପାରିବେ ବୋଲି କୁହାଯାଇଥିଲା । ଏହାକୁ ଚାଲେଞ୍ଜ କରି ଇଞ୍ଜିନିୟର ଡିଗ୍ରୀଧାରୀମାନେ ହାଇକୋର୍ଟକୁ ଆସିଥିଲେ । ସେମାନଙ୍କର ପ୍ରାର୍ଥନା ଥିଲା ଯେ, ଡିପ୍ଲୋମା ଠାରୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଅଧିକ ରହିଛି । ତେଣୁ ଏହି ଇଞ୍ଜିନିୟର ପଦଲାଗି ସେମାନଙ୍କୁ ଆବେଦନ କରିବାକୁ ଅନୁମତି ମିଳୁ । ପ୍ରଥମେ ହାଇକୋର୍ଟ ଆବେଦନକାରୀଙ୍କୁ ଅନୁମତି ଦେଇଥିଲେ । କିନ୍ତୁ ଏହି ପଦଲାଗି ଡିଗ୍ରୀଧାରୀ ପରୀକ୍ଷା ଦେଲେ ମଧ୍ୟ ଅଦାଲତଙ୍କ ଅନୁମତି ବିନା ପରୀକ୍ଷାଫଳ ପ୍ରକାଶ ପାଇପାରିବ ନାହିଁ ବୋଲି ଅନ୍ତରୀଣ ଆଦେଶରେ ସ୍ୱଷ୍ଟ କରିଥିଲେ । ଏହି ମାମଲାରେ ଡିପ୍ଲୋମାଧାରୀ ମିସ୍କେସ୍ ରୁଜୁ କରିଥିଲେ । ଏହାପରେ ଅଦାଲତ ପୂର୍ବ ଆଦେଶରେ ସଂଶୋଧନ କରିଥିଲେ । ଡିଗ୍ରୀଧାରୀଙ୍କ ପରୀକ୍ଷା ଉପରେ ରୋକ୍ ଲାଗିଥିଲା ଟା କିନ୍ତୁ ମାମଲାର ଶୁଣାଣି ଚାଲିଥିଲା । ଡିପ୍ଲୋମାଧାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଯୁକ୍ତିରେ ଦର୍ଶାଇଥିଲେ ଯେ, ଏହି ପଦଲାଗୀ କେଉଁମାନେ ଆବେଦନ କରିପାରିବେ ସେଥିପାଇଁ ଓଡ଼ିଶା ସରକାରଙ୍କ ଏକ ରୁଲ୍ ରହିଛି । ଏହି ରୁଲ୍ ଅନୁସାରେ କେବଳ ଡିପ୍ଲୋମାଧାରୀମାନେ କନିଷ୍ଠ ଇଞ୍ଜିନିୟର ପଦଲାଗି ଆବେଦନ କରିପାରିବେ ବୋଲି କୁହାଯାଇଛି । ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ଡିଗ୍ରୀଧାରୀଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି । ବରିଷ୍ଠ ଆଇନଜୀବି ଶ୍ରୀ ମିଶ୍ରଙ୍କୁ ଆଇନଜୀ ତନ୍ମୟ ମିଶ୍ର ଏହି ମାମଲା ପରିଚାଳନାରେ ସହଯୋଗ କରିଥିଲେ ।

### କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ବେତନଟୀ (ସବ୍ୟୁ)। ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳିପୁରା ପଞ୍ଚାୟତ ସ୍ଥିତ କୃଷ୍ଣ ଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ବିଦ୍ୟାଳୟ ପରିସର ଉତ୍ସବ ମୁଖର ହୋଇ ଉଠିଛି । ଆସନ୍ତା ଡିସେମ୍ବର ୭ ଓ ୮ ତାରିଖ ଦୁଇ ଦିନ ଏହି କାର୍ଯ୍ୟକ୍ରମ କରାଯିବାର ସ୍ଥିର କରାଯାଇଛି । ବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ ତରଫରୁ ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବର୍ତ୍ତମାନର ଶିକ୍ଷକ/ଶିକ୍ଷିକା , ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

## କାଲି ହତ୍ୟା ଉଦ୍ୟମ, ଆଜି ହତ୍ୟା

ଭୁବନେଶ୍ୱର, (ସବ୍ୟୁ) : ଗତକାଲି (ସୋମବାର) ଜଣେ ଯୁବକଙ୍କୁ ଅପହରଣ କରିନେଇ ଦୁର୍ବୃତ୍ତମାନେ ହତ୍ୟା ଉଦ୍ୟମ କରୁଥିବା ବେଳେ ଆଜି (ମଙ୍ଗଳବାର) ଆଉ ଜଣେ ଯୁବକଙ୍କୁ ହତ୍ୟା କରି ରେଳ ଲାଇନ ତଳ ଡ୍ରେନ୍‌ରେ ପକାଇ ଦେଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି । ଦୁଇଟି ଘଟଣାରେ ପୋଲିସ ତଦନ୍ତ ଜାରି ରହିଥିବା ବେଳେ ହତ୍ୟା ଉଦ୍ୟମ ଘଟଣାରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ।

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ଗାଁର ସନ୍ତୋଷ ପଣ୍ଡାଙ୍କୁ ଯୁବକମାନେ ଏକ ସ୍କର୍ପିଓରେ ଅପହରଣ କରିନେଇ ନନ୍ଦନକାନନ ଥାନା ଅନ୍ତର୍ଗତ ନଦୀ ପଠାରେ ତାଙ୍କ ଦୁଇଗୋଡକୁ ଗୁଳି ମାରିବା ସହ ହାଣି ଖିନ୍‌ଭିନ୍ କରିଦେଇଛନ୍ତି । ସେ ପଙ୍ଗୁ ହେଲା ଭଳି ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ । ଲୋକଙ୍କ ଠାରୁ ଖବର ପାଇ ନନ୍ଦନକାନନ ଥାନାର ପିସିଆର୍ ଯାଇ ସନ୍ତୋଷଙ୍କୁ ଘଟଣାସ୍ଥଳରୁ ଆଣି ମେଡିକାଲ ଚିକିତ୍ସା ପାଇଁ ପଠାଇଥିଲା । ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ମଙ୍ଗଳବାର ମଞ୍ଚେଶ୍ୱର ଥାନାରେ ଅପହରଣ ଓ ହତ୍ୟା ଉଦ୍ୟମ ଅଭିଯୋଗ କରିଛନ୍ତି । କାରଣ ତାଙ୍କ ଘର ମଞ୍ଚେଶ୍ୱର ଥାନା ଅଞ୍ଚଳରେ । ଡିସିପିଙ୍କ ପୀନାକ ମିଶ୍ରଙ୍କ କହିବାନୁଯାୟୀ ଏହି ଘଟଣାରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଯେଉଁମାନେ ଘଟଣା ସହ ସମ୍ପୃକ୍ତ ଥିବେ ସମସ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ । ଜମିବାଡି ବିବାଦରୁ ଦୁର୍ବୃତ୍ତମାନେ ସନ୍ତୋଷକୁ ହତ୍ୟା ଉଦ୍ୟମ କରିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଥିବା ବେଳେ ଡିସିପି ମଧ୍ୟ ସମାନ କଥା କହିଛନ୍ତି ।

ଧିରିକୁଟି ସାହି ମୀନା ମଦଭାଟି ସାମ୍ନା ରେଳଧାରଣା ତଳ ବଡ ଡ୍ରେନ୍‌ରୁ ଜଣେ ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର କରିଛି ଜିଆର୍‌ପି ପୋଲିସ । ଯୁବକଙ୍କ ମୁଣ୍ଡ ପଛପଟ ଫାଟିଯାଇଥିବା ବେଳେ ତାଙ୍କ ପାଟି ଓ କାନରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା । ଏଥିସହ ତାଙ୍କ ବାମପଟ ଆଖି ପାଖରେ ମଧ୍ୟ କ୍ଷତଚିହ୍ନ ଅଛି । ସ୍ଥାନୀୟ ଲୋକଙ୍କ କହିବା କଥା ମୁଖ୍ୟ ରାସ୍ତା ପାଖରେ ମଙ୍ଗଳବାର ରାତିରେ କେହି ମାର୍‌ପିଟ୍ ହେଉଥିଲେ । ଭୟରେ ଆମେ କବାଟ ବନ୍ଦ କରିଦେଇଥିଲୁ । ହୁଏତ ସେମାନେ ସମ୍ପୃକ୍ତ ଅଚିହ୍ନା ଯୁବକଙ୍କୁ ହତ୍ୟା କରି ସେଠାରେ ପକାଇ ଦେଇଥାଇପାରନ୍ତି । ଖବର ପାଇ ମଞ୍ଚେଶ୍ୱର ଜିଆର୍ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିଚୟ ପାଇଁ ସନ୍ଧାନ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ଉପାୟଶୂନ୍ୟ ହୋଇ ପୋଲିସ ଶବକୁ ନେଇ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇବା ପରେ ସଂରକ୍ଷିତ ରଖିଛି । ସ୍ଥାନୀୟ ଲୋକଙ୍କ କହିବା କଥା ହତ୍ୟାକାରୀମାନେ ଜାଣିଶୁଣି ହତ୍ୟା କରିବା ପରେ ରେଳଧାରଣା ତଳେ ଡ୍ରେନ୍‌ରେ ପକାଇ ଦେଇଛନ୍ତି, ଅପମୃତ୍ୟୁ ମାମଲା ହେବା ପାଇଁ । ପରିଚୟ ନମିଳିବାରୁ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ଦେଇଛି ।

## ପାନୀୟ ଜଳ ପ୍ରକଳ୍ପ ବିଳମ୍ବ ନେଇ ଉଦ୍‌ବେଗ

ଭୁବନେଶ୍ୱର(ସବ୍ୟୁ): ମେଗା ପାନୀୟ ଜଳ ପ୍ରକଳ୍ପ କାମ ସରୁନି । ରାସ୍ତାଘାଟ ଖୋଳି ନଷ୍ଟ କରି ଦେଲେ । ଲୋକଙ୍କ ପାଖରେ ପାଇପ ଯୋଗେ ପାଣି ପହଞ୍ଚୁନି । ପାଇପ୍ ପାଣି ନପହଞ୍ଚିବା ଯାଏଁ ନଳକୂପ ଦିଅନ୍ତୁ । ପ୍ରତି ବିଧାୟକଙ୍କୁ ନିର୍ବାଚନମଣ୍ଡଳୀ ପାଇଁ ଅନ୍ୟୁନ ୧୦୦ଟି ନଳକୂପ ଦିଆଯାଉ । ବିଧାନସଭାରେ ବିଧାୟକମାନେ ଏଭଳି ଉଦ୍‌ବେଗ ପ୍ରକାଶ କରିଥିଲେ ।

ମେଗା ପାଇପ୍ ପାଣି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ଅଭିଯୋଗକୁ ସ୍ୱୀକାର କରିଥିଲେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ । ପୂର୍ବ ସରକାର ଓ ଠିକା ସଂସ୍ଥାକୁ ସବୁ ଦୋଷ ଦେଇଥିଲେ । ମୂଳପ୍ରଶ୍ନକର୍ତ୍ତା ବିଧାୟକ ସୌଭିକ ବିଶ୍ୱାଳଙ୍କ ପ୍ରାନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ, ପୂର୍ବ ସରକାର ସମୟରେ ଠିକାଦାରମାନେ ମଲେଇ ଖାଇ ପଳେଇଛନ୍ତି । କେବଳ ପାଇପ୍ ବିଛାଇ ୫୮% ଟଙ୍କା ନେଇ ପଳାଇଛନ୍ତି । ସହଜ କାମ କରିଦେଲେ । ହେଲେ କଷ୍ଟ କାମ ଏବେ ବି ବାକି ଅଛି । ଇନଟେକ୍ ୱାଲ୍, ଜଳ ବିଶୋଧନ ପ୍ରକ୍ରିୟା, ପଭର ହେଡ୍ ଟ୍ୟାଙ୍କ କାମ ପ୍ରକ୍ରିୟା ବାକି ଅଛି । ନିର୍ମାଣଜନିତ କାମ ସବୁ ବାକି ଥିବାବେଳେ ଠିକା କମ୍ପାନି ଖାଲି ପାଇପ୍ ବିଛାଇ ଦେଇଛି । ସେଥିପାଇଁ ପ୍ରକଳ୍ପଗୁଡ଼ିକ ବିଳମ୍ବ ହୋଇଛି। । ଯିଏ ଭୁଲ୍ କରିବେ, କାହାରିକୁ ଛଡ଼ାଯିବନି। ଆବଶ୍ୟକ ପଡ଼ିଲେ ଏଜେନ୍ସିକୁ କଳା ତାଲିକାଭୁକ୍ତ କରାଯିବ । ଏକ କମ୍ପାନିକୁ ଗୋଟିଏ ପ୍ରକଳ୍ପ ପାଇଁ ୮ କୋଟି ଟଙ୍କା ଜରିମାନା କରାଯାଇଛି । ପୂର୍ବରୁ ହୋଇଥିବା ଭୁଲ୍ ପାଇଁ ଏବେ ଆମେ କଷ୍ଟ ଭୋଗୁଛୁ । ବର୍ତ୍ତମାନ କାମକୁ ତ୍ୱରିତ ବେଗରେ କରାଯାଉଛି । ୧୫ ଦିନରେ ଯେଉଁ କାମ ହେବା କଥା, ତାହାକୁ ସପ୍ତାହରେ ଶେଷ କରିବାକୁ କୁହାଯାଇଛି । ଅଧାଦିନରେ କାମ କରାଯାଉଛି । ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ । ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରି ସ୍ଥିତି ପରଖିବା ନେଇ ସେ ପ୍ରତିଶ୍ରୁତି ଦେଇଥିଲେ ।

ମନ୍ତ୍ରୀ ଶ୍ରୀ ନାଏକ କହିଲେ, ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାରେ

### ପୂର୍ବ ସରକାରକୁ ଦୋଷ ଦେଲେ ମନ୍ତ୍ରୀ

### ପାଇପ୍ ବିଛାଇ ଠିକାଦାର ମଲେଇ ଖାଇ ପଳାଇଛନ୍ତି

୧୬ଟି ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ଯୋଗାଣ ପ୍ରକଳ୍ପର କାମ ପୂର୍ଣ୍ଣାଙ୍ଗ ହୋଇଛି । ୧୯୧ଟି ପ୍ରକଳ୍ପ ନିର୍ମାଣାଧୀନ ଅଛି । ନିର୍ମାଣାଧୀନ ଥିବା ୧୯୧ଟି ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତିକୁ ଅନୁଧ୍ୟାନ କରି ସେଗୁଡ଼ିକୁ ତିନୋଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ କରିବାକୁ ପଦକ୍ଷେପ ନିଆଯାଉଛି । ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୦୨୫ ସୁଦ୍ଧା ୫୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ । ସେହିପରି ୨୦୨୫ ଡିସେମ୍ବର ସୁଦ୍ଧା ୫୪ଟି ପ୍ରକଳ୍ପର କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ୨୦୨୨ର ଓ ୨୦୨୩ରେ ଆରମ୍ଭ ହୋଇଥିବା ବାକି ୮୧ଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପକୁ ଜୁନ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି ।

ସିଦ୍ଧାନ୍ତ ମହାପାତ୍ର ପାନୀୟ ଜଳ ପ୍ରକଳ୍ପର ମୂଳ ଉତ୍ସ ଚିହ୍ନଟ ନ ହେବା, ପ୍ରକଳ୍ପ ପାଇଁ ରାସ୍ତା ନଷ୍ଟ ହେବା, ପାଇପ ଫାଟିବା ନେଇ ଚିନ୍ତା ପ୍ରକଟ କରିବା ସହ ଭୁଲ୍ କାମ ନେଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିଧାୟକ ଗଣେଶ୍ୱର ବେହେରା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ବିଧାୟକ ଭାସ୍କର ମଢ଼େଇ କହିଲେ, ପିଇବା ପାଣି ସମସ୍ୟା ଥିବାରୁ ବିଧାୟକମାନଙ୍କୁ ୫୦ଟି ଲେଖାଏଁ ନଳକୂପ ଦିଆଯାଉ। ସିଏସ୍ ରାଜନ ଏକ୍କା, ତାରାପ୍ରସାଦ ବାହିନୀପତି, ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ କହିଲେ, ପାନୀୟ ଜଳ ସଙ୍କଟ ଦୂର ପାଇଁ ବିଧାୟକମାନଙ୍କୁ ୧୦୦ଟି ଲେଖାଏଁ ନଳକୂପ ଅନୁମୋଦନ କରିବାର ବ୍ୟବସ୍ଥା କରାଯାଉ। ବିଧାୟକ ଇରାଶିଷ ଆଚାର୍ଯ୍ୟ, ପ୍ରଶାନ୍ତ ବେହେରା, ରଘୁନାଥ ଜଗଦଲା, ବଦ୍ରିନାରାୟଣ ପାତ୍ର, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ପ୍ରମୁଖ ନିଜ ଅଞ୍ଚଳର ପାନୀୟ ଜଳ ପ୍ରକଳ୍ପ ଓ ପିଇବା ପାଣି ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ମନ୍ତ୍ରୀ ଶ୍ରୀ ନାଏକ କହିଲେ, ପାନୀୟ ଜଳ ସଙ୍କଟ ଅଞ୍ଚଳରେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି । ଯେଉଁଠି ପାଣି ପହଞ୍ଚୁନି, ସେଠାରେ ନଳକୂପ କିମ୍ବା ସୌରଶକ୍ତି ପ୍ରକଳ୍ପ ବ୍ୟବସ୍ଥା କରାଯିବା। ଯେଉଁଠି ଦରକାର, ସେଠାରେ ନଳକୂପ ବ୍ୟବସ୍ଥା ହେବା।

## ବିଧାନସଭା



### ଗୃହରେ ଶାସକ-ବିରୋଧୀ ସଭ୍ୟଙ୍କ ଏକ ସ୍ୱର

## ବିଧାୟକଙ୍କ ଦରମା, ପୂର୍ବତନ ବିଧାୟକଙ୍କ ପେନସନ ବଢ଼ୁ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଦରଦାମ ବଢ଼ିଛି । ଅଷ୍ଟପ୍ରହରୀ, ଗଣେଶ ପୂଜା, କାଳୀ ପୂଜା, ରଥଯାତ୍ରା, ବାହାଘର, ବ୍ରତ ଘର ସବୁଠି ଟଙ୍କା ଦେବାକୁ ପଡ଼ିଥାଏ । ସେହି ଅନୁପାତରେ ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ ବଢୁନି । ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ ବୃଦ୍ଧି କରାଯାଉ । ଏହାସହ ବିଧାୟକ ଉନ୍ନୟନ ପାଣ୍ଠି ୩ କୋଟିରୁ ୫ କୋଟି ଟଙ୍କାକୁ ବଢ଼ାଯାଉ ବୋଲି ଶାସକ ଓ ବିରୋଧୀ ସଭ୍ୟଙ୍କ ଏକ ସ୍ୱରରେ ଗୃହରେ ଦାବି ଉପସ୍ଥାପନା କରିଥିଲେ ।

ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବଜାର ଦରଦାମ କେତେ? ସ୍ୱାସ୍ଥ୍ୟ ଖର୍ଚ୍ଚ କେତେ ହେଉଛି ଅନୁଭବ କରିପାରୁଥିବେ । ତେଣୁ ପୂର୍ବତନ ବିଧାୟକମାନଙ୍କ ପେନସନ ବୃଦ୍ଧି କରାଯାଉ । ଏଥିପାଇଁ ପୂର୍ବରୁ ଏକ କମିଟି ମଧ୍ୟ ହୋଇଥିଲା । ତେଣୁ ପେନସନ ସହ ବିଧାୟକମାନଙ୍କର ଦରମା ବଢ଼ାଇବା ଦରକାର । ଓଡ଼ିଶାରେ ବିଧାୟକମାନଙ୍କ ଦରମା କ୍ଷେତ୍ରରେ ଦେଶରେ ୨୭ ନମ୍ବର ସ୍ଥାନରେ ଅଛି । ଯଦି ନୂଆ କମିଟି ଆବଶ୍ୟକ, ବାଚସ୍ପତି ନୂଆ କମିଟି କରି ଦରମା ଓ ପେନସନ ବୃଦ୍ଧି କରନ୍ତୁ । ବିଧାୟକମାନଙ୍କ ଦରମା ଅଢ଼େଇ ଲକ୍ଷ ଏବଂ ପୂର୍ବତନ ବିଧାୟକମାନଙ୍କ ପେନସନ ୭୦ ହାଜର କରାଯାଉ ବୋଲି ପୂର୍ବରୁ କମିଟି ସୁପାରିସ କରିଛି । ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି, ବିଧାୟକ ଉନ୍ନୟନ ପାଣ୍ଠି ୩ କୋଟି ଟଙ୍କା ଦିଆଯାଉଛି, ଯାହା ଯଥେଷ୍ଟ ନୁହେଁ । ଏମଏଲଏ ଲାଡ ୫ କୋଟି ଟଙ୍କା କରାଯାଉ । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନସନ ବୃଦ୍ଧି ସହ ବିଧାୟକ ଉନ୍ନୟନ ପାଣ୍ଠି ବୃଦ୍ଧି କରାଯାଉ ।

ଶାସକ ବିଧାୟକ ଭାସ୍କର ମଢ଼େଇ କହିଛନ୍ତି, ଆଜିକା ଦିନରେ ବିଧାୟକମାନଙ୍କ ଯନ୍ତ୍ରଣା ଓ ଦୁଃଖ ବଢ଼ିଯାଇଛି । ବିଧାୟକମାନେ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇ ସାହାର୍ଯ୍ୟ ଆକାରରେ ଟଙ୍କା ଦେଇଥାନ୍ତି । ଗଣେଶ ପୂଜାରୁ ଆରମ୍ଭ ହୁଏ ରଥଯାତ୍ରାରେ ଶେଷ ହୁଏ । ପୂର୍ବ ସରକାରରେ ଆମେ ବିରୋଧୀ ଦଳରେ ଥିଲୁ, ସମସ୍ତଙ୍କ ସହମତିରେ ବିଧାୟକଙ୍କ ଦରମା ବୃଦ୍ଧି ପାଇଁ ଦାବି କରାଯାଇଥିଲା ।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଆଇଏଏସ ଅଫିସରଙ୍କର କୌଣସି ଅସୁବିଧା ନାହିଁ । ଅବସର ପରେ ବି କୋଠା ଘରେ ରହୁଛନ୍ତି, କିନ୍ତୁ ବିଧାୟକମାନଙ୍କର ହୃଦୟ ନିର୍ମଳ, ପ୍ୟାକେଟ ଖାଲି । ନିର୍ବାଚନ ମଣ୍ଡଳୀରେ ଲୋକମାନେ ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ବିଧାୟକମାନଙ୍କୁ ଦାବି ଜଣାଉଛନ୍ତି । ତେଣୁ ଏମଏଲଏ ଲାଡ ବୃଦ୍ଧି କରି ୫ କୋଟି ଟଙ୍କା କରାଯାଉ । ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ବୀମା ମଧ୍ୟ ୨୦ ଲକ୍ଷକୁ ବୃଦ୍ଧି କରାଯାଉ । ଏ ପ୍ରସଙ୍ଗରେ ବିଧାୟକ ସନାତନ ବିଜୁଳି ଓ ସୀମାରାଣୀ ନାୟକ ବି ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ ବୃଦ୍ଧି ପାଇଁ ଦାବି କରିଛନ୍ତି ।

### ଦରଦାମ ବୃଦ୍ଧିରେ ଔଷଧ ଖର୍ଚ୍ଚ ପାଇଁ ଅଣ୍ଟୁନି ଟଙ୍କା

### ବିଧାୟକ ଉନ୍ନୟନ ପାଣ୍ଠି ୩ରୁ ୫ କୋଟି ବୃଦ୍ଧି ଦାବି

### ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟ ଜଣାଇବି କହିଲେ ବାଚସ୍ପତି

ଏହି ପ୍ରସଙ୍ଗରେ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ବିଧାୟକମାନେ ଉଠାଇଥିବା ଦାବିରେ ସମସ୍ତଙ୍କ ସହମତି ରହିବା ଭଳି ପ୍ରତୀୟମାନ ହେଲା । ତେଣୁ ବିଧାୟକମାନଙ୍କ ଦରମା, ପୂର୍ବତନ ବିଧାୟକମାନଙ୍କ ପେନସନ ଓ ଏମଏଲଏ ଲାଡ ବୃଦ୍ଧି ଦାବି ସମୟର ଆବଶ୍ୟକତା ଅଛି । ତେଣୁ ନିଶ୍ଚିତ ଭାବେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହି ପ୍ରସଙ୍ଗ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରିବେ ଏବଂ ବାଚସ୍ପତି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବି ।

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର,(ସବ୍ୟୁ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସମ୍ପର୍କିୟ ଅତିରିକ୍ତ ଖର୍ଚ୍ଚ ଦାବି ବିଧାନସଭାରେ ପାରିତ ହୋଇଛି । ଖର୍ଚ୍ଚଦାବି ଆଲୋଚନାରେ ବିଜେଡ଼ି ବିଧାୟକ ଦିବ୍ୟ ଶଙ୍କର ମିଶ୍ର କହିଥିଲେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗ୍ରାମାଞ୍ଚଳର ସର୍ବନିମ୍ନ ଆବଶ୍ୟକତା ଉପରେ ସରକାର ଗୁରୁତ୍ୱ ଦିଅନ୍ତୁ । ଗ୍ରାମାଞ୍ଚଳରେ ପାନୀୟ ଜଳ, ବିଦ୍ୟୁତକରଣ , ଯୋଗାଯୋଗ କ୍ଷେତ୍ରରେ ରାସ୍ତା ନିର୍ମାଣକୁ ବିଭାଗ ଅଧିକ ଧ୍ୟାନ ଦିଅନ୍ତୁ । ଇ-ଗଭର୍ଣ୍ଣାସ ଗ୍ରାମାଞ୍ଚଳରେ ପହଞ୍ଚିଲେ ମହାତ୍ମା ଗାନ୍ଧୀଙ୍କ ରାମ ରାଜ୍ୟ ସ୍ୱପ୍ନ ସାକାର ହେବ । ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ ଅଧିକ ସଂଖ୍ୟକ ମହିଳା ଶ୍ରମ ଦାନ କରୁଛନ୍ତି । ଧାନ ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଅଧିକ ରହୁଥିବା ବେଳେ ଧାନ ବୁଣିବା ଠାରୁ ଅମଳ ପର୍ଯ୍ୟନ୍ତ ମହିଳା କୃଷକମାନେ ଶ୍ରମଦାନ କରିଥାନ୍ତି । ସେହି ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସଶକ୍ତ କଲେ ରାଜ୍ୟ ଓ ଦେଶରେ ମହିଳା ସଶକ୍ତିକରଣ ସଫଳ ହେବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ । କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଲେ ଯେ ୮୦ ଓ ୯୦ ଦଶକରେ କଂଗ୍ରେସ ଶାସନ କାଳରେ ଅନେକ ଯୋଜନା ଗ୍ରାମାଞ୍ଚଳର ଲୋକଙ୍କୁ ସର୍ବନିମ୍ନ ଆବଶ୍ୟକତାକୁ ଆଖି ଆଗରେ ରଖି ଯୋଜନାମାନ ପ୍ରସ୍ତୁତ ହେଉଥିଲା । କିନ୍ତୁ ୨୪ ବର୍ଷରେ ଓଡ଼ିଶାରେ ସମସ୍ତ ଯୋଜନା ବାଟବଣା ହୋଇଯାଇଛି । ଗ୍ରାମାଞ୍ଚଳରେ ଭିତ୍ତିଭୂମିକୁ ସୁଦୃଢ଼ ପାଇଁ ପଞ୍ଚାୟତିରାଜ ବିଭାଗ ପଦକ୍ଷେପ ନେଉନଥିବାରୁ ଲୋକେ ଗାଁ ଛାଡ଼ି ସହର ମୁହାଁ ହେଉଛନ୍ତି । ବିଜେପି ବିଧାୟକ ଅମର କୁମାର ନାୟକ କହିଲେ ଯେ ବିଗତ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦଳୀୟ ଭିତ୍ତିରେ ପରିଚାଳନା କରୁଥିଲା । ଫଳରେ ଗ୍ରାମୀଣ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କୁ ମିଳନଥିଲା । ଏପରିକି ଆବାସ ଯୋଜନାରେ ଅନେକ ବଞ୍ଚିତ ହେଉଥିଲେ । କଂଗ୍ରେସ ବିଧାୟକ ପବିତ୍ର ସାଉଁନ୍ତା କହିଲେ, ସରକାର ବଦଳିଛି ,କିନ୍ତୁ ସାଧାରଣ ଲୋକଙ୍କ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ । ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆଜି ମଧ୍ୟ ଲୋକେ ପାନୀୟ ଜଳ ପାଇବାକୁ ବଞ୍ଚିତ । ନିମୟଗିରି ପାଦଦେଶରେ ରହୁଥିବା ଅଧିବାସୀଙ୍କ ଗାଁ /ପଡ଼ାକୁ ରାସ୍ତା ନାହିଁ । ପାନୀୟ ଜଳ ଆଜିବି ଉତ୍କଟ । ଅନେକ ଯୋଜନା ହେଉଛି, କିନ୍ତୁ ଦାଦନ ଚାଲାଣ ବନ୍ଦ ହେଉନାହିଁ । ମଣିଷ ସ୍ଥାନରେ ମେସିନରେ କାମ ହେଉଥିବାରୁ ଯୋଜନା ବାଟବଣା ହୋଇ ଦାରିଦ୍ର ବଢୁଛି । ଏହି ଆଲୋଚନାରେ ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ କେଶରୀ ଦେବ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଅରବିନ୍ଦ ମହାପାତ୍ର, ନୀଳମାଧବ ହିକ୍କା, ପ୍ରତାପ ଚନ୍ଦ୍ର ନାୟକ, ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ଜଲେନ ନାୟକ, ମାନସ କୁମାର ଦତ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ରାଜ୍ୟରେ ୨୦୯୮ ହାତୀ

ଭୁବନେଶ୍ୱର (ସବ୍ୟୁ): ୨୦୨୪ ହାତୀ ଗଣନା ଅନୁଯାୟୀ ରାଜ୍ୟରେ ୨୦୯୮ଟି ହାତୀ ଅଛନ୍ତି । ହାତୀ ରହିବା ଓ ଖାଇବା ପାଇଁ ବିସ୍ତୃତ ପରିମାଣର ଜଙ୍ଗଲ ଆବଶ୍ୟକ ଅଛି । ୨୦୧୮ରେ ଏସିଆନ୍ ନେଚର କଞ୍ଜରଭେସନ ଫାଉଣ୍ଡେସନ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ ଓଡ଼ିଶାର ଜଙ୍ଗଲ ସମୂହରେ ୧୭୦୦ରୁ ୧୮୦୦ ହାତୀ ରହିବାର କ୍ଷମତା ଅଛି । ବିଧାୟକ ମନହର ରାନ୍ଧାରୀଙ୍କ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ ଦର୍ଶାଇଛନ୍ତି ଯେ, ରାଜ୍ୟରେ ଏବେ ସୁଦ୍ଧା ୨୦୯୮ ହାତୀ ଅଛନ୍ତି । ଯାହା ୨୦୧୭ ମସିହା ହାତୀ ଗଣନା ଠାରୁ ୧୨୨ଟି ଅଧିକ । ୨୦୧୯-୨୦ରୁ ୨୦୨୨-୨୩ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ହାତୀ ଗଣନା କରାଯାଇନାହିଁ । ୨୦୨୩-୨୪ରେ ହାତୀ ଗଣନା ହୋଇଥିଲା ।

ହାତୀମାନଙ୍କ ପାଇଁ ବୃକ୍ଷରୋପର କରାଯାଇ ବନିକରଣ କରାଯାଉଛି । ହାତୀ ତାର ଖାଦ୍ୟ ଆବଶ୍ୟକତାକୁ ନେଇ ଜଙ୍ଗଲରୁ ଜଙ୍ଗଲକୁ ଯାତାୟତ କରିଥାନ୍ତି । ଏହି ସମୟରେ ବେଳେବେଳେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ନିକଟବର୍ତ୍ତୀ ଜନବସତିକୁ ଚାଲିଯାଇଥାନ୍ତି । ସରକାର ଜଙ୍ଗଲ ବୃଦ୍ଧି ଓ ହାତୀମାନଙ୍କୁ ସୁରକ୍ଷା ପାଇଁ ସେମାନଙ୍କୁ ସହର ମୁହାଁ ହେବାକୁ କ୍ଷାନ୍ତ କରାଇବାଲାଗି ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରା ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶୀକାର ନିରୋଧକ ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶୀକାରୀଙ୍କ ଗତିବିଧି ନିରିକ୍ଷଣ, ଆଣ୍ଟି କୋଟିଂ ସ୍କ୍ୱାର୍ଡ ମୁତୟନ ଓ ଜନସଚେତନତା ଆଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ।

ହାତୀ ସଂରକ୍ଷଣ ପାଇଁ ରାଜ୍ୟର ୧୨ଟି ଜିଲ୍ଲାକୁ ନେଇ ୩ଟି ହାତୀ ସଂରକ୍ଷିତ ଅଞ୍ଚଳ ରହିଛି । ମୟୁରଭଞ୍ଜ, ମହାନଦୀ ଓ ସମ୍ବଲପୁର ହାତୀ ସଂରକ୍ଷିତ ଅଞ୍ଚଳ ଘୋଷଣା କରାଯାଇଛି । ଏହିଭଳି ରାଜ୍ୟରେ ୧୪ଟି ପାରମ୍ପରିକ ହାତୀ ଚଲାପଥ ଚିହ୍ନଟ କରାଯାଇ ଏହାର ରକ୍ଷଣାବେକ୍ଷଣ କରାଯାଉଛି । ଅତିରିକ୍ତ ପ୍ରଶ୍ନ କର୍ତ୍ତା, ବିଧାୟକ ଧ୍ରୁବ ଚରଣ ସାହୁ, ପ୍ରସନ୍ନ ଆଚାର୍ଯ୍ୟଓ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ।



ସର୍ବ ଭାରତୀୟ ଆରକ୍ଷୀ ମହା ନିର୍ଦ୍ଦେଶକ ସମ୍ମିଳନୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କୁ ଭୁବନେଶ୍ୱରରେ ସଫଳତା ର ସହ ଆୟୋଜନ ଏବଂ ଏଥିପାଇଁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିବାରୁ ଶାସକ ଦଳ ର ବିଧାୟକ ଓ ମନ୍ତ୍ରୀ ମାନେ ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ଜଳବିଦ୍ୟୁତ ପ୍ରକଳ୍ପ ନେଇ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟ): ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଜଳବିଦ୍ୟୁତ ପ୍ରକଳ୍ପ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଲାଞ୍ଜିଗଡ଼, ବାଲିଗୁଡ଼ା ଓ ଫୁଲବାଣୀର ବିଧାୟକ, ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚ୍ପିସି)ର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡ଼ାଇରେକ୍ଟର ଶାଶ୍ୱତ ମିଶ୍ର, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ ।




ପୂର୍ବରୁ ସରକାର ରାଜ୍ୟରେ ୪ଟି ଜଳବିଦ୍ୟୁତ ପ୍ରକଳ୍ପ କରିବାକୁ ଅନୁମୋଦନ ପ୍ରାପ୍ତ କରିଛନ୍ତି । ସେଥି ମଧ୍ୟରୁ ୩ ଗୋଟି ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଓ ଗୋଟିଏ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରକଳ୍ପ ରହିଛି । ସେଗୁଡ଼ିକ ହେଲା, କଳାହାଣ୍ଡି ଜିଲ୍ଲାର ୬୦୦ ମେଗାୱାଟର ଉପର ଇନ୍ଦ୍ରାବତୀ ପ୍ରକଳ୍ପ, କୋରାପୁଟ ଜିଲ୍ଲାର ୬୦୦ ମେଗାୱାଟର ଉପର କୋଲାବ୍ ପ୍ରକଳ୍ପ, ମାଲକାନଗିରି ଜିଲ୍ଲାର ୫୦୦ ମେଗାୱାଟର ବାଲିମେଳା ପ୍ରକଳ୍ପ ଏବଂ କନ୍ଧମାଳ ଜିଲ୍ଲାର ୬୩ ମେଗାୱାଟ୍ ବିଶିଷ୍ଟ ଖଡଗ ଜଳବିଦ୍ୟୁତ ପ୍ରକଳ୍ପ ରହିଛି । ଉପମୁଖ୍ୟମନ୍ତ୍ରୀ ଏହିସବୁ ପ୍ରକଳ୍ପର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ । ଆଜିର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ପିଏସ୍ପି ପ୍ରକଳ୍ପ ଦ୍ୱାରା ବିଦ୍ୟୁତ ଉତ୍ପାଦନକୁ ପ୍ରାଧାନ୍ୟ ଦେଉଛନ୍ତି । ଏହା ଦ୍ୱାରା ଜଳବାୟୁ ଓ ପରିବେଶର ସ୍ୱଚ୍ଛତା ବଜାୟ ରହିବା ସହ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ବ୍ୟବହାର କରି ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ ଚାହିଦା ମେଣ୍ଟାଇ ହେବ ।

ବୈଠକରେ ଜଳଭଣ୍ଡାର ବା ବ୍ୟାରେଜ୍ ନିର୍ମାଣ ଅଞ୍ଚଳରେ ବିସ୍ଥାପିତଙ୍କୁ ଥଇଥାନ ବ୍ୟବସ୍ଥା ସହ ଉପଯୁକ୍ତ କ୍ଷତିପୂରଣ ସମୟାନୁଯାୟୀ ଦିଆଯିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏତଦ୍‌ବ୍ୟତୀତ ବିସ୍ଥାପିତ ପରିବାରର ଯେକୌଣସି ସଦସ୍ୟଙ୍କୁ ଦକ୍ଷତା ବିକାଶ କରାଯାଇ ସ୍ଥାନୀୟ ଅଞ୍ଚଳରେ କିମ୍ବା ସେହି ପ୍ରକଳ୍ପରେ ନିଯୁକ୍ତି ପ୍ରଦାନ କରିବା ପାଇଁ ମଧ ସେ ପରାମର୍ଶ ଦେଇଥିଲେ । ଏହା ସହ ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ଅଗ୍ରଗତି ନିମନ୍ତେ ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ । ଜଳବିଦ୍ୟୁତ ପ୍ରକଳ୍ପ ହେଉଥିବା ଅଞ୍ଚଳର ଆଖପାଖର ବିଦ୍ୟୁତ ଯୋଗାଣ, ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଏଚପିସିର ସିଏମ୍‌ଡି ଶାଶ୍ୱତ ମିଶ୍ର ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବାଲିଗୁଡ଼ା ବିଧାୟକ, ଲାଞ୍ଜିଗଡ଼ ବିଧାୟକ, ଫୁଲବାଣୀ ବିଧାୟକ ଉପସ୍ଥିତ ଥିଲେ ।

# ଆବାସ ଯୋଜନା ରେ ହେରଫେର : ୪ ନିଲମ୍ବିତ

ବାଙ୍କୀ, (ସବ୍ୟ) : କଟକ ଜିଲ୍ଲା ବାଙ୍କୀ ବ୍ଲକ୍ର ବାଉଁଶପୁଟ ଗ୍ରାମ ପଞ୍ଚାୟତରେ ବାତ୍ୟା ଫନିରେ ପ୍ରକୃତ କ୍ଷତିଗ୍ରସ୍ତ ଲୋକଙ୍କୁ ଆବାସ ଯୋଜନାରେ ଘର୍ ବଣ୍ଟନ ନ କରି ମୋଟା ଅଙ୍କର ଅର୍ଥ ନେଇ ନିର୍ବାହୀ ଅଧିକାରୀ ଓ ତତ୍ କାଳୀନ ଗ୍ରାମ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଭୂଲ ତଥ୍ୟ ଦେଇ ଥିଲାବାଲା ଅର୍ଥାତ୍ ପୁରୁଣା ପକ୍କା ଘର ଥିବା ଲୋକଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ୍ ଯୋଜନାରେ ଘର ଦେଇଥିଲେ। ମିଥ୍ୟା ଜିଓ ଟ୍ୟାଗ କରି ଅନ୍ୟ ଏକ ସ୍ଥାନରେ ହିତାଧିକାରୀଙ୍କୁ ଛିଡା କରାଇ ଜାଲ ଫଟୋ ଉଠାଇ ୭ଜଣଙ୍କୁ ଟଙ୍କା ଦେବାରେ ସହାୟତା କରିଥିଲେ। ସେପଟେ ପ୍ରକୃତ ହିତାଧିକାରୀମାନେ ଫନି ରେ କ୍ଷତି ହୋଇ ଥିବାରୁ ଆବାସ ଯୋଜନାରେ ଘର୍ ଖଣ୍ଡିଏ ନ ପାଇବାରୁ ବାଙ୍କୀ ବ୍ଲକ୍ ରେ ଅଭିଯୋଗ କରିଥିଲେ। ହେଲେ କେହି ନ ଶୁଣିବାରୁ ଅନେକ ହିତାଧୀକାରୀ କଟକ ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିଥିଲେ। ସମାଜସେବୀ ମନୋଜ୍ କୁମାର୍ ପଣ୍ଡା ବ୍ଲକ୍ ସମୂଖରେ ଧାରଣା ଦେଇଥିଲେ। କଟକ ଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱ ଦେବା ସହିତ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ତଦନ୍ତ ପାଇଁ ପଠାଇ ଥିଲେ। କିନ୍ତୁ ପ୍ରକୃତ ତଦନ୍ତ ରିପୋର୍ଟ୍ ଆସିବା ପରେ ଘଟଣା ଲୋକ ଲୋଚନକୁ ଆସିଥିଲା। କଟକ ଜିଲ୍ଲାପାଳଙ୍କ ପକ୍ଷରୁ କାହିଁକି କାର୍ଯ୍ୟାନୁଷ୍ଠାନ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥଲା। ତେବେ କଟକ ଜିଲ୍ଲାପାଳ ଚିଠି ନମ୍ବର ୧୨୪୮ ତା ୦୩.୧୨.୨୦୨୪ ରେ ବାଉଁଶପୁଟ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ବାଳକୃଷ୍ଣ ଦାଶ ଙ୍କୁ ନିଲମ୍ବିତ କରିଛନ୍ତି। ତାଙ୍କୁ ଆଠଗଡ଼ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତତ୍‌କାଳୀନ ଗ୍ରାମ ରୋଜଗାର ସେବକ ତଥା ବର୍ତ୍ତମାନର୍ ରଡିଗିରିଆ ବ୍ଲକ୍ ଗଦାଧର ପୁର ଗ୍ରାମ ପଞ୍ଚାୟତର ହିସାବ ରକ୍ଷକ ତଥା ତଥ୍ୟ ନିରୀକ୍ଷଣ ହେମନ୍ତ ବଳଙ୍କୁ ନିଲମ୍ବିତ କରାଯାଇଛି। ତଦନ୍ତ ରେ ମିଥ୍ୟା ରିପୋର୍ଟ୍ ପ୍ରଦାନ କରିଥିବା ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସ୍ୱାଇଁ ଙ୍କୁ ନିଲମ୍ବନ ସହିତ ବଡ଼ମ୍ବା ବ୍ଲକରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ନାମା ଜାରି ହୋଇଛି। ଶେଷରେ ନିର୍ବାହୀ ଅଧିକାରୀ ଅୟଶ କାନ୍ତ ଦାଶଙ୍କୁ ନିଲମ୍ବିତ କରା ଯାଇ ବାଙ୍କୀ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଅବସ୍ଥାପିତ କରା ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କଟକ ଜିଲ୍ଲାପାଳ। ତେବେ ସରକାରୀ ଅର୍ଥ ତୋଷର ପାତ ଅଭିଯୋଗରେ ୪ ଜଣଙ୍କୁ ନିଲମ୍ବିତ କାରା ଯାଇଥିବା ବାଙ୍କୀ ବିଡିଓ ଅଂଶୁମାନ ଦାସ ସୂଚନା ଦେଇଛନ୍ତି।

# ଇଣ୍ଡୋର ଷ୍ଟାଡିୟମରେ ସମୀର ଦେ' ଙ୍କ ଶ୍ରଦ୍ଧାଞ୍ଜଳି ସଭା




କଟକ, (ସ୍ୱପ୍ର): ସମୀର ଦେ ସ୍ମୃତି କମିଟି ତରଫରୁ କଟକର ଲୋକପ୍ରିୟ ଜନନେତା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା କଟକର ଜବାହରଲାଲ ଇଣ୍ଡୋର ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଦ୍ୱାରା ଆହୁତ ଏବଂ କଟକ ନଗର ବିଜେପି ସଭାପତି ଲଲାଟେନ୍ଦୁ ବଡୁଙ୍କ ସଂଚାଳିତ ସଭାରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଅନ୍ୟତମ ଅତିଥିଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମେୟର ସୁବାଷ ସିଂ, ବିଧାୟକ ପୂର୍ବତନ ମନ୍ତ୍ରୀ ଜୟ ନାରାୟଣ ମିଶ୍ର, ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର, କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠି, ବିଜେପି ନେତା ନୟନ କିଶୋର ମହାନ୍ତି, ରାଜ୍ୟ ଭାଜପା ଉପସଭାପତି ଡ଼ଃ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ବିଜେପି ନେତା ସଜ୍ଜନ ଶର୍ମା, ବିନୋଦ ଦାସ, ବିଧାୟକ ଗଣେଶ୍ୱର ବେହେରା, କଟକ ସଦର ବିଧାୟକ ଇଂ ପ୍ରକାଶ ସେଠି, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ବହୁ ନେତୃମଣ୍ଡଳୀମାନେ ଦାଦାଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ପ୍ରକାଶିତ ଏକ ସ୍ମରଣିକା ସମୀର ସୌରଭକୁ ସଭାରେ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ । ପୂର୍ବତନ କର୍ପୋରେଟର ଲକ୍ଷ୍ମୀଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।

# ସେକ୍ସ ରାକେଟ ଠାବ : ୪ ଗିରଫ

ବାଙ୍କୀ, (ସବ୍ୟ) : ଦୀର୍ଘ ଦିନ ଧରି ନିଜ ଘରେ ବିଭିନ୍ନ ଅଞ୍ଚଳରୁ ଯୁବତୀମାନଙ୍କୁ ଆଣି ସେକ୍ସ ରାକେଟ ଚଳାଉଥିବା ଦମ୍ପତିଙ୍କ ସହିତ ଗ୍ରାହକ ଓ ଜଣେ ଦେହଜିବୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈଦେଶ୍ୱର ଥାନା ପୋଲିସ । ଖବର ଅନୁଯାୟୀ ବେଗୁନିଆ ଥାନା ଅନ୍ତର୍ଗତ ଧଳାପଥର ଓ ବୈଦେଶ୍ୱର ଥାନା କଳାପଥର ସୀମାରେ ଥିବା ସାହିରେ ବିକ୍ରମ ମହାପାତ୍ର ଓରଫ ଭିକି ନାମକ ଯୁବକ ନିଜ ଘରେ ଦୀର୍ଘ ଦିନ ଧରି ସେକ୍ସ ରାକେଟ ଚଳାଉଥିବା ଅଭିଯୋଗ ହୋଇ ଆସୁଥିଲା। କଟକ ଜିଲ୍ଲା ବୈଦେଶ୍ୱର ଥାନା ଅଧିକାରୀ ପ୍ରିୟ ଦର୍ଶନ ସେଠୀ ନିଜେ ଗ୍ରାହକ ବେଶରେ ଯାଇ ରାତି ପ୍ରାୟ ୧୧ଟାରେ ଭିକି ଘର୍କୁ ଯିବା ବେଳକୁ ଅସଂଜତ ଅବସ୍ଥାରେ ଜଣେ ଯୁବକ ସହିତ ଯୁବତୀ ଥିଲେ। ଆଉ ଗୋଟିଏ କୋଠରୀରେ ଭିକି ଓ ତାଙ୍କ ପତ୍ନୀ ରହି ଆଉ ଜଣେ ଗ୍ରାହକ ସହିତ ମୂଲଚାଲ କରିବା ବେଳେ ଆଉ ତିନି ଜଣ ଦୌଡ଼ି ପଳାଇଥିଲେ। ବୈଦେଶ୍ୱର୍ ଥାନା ଅଧିକାରୀ ଧଳାପଥର ଗ୍ରାମର ରାକେଟ ଚଳାଉଥିବା ଭିକି ଓ ତାଙ୍କ ପତ୍ନୀ ଟୁନୀ ମହାପାତ୍ର, କନ୍ଧମାଳରୁ ଆସିଥିବା ଯୁବତୀ ଜୋସ୍ନା ବେହେରା ଓ ଗ୍ରାହକ ନାଟେରି ଗ୍ରାମର ରାଜେଶ ପରିଡ଼ାଙ୍କୁ ଧରିବା ସହିତ ବହୁ ଆପତ୍ତି ଜନକସାମଗ୍ରୀ ଉଦ୍ଧାର କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ। ବୈଦେଶ୍ୱର ଥାନାରେ ବାଙ୍କୀ ଏସ ଡ ପ ଓ ବିଜୟ କୃଷ୍ଣ ମହାପାତ୍ର ରାକେଟ କିଭଳି ଠାବ ହୋଇ ସମସ୍ତ ଙ୍କୁ ଗିରଫ କରା ଯାଇଥିବା ସୂଚନା ଦେଇଛନ୍ତି।

# ଆଳୁ କଳାବଜାର, ଖାଉଟି ହନ୍ତସନ୍ତ

ବାଲୁଗାଁ ,(ସବ୍ୟ) :ପଶ୍ଚିମବଙ୍ଗ ସରକାର ଓଡିଶାକୁ ଆଳୁ ରପ୍ତାନି ବନ୍ଦ କରିଦେବା ପରେ ଏହାର ସିଧା ସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡିଛି ।ପୂର୍ବରୁ ଆଳୁ କିଲୋ ପ୍ରତି ୪୦ ଟଙ୍କା ରହିଥିବା ବେଳେ ଏବେ ୫୫ ରୁ ୬୦ ଟଙ୍କାରେ ବିକ୍ରି ହେଉଛି, ତାହା ପୁଣି ଅତ୍ୟନ୍ତ ନିମ୍ନମାନର । ଯାହାକି ଖାଉଟିଙ୍କୁ ବୋଝ ଉପରେ ଲଳିତା ବିଡା ସଦୃଶ ହୋଇପଡିଛି । ସରକାର ଆଳୁର ପାଇକାରୀ ଦର କିଲୋ ପିଛା ୩୫ ରୁ ୪୦ ଧାର୍ଯ୍ୟ ରଖିଥିବା ବେଳେ କେତେକ ଅସାଧୁ ବ୍ୟବସାୟୀ କଳା ବଜାର କରି ବେଶ ମୁନାଫା କମାଇଚାଲିଛନ୍ତି । ବ୍ୟବସାୟୀ ମାନେ ପାଇକାରୀ ଦର ସିଲଟ ରେ ଲେଖି ଝୁଲାଇବା ନିୟମ ରହିଥିବା ବେଳେ ବାଲୁଗାଁ ତଥା ସମଗ୍ର ଚିଲିକା ଅଞ୍ଚଳରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି । ଏଭଳି ପରିସ୍ଥିତିରେ ଖାଉଟି କଳା ବଜାରର ଶିକାର ହୋଇ ହନ୍ତସନ୍ତ ହେଉଥିବା ବେଳେ ଯୋଗାଣ ବିଭାଗ ସମ୍ପୂର୍ଣ୍ଣ ନିଷ୍କ୍ରିୟ ସାଜିଛି ।

# ଚାରୋଟି ୱାର୍ଡରେ ଡ୍ରେନ ନିର୍ମାଣ ଦାବିରେ ଦକ୍ଷିଣାଞ୍ଚଳ ନାଗରିକ ସମିତିର ବିକ୍ଷୋଭ

କଟକ, (ସବ୍ୟ): ମଙ୍ଗଳବାର କଟକ ମହାନଗର ଦକ୍ଷିଣାଞ୍ଚଳ ନାଗରିକ ସମିତି ପକ୍ଷରୁ ଅବହେଳିତ ୪ ୱାର୍ଡରେ ଅବିଳମ୍ବେ ୱାପକସ ସର୍ଭେ ରିପୋର୍ଟକୁ କର୍ଯ୍ୟକାରୀ କରି ୪ଟା ୱାର୍ଡ ରେ ଡ୍ରେନ୍ ନିର୍ମାଣ କରିବା ଦାବିରେ ମହାନଗର ନିଗମ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦୀର୍ଘ ଦୁଇ ଦଶନ୍ଧି ଧରି ୱାର୍ଡ ନମ୍ବର ୫୬,୫୭,୫୮,୫୯ କୁ ପଞ୍ଚାୟତରୁ ନିଗମରେ ସାମିଲ କରାଯାଇଥିଲେବି ଅଦ୍ୟାବଧି ସାମାନ୍ୟ ମୌଳିକ ସୁବିଧା ସ୍ୱରୂପ ଡ୍ରେନ ନିର୍ମାଣ ହୋଇ ନାହିଁ । ଅଞ୍ଚଳରେ ବର୍ଷର ଆଠ ମାସ କାଳ ବର୍ଜ୍ୟ ଜଳ ଜମି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରୁଛି । ବହୁ ଆଗରୁ ଏ ବିଷୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । କେବଳ ସର୍ଭେ କରାଯାଇ ବିଭିନ୍ନ ଆଳରେ ବର୍ଷ ବର୍ଷ ଧରି ଫାଇଲକୁ ନାଲି ଫିତା ତଳେ ଚାପି ଦିଆ ଯାଇଛି । ୨୦୧୬ ମସିହାରେ ଏହି ଚାରଟି ୱାର୍ଡ଼ କୁ ଜାଇକାରେ ସାମିଲ କରାଯାଇଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ପ୍ରକଳ୍ପକୁ ପ୍ରତ୍ୟାହାର କରି ନିଆଯାଇଥିଲା । ପୁନଶ୍ଚ ୨୦୨୦ ମସିହାରେ ସରକାରଙ୍କ ତରଫରୁ ୱାପକସ ସଂସ୍ଥା ପ୍ରକଳ୍ପ ସର୍ଭେକରି ରିପୋର୍ଟ ଦାଖଲ କରିଥିଲେବି ତାହା ଅଦ୍ୟାବଧି କାର୍ଯ୍ୟକ୍ଷମ କାହିଁକି ହେଉନାହିଁ ବୋଲି ବିକ୍ଷୋଭକାରୀମାନେ ବକ୍ତବ୍ୟରେ ଅସନ୍ତୋଷ ପ୍ରକାଶ କରିଥିଲେ । ସମିତିର ଆବାହକ ଅକ୍ଷୟ ରାଉଳ,ରମାକାନ୍ତ ସାହୁ,ଡ ବ୍ରଜ କିଶୋର ନାୟକ,ପୂର୍ଣ୍ଣଚନ୍ଦ୍ର ପରିଜା,ବିଷ୍ଣୁ ମିଶ୍ର,ସୁଶାନ୍ତ ମହାନ୍ତି,ନଳିନୀ ସେନାପତି ଙ୍କ ପରିଚାଳନାରେ ହରିବଲ୍ଲଭ ଦାସ, ଶ୍ରୀଧର ଦାସ ,ଦୁଷ୍ମନ୍ତ ଦାସ, ପ୍ରମୋଦ ସ୍ୱାଇଁ, ରାଜକିଶୋର ପଣ୍ଡା,ରାଧାମୋହନ ଦଳବେହେରା। ବିଭାଷିନୀ ରାଉତ,ସୁଷମା ମହାନ୍ତି, ରଞ୍ଜନ ଲେଙ୍କା , ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସରକାରଙ୍କ ଅବହେଳାକୁ ସମାଲୋଚନା କରିଥିଲେ । ନିଗମ ଆୟୁକ୍ତ ଆଗାମୀ ତିନି ମାସରେ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିଶ୍ରୁତି ଯଦି କାର୍ଯ୍ୟକାରୀ ନ ହୁଏ ତେବେ ଆଗାମୀ ଦିନରେ ସରକାର୍ ଦୁର୍ବାର ଗଣ ଆନ୍ଦୋଳନର ସମ୍ମୁଖୀନ ହେବେ ବୋଲି ବକ୍ତା ମାନେ ଚେତାବନୀ ଦେଇଥିଲେ ।

## କେଶରିଆ ହିନ୍ଦୁବାହିନୀ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା

# ଗୋମାତାଙ୍କୁ ରାଷ୍ଟ୍ରମାତାର ମାନ୍ୟତା ପାଇଁ ଦାବି

ଭୁବନେଶ୍ୱର (ସବ୍ୟ): ରାଜ୍ୟ ତଥା ଦେଶରେ ଗୋ-ହତ୍ୟା ସଂପୂର୍ଣ୍ଣ ରୂପେ ବନ୍ଦ, ଗୋ ମାତାଙ୍କୁ ରାଷ୍ଟ୍ରୀୟ ମାତାର ମାନ୍ୟତା । ବାଂଲାଦେଶରେ ଗିରଫ ହୋଇଥିବା ହିନ୍ଦୁ ସାଧୁଙ୍କୁ ଭାରତ ସରକାରଙ୍କ ଉଦ୍ୟମରେ ମୁକ୍ତ କରାଯିବା । ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆଦି ଦାବିରେ ମଙ୍ଗଳବାର ଦିନ କେଶରିଆ ହିନ୍ଦୁବାହିନୀ ରାଜ୍ୟ କମିଟି ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ସେହିପରି ଓଡ଼ିଶାରେ ଅନୁଷ୍ଠିତ ସର୍ବଭାରତୀୟ ଡିଜିପି ସମ୍ମିଳନୀକୁ ଭଣ୍ଡୁର କରିବା ପାଇଁ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ଦେଇଥିବା ଧମକ ଓ ଭୁବନେଶ୍ୱରକୁ ଟେରର ସିଟି କରିବା ମନ୍ତବ୍ୟକୁ କେଶରିଆ ହିନ୍ଦୁବାହିନୀ ପକ୍ଷରୁ ବିରୋଧ କରାଯିବା ସହ କେନ୍ଦ୍ର ସରକାର ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି । ରାଜ୍ୟ ସଭାପତି ସନ୍ତୋଷ ଭୋଳଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ମୋର୍ଚ୍ଚାର ପଦାଧିକାରୀ ଓ ଭୁବନେଶ୍ୱର ସାଂଗଠିତ ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ବାଲିଘାଟରେ ଖଣି ବିଭାଗ ଅଧିକାରୀ ହଟହଟା: ୫ ଟ୍ରାକ୍ଟର ଜବତ

ବାରଙ୍ଗ ,(ସବ୍ୟ) : ରାଜଧାନୀ ଉପକଣ୍ଠ କଲ୍ୟାଣ ପୁର ବାଲିଘାଟରେ ହେଟହଟାହେଲେ ଖଣି ବିଭାଗ ଅଧିକାରୀ। ୫ଟି ବାଲି ବୋଝେଇ ଟ୍ରକ୍ଟର୍ ଜବତ କରିଥିବା ବେଳେ ବାଲି ମାଫିଆ ଏବଂ ତାଙ୍କ ସହଯୋଗୀ ଖଣି ବିଭାଗ ଅଧିକାରୀଙ୍କୁ ଗାଳି ଗୁଲଜ କରିବା ସହିତ ଅଟକ ରଖିଥିବା ସୂଚନା ମିଳିଛି ।ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ବାଲି ମାଫିଆଙ୍କ କବଳରୁ ଖଣି ବିଭାଗ ଅଧିକାରୀଙ୍କୁ ଉଦ୍ଧାର କରିଥିଲେ । କଲ୍ୟାଣପୁର ଗାଁମୁଣ୍ଡରେ ବେଆଇନ ଭାବେ ନଦୀରୁ ବାଲିଉଠା ଚାଲିଛି ।ଯାହାଫଳରେ ସରକାରଙ୍କର ରାଜସ୍ୱ କ୍ଷତି ହେବାସହ ଅନ୍ୟପଟେ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି ।ଏବିଷୟରେ ଅଂଚଳବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ । ହେଲେ ବାଲି ମାଫିଆମାନେ ତହସିଲ ଓ ଖଣି ବିଭାଗ ଆଖିରେ ଆଙ୍ଗୁଠି ଗେଞ୍ଜୀ ଦିନହିପହରରେ ନିର୍ବିଘ୍ନରେ ଟ୍ରାକ୍ଟରମାନଙ୍କରେ ବାଲି ଉଠାଇ ଚଢ଼ାଦରରେ ବିକ୍ରୀ କରିଚାଲିଛନ୍ତି। ଖଣିବିଭାଗର କୌଣସି ଅଙ୍କୁଶ ନରହିବାରୁ ମାଫିଆମାନେ ସ୍ଥାନୀୟ ମୁଷ୍ଟିମେୟ ଲୋକଙ୍କୁ ମାସିକିଆ ବଟି ଦେଇ ସରକାରଙ୍କ ରାଜସ୍ୱ କ୍ଷତି କରିବାରେ ଲାଗିଛନ୍ତି। ମଙ୍ଗଳବାର ସକାଳେ ଖଣି ବିଭାଗର ଏକ ଟିମ୍ ଅଚାନକ କଲ୍ୟାଣପୁର ଗାଁମୁଣ୍ଡ କୁଆଖାଇ ନଦୀପଠାରେ ବେଆଇନ ଭାବେ ବାଲି ଉଠା ହେଉଥିବା ବେଳେ ଚଢାଉ କରିଥିଲା।ଏହି ସମୟରେ ୫ଟି ଟ୍ରାକ୍ଟରକୁ ଜବତ କରିଥିଲେ।ଏହାପରେ ଚାଳକ ମାନଙ୍କଠାରୁ ଖବରପାଇ ସ୍ଥାନୀୟ ଗ୍ରାମର ଟ୍ରାକ୍ଟରମାଲିକ ଓ ସେମାନଙ୍କ ସହଯୋଗୀମାନେ ବାଲିଘାଟରେ ପହଞ୍ଚି ଖଣିବିଭାଗ ଅଧିକାରୀମାନଙ୍କୁ ଅଟକ ରଖିଥିଲେ।ଖବର ପାଇ ନନ୍ଦନକାନନ ଥାନା ପୋଲିସ ଘଟନାସ୍ଥଳରେ ପହଞ୍ଚିବା ପରେ ମାଫିଆମାନଙ୍କ କବଳରୁ ଖଣି ବିଭାଗ ଅଧିକାରୀମାନଙ୍କୁ ମୁକ୍ତ କରି ୫ଟ୍ରାକ୍ଟର କୁ ଜବତ କରାଯାଇଥିଲା। ।

## ଭୁଟାନକୁ ରପ୍ତାନୀ ହେଲା ଇଞ୍ଜିନିୟରିଂ ଉପକରଣ

# ବିଶ୍ୱସ୍ତରୀୟ ଉପକରଣ ପ୍ରସ୍ତୁତ କରିବାରେ ଓଡ଼ିଶା ନିଜର ସ୍ୱତନ୍ତ୍ର ପ୍ରତିଷ୍ଠା କରିଛି : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟ): ପଡ଼ୋଶୀ ରାଷ୍ଟ୍ର ଭୁଟାନକୁ ସଡ଼କପଥରେ ଆଜି ରପ୍ତାନୀ ହୋଇଛି ସର୍ବାଧିକ ଓଜନ ଏବଂ ପରିମାଣର ଇଞ୍ଜିନିୟରିଂ ଉପକରଣ । ଭୁବନେଶ୍ୱର ଶିଳ୍ପ ଉଦ୍ୟୋଗୀ ସଂଘ ସହଯୋଗରେ ଓଡ଼ିଶାରୁ




ଭୁଟାନକୁ ରପ୍ତାନୀ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ମଂଚେଶ୍ୱରଠାରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ଓଡ଼ିଶା ପାଇଁ ଏହା ଏକ ଗୌରବମୟ ମୁହୂର୍ତ୍ତ । ମେକ୍ ଇନ୍ ଇଣ୍ଡିଆ ଯୋଜନା ଅଧୀନରେ ବିଶ୍ୱସ୍ତରୀୟ ଉପକରଣ ପ୍ରସ୍ତୁତ କରିବାରେ ଓଡ଼ିଶା ନିଜର ସ୍ୱତନ୍ତ୍ର ପ୍ରତିଷ୍ଠା କରିଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ବିଦେଶକୁ ଏମ୍ଏସ୍ଏମ୍ଇରୁ ପ୍ରସ୍ତୁତ ଇଞ୍ଜିନିୟରିଂ ଉପକରଣ ରପ୍ତାନୀ କରିବା ଲାଗି ଅଧିକ ପ୍ରୋତ୍ସାହନ ସୃଷ୍ଟି ହେବ । ଅଧିକରୁ ଅଧିକ ରପ୍ତାନୀ କରିବା ଲାଗି ସମସ୍ତ ସହାୟତା ଯୋଗାଇ ଦେବାକୁ ବିଭାଗ ସର୍ବଦା ପ୍ରସ୍ତୁତ ରହିଛି । ଆଗାମୀ ଦିନରେ ବିଶ୍ୱସ୍ତରୀୟ ଇଞ୍ଜିନିୟରିଂ ଉପକରଣ ରପ୍ତାନୀ କରି ପୁଣି ନୂଆ କୃତିତ୍ୱର ମାଇଲଖୁଣ୍ଟ ପ୍ରତିଷ୍ଠା କରିବାକୁ ବିଭାଗ ଲକ୍ଷ୍ୟ ରଖିଛି । ଏହି କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ, ଉପାଧକ୍ଷ ଜେ.କେ. ରଥ, ୟୁ.ସି.ସି.ଆଇର ସଚିବ ସଞ୍ଜୀବ ମହାପାତ୍ର, ଏଆଇଇବିଏର ଉପାଧକ୍ଷ ସୁବୀର ବାନାର୍ଜୀ, ବି.କେ. ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିଳ୍ପପତି ଉପସ୍ଥିତ ଥିଲେ । କଟକ ଚୌଦ୍ୱାରସ୍ଥିତ ଇଷ୍ଟ ଏଣ୍ଡ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଏହି ଉପକରଣ ତିଆରି କରିଛି । ୨୦୦୭ ମସିହାଠାରୁ ଦେଶ ତଥା ଦେଶ ବାହାରେ ବିଭିନ୍ନ କମ୍ପାନୀକୁ ଏହା ଉପକରଣ ଯୋଗାଇ ଆସୁଛି ।

## ବଳାତ୍କାରୀକୁ ଲୋକେ ଧରି ପୋଲିସ ଜିମା ଦେଲେ

ଭୁବନେଶ୍ୱର, (ସବ୍ୟ) : ବଳାତ୍କାର ପରେ ଘଟଣାସ୍ଥଳରୁ ଖସି ପଳାଇଥିବା ବଳାତ୍କାରୀକୁ ଲୋକେ ଧରି ଧଉଳି ଥାନା ପୋଲିସ ଜିମା ଦେବା ପରେ ତାକୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ।

ଯୋଗୀ ସାହୁ ନାମକ ଜଣେ ବ୍ୟକ୍ତି ଧଉଳି ଥାନା ଅଞ୍ଚଳରେ ସପରିବାରେ ରହି ଶ୍ରମିକ ଭାବେ କାମଧନ୍ଦା କରନ୍ତି । ଲିଙ୍ଗିପୁର ଅଞ୍ଚଳରେ ଏତଲାକାରୀ ରହୁଥିବା ବେଳେ ସେହି ଅଞ୍ଚଳରେ କନ୍ଧମାଳ ଜିଲ୍ଲାର ଗୌର ନାୟକ ଓରଫ ବାଘ ରହି ଶ୍ରମିକ ଭାବେ କାର୍ଯ୍ୟ କରେ । ଦୁହେଁ ଶ୍ରମିକ ଭାବେ କାମ କରୁଥିବାରୁ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା । ବେଳେବେଳେ ଅଭିଯୁକ୍ତ ବାଘ ଏତଲାକାରୀ ଯୋଗୀ ଘରକୁ ଯା'ଆସ କରେ । ସୋମବାର ମଧାହ୍ନରେ ବାଘ ଏତଲାକାରୀ ଯୋଗୀ ଘରକୁ ଆସିଥିଲା । ସେହି ସମୟରେ ଯୋଗୀ ଓ ତାଙ୍କ ସ୍ତ୍ରୀ କାମ କରିବା ଲାଗି ଯାଇଥିବା ବେଳେ ଘରେ ତାଙ୍କ ଭିନ୍ନକ୍ଷମ ଝିଅ ଏକୁଟିଆ ରହୁଥିଲା । ଏହା ଦେଖି ବାଘ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରି ପଳାଇଥିଲା ।

ପୀଡିତାଙ୍କ ମା' କାମରୁ ଘରକୁ ଆସିବା ପରେ ସାଇପଡିଆ ଓ ଭିନ୍ନକ୍ଷମ ଝିଅ ଘଟଣା ସମ୍ପର୍କରେ କହିଥିଲେ । ପୀଡିତାଙ୍କ ମା' ସ୍ଥାନୀୟ କିଛି ଲୋକଙ୍କୁ ସାଙ୍ଗରେ ନେଇ ବାଘ ଘରକୁ ଯାଇ ତାକୁ କାବୁ କରିଥିଲେ । ଏହାପରେ ପୋଲିସକୁ ଫୋନ୍ କରିବାରୁ ପିସିଆର୍ ଯାଇ ଅଭିଯୁକ୍ତକୁ ଧଉଳି ଥାନାକୁ ଆଣି ଜିମା ଦେଇଥିଲା । ଯୋଗୀ ସାହୁଙ୍କ ଏତଲା ଆଧାରରେ ଡାକ୍ତରୀ ମାଇନା କରାଯାଇ ଅଭିଯୁକ୍ତ ବାଘକୁ ମଙ୍ଗଳବାର କୋର୍ଟଚାଲାଣ କରାଗଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ଏସସିବି ହସ୍ପିଟାଲ ପରିସରରେ ଅଗ୍ନି ନିରାପତ୍ତା ତାଲିମ ଓ ମକ ଡ୍ରିଲ



କଟକ, (ସବ୍ୟ): ଅଗ୍ନିକାଣ୍ଡ ଭଳି ଦୁର୍ଘଟଣା ସମୟରେ କିଭଳି ଧନ ଜୀବନ ରକ୍ଷା କରାଯାଇପାରିବ ଏବଂ ସର୍ବସାଧାରଣ ସମ୍ପତ୍ତି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସମସ୍ତେ ଅବଗତ ହେବା ଆବଶ୍ୟକ । ବିଶେଷକରି ହସ୍ପିଟାଲ ଭଳି ସମ୍ବେଦନଶୀଳ ଅଂଚଳରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାକୁ କିପରି ଏଡାଇ ଦିଆଯାଇପାରିବ ସେ ସମ୍ପର୍କରେ ତାଲିମ ଦେବା ଉଦ୍ଦେଶ୍ୟରେ ଆଜି ଏସ ସି ବି ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଅଗ୍ନି ନିରାପତ୍ତା ତାଲିମ ଓ ମକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ହସ୍ପିଟାଲର ଡାକ୍ତର, ନର୍ସିଂ ଷ୍ଟାଫ, ସୁରକ୍ଷା କର୍ମଚାରୀ ଓ ଅନ୍ୟାନ୍ୟ ସହାୟକମାନେ ନିଆଁ ଲାଗିବାର କାରଣ ଓ ଏହାକୁ ଲିଭାଇବାର କୌଶଳ ତଥା ନିଆଁ ଲିଭାଇବା ଯନ୍ତ୍ର ର ବ୍ୟବହାର ସମ୍ପର୍କରେ ଆଜି ତାଲିମ ନେଇଛନ୍ତି ।

କେବଳ ହସ୍ପିଟାଲ ନୁହେଁ ଦୈନନ୍ଦିନ ଜୀବନରେ ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଭଳି ଦୁର୍ଘଟଣା ଘଟିଲେ ଏହିସବୁ ଉପାୟ ଅବଲମ୍ବନ କରି ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ। ଜିଲ୍ଲା ଅଗ୍ନିଶମ ଅଧିକାରୀ ସଂଜୀବ ବେହେରା, ଓ ଏସ ସି ବି ମେଡିକାଲର ଷ୍ଟେସନ ଅଫିସର ସୌମ୍ୟ ରଞ୍ଜନ ପରିଡାଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ତାଲିମ ପ୍ରଦାନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଡାକ୍ତରୀ ଛାତ୍ରଛାତ୍ରୀ ଓ ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ମଧ ଏହି ତାଲିମ ପ୍ରଦାନ କରାଯିବ ।

# ଏଆଇଏଫ୍-ହାର୍ଭେଷ୍ଟପ୍ଲସର ମିଳିତ ସହଯୋଗରେ ଜୈବ-ପୁଷ୍ଟିକର ଗହମ ବଣ୍ଟନ



ବାରିପଦା, (ସବ୍ୟୁ) : ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲା ଗୋବର୍ଦ୍ଧନଗର ବ୍ଲକର ଟିଟିଆ ଗ୍ରାମପଞ୍ଚାୟତର ଟାଙ୍ଗଣା ଗ୍ରାମରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେସନ୍ ଓ ହାର୍ଭେଷ୍ଟପ୍ଲସ୍‌ର ମିଳିତ ସହଯୋଗରେ ଜୈବ-ପୁଷ୍ଟିକର ଗହମ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁନଗର ବ୍ଲକରେ ୩୫ଜଣ ଚାଷୀଙ୍କୁ ଚୟନ କରାଯାଇ ବିଏଚ୍ୟୁ-୩୧ ବା ଗଙ୍ଗା-୩୧ ନାମକ ଜୈବ-ପୁଷ୍ଟିକର ଗହମ ବିହନ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୋପବନ୍ଧୁ ନଗର, ବ୍ଲକ ସଂଯୋଜକ ଦୀପକ ମିଶ୍ର ଓ ଏମ୍ଏର୍‌ସି ନାମଦେବ୍ ବେହେରା ଉପସ୍ଥିତ ଥିବା ସମସ୍ତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ସମସ୍ତଙ୍କୁ ବାୟୋ-ଫୋର୍ଟିଫାଏଡ୍ ଗହମ(ବିଏଚ୍ୟୁ-୩୧)କୁ କିପରି ଅତି ସହଜ ପ୍ରଣାଳୀରେ ଚାଷ କରିହେବ ଏବଂ ଜିଙ୍କ୍ ଏବଂ ଆଇରନ୍ ପରି ଉଚ୍ଚସ୍ତରରେ ଅତ୍ୟାବଶ୍ୟକ ପୋଷକତତ୍ତ୍ୱ ଧାରଣ କରିବା ପାଇଁ ଏହି ଜୈବ-ପୁଷ୍ଟିକର ଗହମ କିସମକୁ ବୈଜ୍ଞାନିକ ଭାବରେ ବିକଶିତ କରାଯାଇଛି, ଯାହା ଅପପୁଷ୍ଟି ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ କିପରି ଜୀବିକାରେ ଉନ୍ନତି କରିପାରିବେ ସେ ସମ୍ପର୍କରେ ନିଜ ମତ ରଖିଥିଲେ। ମୁଖ୍ୟଅତିଥି ଭାବେ ଗୋପବନ୍ଧୁନଗର ବ୍ଲକର କୃଷି ଅଧିକାରୀ ତ୍ରିଲୋଚନ ରାଉତ, ଟିଟିଆ ଗ୍ରାମପଞ୍ଚାୟତର ସରପଞ୍ଚ ସିତାମଣୀ ହେମ୍ବ୍ରମ ଯୋଗଦେଇ ଏହି ଗହମ ଚାଷ ଦ୍ୱାରା କିପରି ଉପକୃତ ହେବେ ସେନେଇ ଉପସ୍ଥିତ ସମସ୍ତ ଚାଷୀମାନଙ୍କୁ କହିବା ସହ ଏହି ଗହମ ବ୍ୟବହାର ନିମନ୍ତେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଠାକୁରମୁଣ୍ଡା ବ୍ଲକର ଧାଡିକିଡିହା ଗ୍ରାମପଞ୍ଚାୟତର କଲୋନୀସାହି ଗ୍ରାମରେ ୩୧ଜଣ ଚାଷୀଙ୍କୁ ମଧ୍ୟ ଏହି ଜୈବ-ପୁଷ୍ଟିକର ଗହମ ବଣ୍ଟନ ହୋଇଛି। ଏହି କାର୍ଯ୍ୟକ୍ରମକୁଟି ଏଆଇଏଫ ଟିମ୍ ଦ୍ୱାରା ପରିଚାଳନା କରାଯାଇଥିଲା। ଗୋପବନ୍ଧୁ ନଗର ବ୍ଲକର ଆଇସିଏଫ୍ ସନତ୍ ବେହେରା ଓ ମନ୍ଦାକିନୀ ବିନ୍ଧାଣି ସହଯୋଗ କରିଥିଲେ। ଶେଷରେ ଦୀପକ ମିଶ୍ର ସମସ୍ତ ଅତିଥି ଓ ଚାଷୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ।

# ପୌର ଆୟୁକ୍ତଙ୍କ ମନମୁଖୀ ନୀତିହୀନ ନିଷ୍ପତ୍ତି ବିରୋଧରେ ଦାବିପତ୍ର



ଛତ୍ରପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମର ୨୦ରୁ ଉର୍ଦ୍ଧ୍ୱ କର୍ପୋରେଟର ମଙ୍ଗଳବାର ଦିନ ଛତ୍ରପୁର ସ୍ଥିତ ଜିଲାପାଳଙ୍କ ବାସଭବନରେ ସାକ୍ଷାତ କରି ପୌର ଆୟୁକ୍ତଙ୍କ ମନମୁଖୀ, ନୀତି ହୀନ, ନିଷ୍ପତ୍ତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଅର୍ଥ ବଣ୍ଟନର ପ୍ରାଥମିକତାକୁ ଦୃଷ୍ଟିରେ ନରଖି ଶକ୍ତିଶାଳୀ ଲୋକଙ୍କ ଦ୍ୱାରା ପ୍ରଭାବିତ ହୋଇ କିମ୍ବା ଆର୍ଥିକ ପ୍ରଲୋଭନରେ ପ୍ରଲୋଭିତ ହୋଇ ବିନା କାଉନ୍ସିଲ୍ ଅନୁମୋଦନ ନଥାଇ କିମ୍ବା ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ନଥାଇ ଗୋଟିଏ ବିତାଡିତ ଟ୍ରଷ୍ଟ ସଦସ୍ୟଙ୍କୁ ରାତିଅଧିଆ ଏତେ ବଡ ଅର୍ଥ ୬୨,୯୬,୯୭୫/- ଟଙ୍କା, ଚେକ୍ ନଂ- ୧୦୧୫୩୪, ତା.୧୪.୧୧.୨୦୨୪ ରିଖ) ଦେବାଟା ବିଧି ବ୍ୟବସ୍ଥାର ବିରୁଦ୍ଧାଚରଣ ବୋଲି କହିଛନ୍ତି । ହରିଶ୍ଚନ୍ଦ୍ର ଯୋଜନାର ଅର୍ଥକୁ ଯାହା ସର୍ବସାଧାରଣଙ୍କ ଅନ୍ତେଷ୍ଟିକ୍ରିୟା ନିମନ୍ତେ ଆର୍ଥିକ ଅନୁଦାନ ଅଟେ । ସେହି ଅର୍ଥକୁ ଦିଆ ଯାଉ ନାହିଁ, ଏହାର କାରଣ କହୁଛନ୍ତି ଅଡିଟ୍ ପରେ ଦିଆଯିବ କିନ୍ତୁ ଏତେ ବଡ ଧନରାଶି ଗୋଟିଏ ବିତାଡିତ ଟ୍ରଷ୍ଟି ସଦସ୍ୟଙ୍କୁ ଦେବାଟା କେତେଦୂର ଠିକ୍ ବୋଲି ପ୍ରଶ୍ନ କରିଛନ୍ତି ଏବଂ ରାଜ୍ୟ ସରକାରଙ୍କ ଡିପିଆର୍ ନକ୍ସାରେ ସ୍ଥାନ ନଥାଇ ହଠାତ୍ ରାତି ଅଧିଆ ମୂର୍ତ୍ତି ସ୍ଥାପନ କରିବା ନିମନ୍ତେ ଅତି ନିକଟରେ କିଛି ଦିନ ତଳେ ବିଧାୟକ ଶୁଭ ଦେଲେ । ଏହା ଉଚିତ୍ ନୁହେଁ ବୋଲି କହିଛନ୍ତି । କାରଣ ଏହି ପୋଖରୀ ଠାକୁରଙ୍କ ଜଳଲାଗି ଦେବନୀତି କାର୍ଯ୍ୟରେ ବ୍ୟବହାର ନିମନ୍ତେ ଉର୍ଦ୍ଦିଷ୍ଟ । ଏହାର ସରୂପ ବଜାୟ ରଖିବା ପାଇଁ ଠାକୁରଙ୍କ ପ୍ରତିମୂର୍ତ୍ତି ହିଁ ରଖିବା ଉଚିତ୍ ବୋଲି ଦର୍ଶାଇବା ସହ କୌଣସି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନୁହେଁ, ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ସର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସହରର ଯେ କୌଣସି ଛକରେ କିମ୍ବା ତାଙ୍କ ନାମରେ ନୂତନ ପାର୍କ ସ୍ଥାପନ କରି ସେଥି ମଧ୍ୟରେ ପ୍ରତିମୂର୍ତ୍ତି ସ୍ଥାପନ କରିବାଟା ହେଉଛି ପ୍ରକୃତ ଶ୍ରଦ୍ଧାଞ୍ଜଳୀ ବୋଲି ସେମାନେ କହିଛନ୍ତି। ଏହା ସହ ଆଉ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି ଯେ, ପୂର୍ବତନ ସାଂସଦ ଏବଂ ବିଧାୟକଙ୍କୁ ସହରର ସମସ୍ତ ଅଂଚଳର ଅଂଚଳବାସୀ ବାରମ୍ବାର ସାକ୍ଷାତ କରି ପ୍ରୋଜେକ୍ଟ ଉପରେ ସଠିକ୍ ବୁଝାଇବା ପରେ ବିଧାୟକ ଓ ସାଂସଦଙ୍କ ଅନୁଦାନ ନିର୍ବାଚନ ଆଚରଣ ବିଧି ପୂର୍ବରୁ ଅନୁମୋଦନ ହୋଇଥିଲା । କିନ୍ତୁ ଆଚରଣ ବିଧିର ଦ୍ୱାହି ଦେଇ କାର୍ଯ୍ୟାଦେଶକୁ ସ୍ଥଗିତ ରଖା ଯାଇଥିଲା । କିନ୍ତୁ ବର୍ତ୍ତମାନ ଅଧିକାରୀମାନେ ମନ୍ଦ ଉଦ୍ଦେଶ୍ୟ ରଖି ଅନୁମୋଦିତ ପୂର୍ବତନ ସାଂସଦ ବିଧାୟକ ପାଣ୍ଠିର କାର୍ଯ୍ୟାଦେଶ ଦେଉ ନାହାନ୍ତି ଏବଂ କାଉନ ସିଲର ପ୍ରସ୍ତାବରେ ସହର ମଧ୍ୟରେ ରହିଥିବା ପୋଖରୀର ପୁର୍ନଉଦ୍ଧାର କାର୍ଯ୍ୟାଦେଶ ମିଳିଥିଲା, କିନ୍ତୁ ଦୀର୍ଘଦିନ ହେଲା କାରଣ ନଥାଇ କାର୍ଯ୍ୟସବୁ ଅଧା ଅଧୁରା ରହି ବନ୍ଦ ରହିଛି, ଏହା ପଛର ରହସ୍ୟ କଣ? ଏହାର ସ୍ଥାୟୀ ସମାଧାନ ନ ବାହାର କଲେ ସରକାରଙ୍କ ଅର୍ଥର ଅପଚୟ ହେବ ବୋଲି ଅଭିଯୋଗ କରିଛନ୍ତି। ଟେଣ୍ଡର ମାଧ୍ୟମରେ ଲୋଚାପଡା ନିକଟସ୍ଥ ବ୍ରଜନଗର ଠାରୁ ସିଦ୍ଧାର୍ଥ ନଗର ପର୍ଯ୍ୟନ୍ତ ରାସ୍ତା କାମ ନିମନ୍ତେ ଦୀର୍ଘ ଦିନ ହେଲା। ଟେଣ୍ଡର ପ୍ରକ୍ରିୟା ସରି ଯାଇଥିଲେ ମଧ୍ୟ କାମ ନହେବା ଯୋଗୁଁ ଜନଅସନ୍ତୋଷ ମାତ୍ରାଧିକ ବଢି ଚାଲିଛି । ଏହି ଟେଣ୍ଡରକୁ କୌଣସି କାରଣ ନଥାଇ ବାତିଲ୍ କରିବା ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରସ୍ତାବ ପାରିତ କରିଛନ୍ତି । କିନ୍ତୁ ଏ କାର୍ଯ୍ୟଟି ଉଭୟ ଗୋପାଳପୁର ଓ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଅଟେ । ନାଗରିକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଟେଣ୍ଡର ବାହାର କରାଯାଇଥିଲା କିନ୍ତୁ କୌଣସି କାରଣ ନ ଦର୍ଶାଇ କାହାର ପ୍ରରୋଚନାରେ ବାତିଲ୍ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। କିନ୍ତୁ ଅସନ୍ତୋଷ କର୍ପୋରେଟର ମାନେ ପୌର ଆୟୁକ୍ତଙ୍କ ମନୋମୁଖୀ ଓ ବିଭିନ୍ନ ଅନିୟମିତତା ବିଷୟ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲା ବେଳେ ସହରରେ ଅନାସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

# କଟକ ମେଡିକାଲକୁ ଯାଇ ପ୍ଲେଟଲେଟ ପ୍ରଦାନ କଲେ ନିୟମିତ ରକ୍ତଦାତା ଡଃ ନିରୋଜ ପୋଥାଳ

ବାରିପଦା, (ସବ୍ୟୁ) : ବିହାର ରାଜ୍ୟ ବକ୍ସର ଗ୍ରାମର ଜଣେ କ୍ୟାନ୍ସର୍ ପୀଡ଼ିତା ରୋଗୀ ନାମ ବୀଣା କୁମାରୀ ଦୀର୍ଘଦିନ ଧରି କଟକର ରାମଚନ୍ଦ୍ର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ଜରୁରୀ କାଳୀନ ଏବି-ପଜିଟିଭ୍ ପ୍ଲେଟଲେଟର ଆବଶ୍ୟକ ହେବାରୁ ଅନେକ ଚେଷ୍ଟା କରି ବିଫଳ ହେବାରୁ ସେମାନେ କଟକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଦେବାଶିଷ ସାହୁ (ଦିଲୁ ଭାଇ)ଙ୍କୁ ଏସ୍‌ଡିପି ଦାନ ପାଇଁ ଅନୁରୋଧ କରିଥିଲେ। ଦେବାଶିଷ ସାହୁ ସଙ୍ଗେ ସଙ୍ଗେ ବାରିପଦାର ନିୟମିତ ରକ୍ତ ଓ ପ୍ଲେଟଲେଟ୍ ଦାତା ଡଃ ନିରୋଜ କୁମାର ପୋଥାଳଙ୍କୁ ଯୋଗାଯୋଗ କରିଥିଲେ। ଜରୁରୀକାଳୀନ ପ୍ଲେଟଲେଟର ଆବଶ୍ୟକତା ଜାଣିବା ପରେ ଡଃ ନିରୋଜ କୁମାର ପୋଥାଳ ଅବିଳମ୍ବେ ବାରିପଦାରୁ କଟକ ମେଡିକାଲକୁ ଯାଇ ନିଜର ଏସଡିପି (ପ୍ଲେଟଲେଟ) କ୍ୟାନ୍ସର ପୀଡ଼ିତା ମହିଳାଙ୍କୁ ପ୍ରଦାନ କରିଥିଲେ। ଏହି ମହାନ ସେବାକାର୍ଯ୍ୟ ପାଇଁ ଡଃ ନିରୋଜଙ୍କୁ କଟକ ଓ ମୟୂରଭଞ୍ଜର ବିଭିନ୍ନ ଅନୁଷ୍ଠାନ ତରଫରୁ ଧନ୍ୟବାଦ୍ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଅନେକ ବାର ନିୟମିତ ଭାବରେ ଡଃ ନିରୋଜ ପୋଥାଳ ବାରିପଦାରୁ କଟକକୁ ଯାଇ ଡେଙ୍ଗୁ ଓ କେନ୍ସର ରୋଗୀଙ୍କୁ ନିଜର ପ୍ଲେଟଲେଟ ପ୍ରଦାନ କରି ଆସୁଛନ୍ତି । ଆଜି ପର୍ଯ୍ୟନ୍ତ ସର୍ବମୋଟ ୧୨୦ଥର ନିଜର ରକ୍ତଦାନ କରି ଅନେକ ରାଜ୍ୟରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି।

# ନାବାଳିକା ଦୁଷ୍କର୍ମ ମାମଲା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର, (ସବ୍ୟୁ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ଉପଯୁକ୍ତ ପ୍ରମାଣ ଅଭାବରୁ ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ମଙ୍ଗଳବାର ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ନିର୍ଦ୍ଦୋଷ ସାବ୍ୟସ୍ତ ଜଣକ ହେଲେ ବେଳଗୁଣ୍ଠା ଥାନା ଅଞ୍ଚଳର ଅକ୍ଷୟ ମାଝୀ (୨୫) । ସୂଚନାଯୋଗ୍ୟ ଯେ,୨୦୨୧ ମସିହା ମେ ୨୬ ତାରିଖରେ ବେଳଗୁଣ୍ଠା ଥାନା ଅଞ୍ଚଳର ଜଣେ ନାବାଳିକା(୧୭) ଘରେ ଏକାଥିଲେ। ଏହାର ସୁଯୋଗନେଇ ଅକ୍ଷୟ ତାଙ୍କ ଘରେ ପଶି ଦୁଷ୍କର୍ମ କରିଥିଲା। ଏନେଇ ନାବାଳିକା ଜଣକ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅକ୍ଷୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ସେ ଜାମିନରୁ ଜେଲ୍‌ରୁ ମୁକୁଳିଥିଲେ । ଏହି ମାମଲା ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକଙ୍କ କୋର୍ଟରେ ବିଚାରଣା ଚାଲିଥିଲା। ବିଚାରଣା ଚାଲିଥିବା ବେଳେ ମୋଟ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ହେଲେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତ ଅକ୍ଷୟକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଚକ୍ରପାଣି ନାହାକ ଓ ରଶ୍ମିତା ଦାଶ ଉକ୍ତ ମାମଲା ପରିଚାଳନା କରୁଥିଲେ ।

# ଗଜପତି ଜିଲ୍ଲାରୁ ୬୨ତମ ପୋଷ୍ୟ ସନ୍ତାନ ଗ୍ରହଣ କଲେ ତାମିଲନାଡୁ ଦମ୍ପତି

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରୁ ୬୨ ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ତାମିଲନାଡୁ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁକନ୍ୟାଟିକୁ, ଶିଶୁ ମଙ୍ଗଳ ସମିତି ଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଉତ୍କଳ ବାଳାଶ୍ରମ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ ଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା । ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ଏକ ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜ କୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୧୩ ବର୍ଷ ବୟସ ଏବଂ କନ୍ୟା ଶିଶୁ ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀଣୀ ଶ୍ରୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଅରବିଏସକେ ଡକ୍ଟର ମିଳନ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଛାତ୍ରୀଙ୍କୁ ଅପହରଣ ଘଟଣାରେ ଯୁବକ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅଞ୍ଚଳରୁ ଜନୈକା ନାବାଳିକା ଛାତ୍ରୀଙ୍କୁ ଅପହରଣ ଘଟଣାରେ ପୋଲିସ ଅଭିଯୁକ୍ତ ଯୁବକ ଜିତୁ ଭୂୟାଁ(୨୪)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପ୍ରକାଶ ଯେ , ଅଭିଯୁକ୍ତ ଜିତୁ ସଂପୃକ୍ତା ନାବାଳିକା କଲେଜ ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରି ଗତ ଶନିବାର ବିଳମ୍ବିତ ରାତିରେ ତାଙ୍କୁ ଅପହରଣ କରି ନେଇଥିଲ। । ଏନେଇ ନାବାଳିକାଙ୍କ ପରିବାର ଲୋକେ ବାଲିପଦର ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ - ୫୬୨/୨୪ରେ ଏକ ମାମଲା ରୁଜୁ କରିଥିଲା । ଅନୁସନ୍ଧାନ କରି ପୋଲିସ୍ ଏକ ଭଡାଘରୁ ଉଭୟଙ୍କୁ କାବୁ କରିଥିଲା। ତେବେ ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ଅଭିଯୁକ୍ତ ଯୁବକ ଜିତୁକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସଂପୃକ୍ତା ନାବାଳିକାକୁ ବ୍ରହ୍ମପୁର ସ୍ଥିତ ବାଳାଶ୍ରମକୁ ପଠାଯାଇଥିବା ଜଣାଯାଇଛି ।

## ଡ୍ରିମ୍‌ସରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

# ଭିନ୍ନକ୍ଷମଙ୍କ ଉନ୍ନତି ଆମର ଲକ୍ଷ୍ୟ ହେବା ଉଚିତ୍



କଟକ, (ସ୍ୱପ୍ର) : ଶାରୀରିକ ଗଠନ ଦୃଷ୍ଟିରୁ ଭିନ୍ନକ୍ଷମ ହେଲେ ହେଁ ସେମାନେ ଆମପରି ମଣିଷ । ସେମାନଙ୍କ ଅଧିକାର, ସାମାଜିକ ସୁରକ୍ଷା , ସମ୍ମାନ ପ୍ରତି ସଚେତନ ହେବା ସର୍ବୋପରି ସେମାନଙ୍କ ଉନ୍ନତି ଆମର ପ୍ରଧାନ ଲକ୍ଷ୍ୟ ହେବା ଉଚିତ୍ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଅକ୍ୟୁପେସନାଲ ଓ ଫିଜିଓଥେରାପି ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ଏହି ମର୍ମରେ କହିଛନ୍ତି । ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଲେ, ଭିନ୍ନକ୍ଷମଙ୍କ ଭିତରେ ଈଶ୍ୱରୀୟ ସତ୍ତା ନିହିତ। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ସକ୍ଷମ କରାଇବାରେ ଅକ୍ୟୁପେସନାଲ ଓ ଫିଜିଓଥେରାପି ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଦ୍ୱାରା ସେମାନେ ଈଶ୍ୱରଙ୍କ ଅଦୃଶ୍ୟ ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତି । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା କହିଲେ ଭିନ୍ନକ୍ଷମଙ୍କୁ ଯେଉଁମାନେ ମାର୍ଗଦର୍ଶନ କରି ସାମର୍ଥ୍ୟବାନ୍ କରୁଛନ୍ତି ସେମାନେ ଆମର ନମସ୍ୟ । ସବୁସ୍ତରରେ ଭିନ୍ନକ୍ଷମମାନଙ୍କୁ ପ୍ରୋତ୍ସାହିତ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ଆବଶ୍ୟକତା ରହିଥିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟଅତିଥି ଓଡି। ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଉପଶାସନ ସଚିବ ସନ୍ୟାସୀ ବେହେରା ନିଜର ଦୃଷ୍ଟିବାଧିତ ଭିନ୍ନକ୍ଷମତା ସତ୍ତ୍ୱେ କିଭଳି ସଂଗ୍ରାମ କରି ଭିନ୍ନକ୍ଷମଙ୍କୁ ନ୍ୟାୟ ଓ ଅଧିକାର ପାଇଁ ସଂଗ୍ରାମ କରିଆସିଛନ୍ତି ଓ ଆଜି ଏକ ଦାୟିତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟକରୁଛନ୍ତି ତାହା ଉଲ୍ଲେଖ କରି ମଣିଷ ଭିତରେ ଭିନ୍ନକ୍ଷମତା ନେଇ କୌଣସି ଫରକ୍ ରହିବା ଉଚିତ ନୁହେଁ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟର ଅବସରପ୍ରାପ୍ତ ନିର୍ଦ୍ଦେଶକ ରାମ କିଶୋର ଶର୍ମା କହିଲେ ଭିନ୍ନକ୍ଷମଙ୍କ ଭିତରେ ଅପରିସୀମ ପ୍ରତିଭା ରହିଛି । ସେମାନଙ୍କ ପ୍ରତି ଥିବା ଆମର ଦୃଷ୍ଟିଭଙ୍ଗୀ ରେ ପରିବର୍ତ୍ତନ ହେଲେ ସେମାନେ ଆଗକୁ ବଢିପାରିବେ । ଅନ୍ୟତମ ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା ଭିନ୍ନକ୍ଷମ ଦିବସର ଅନୁଚିନ୍ତା ସଂପର୍କରେ କହିଥିଲେ । ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ସୂଚନା ଓ ସ୍କୁଲ ଅଫ ଏଗ୍ରୀକଲଚର ଡିନ୍ ଡ. କୁମ୍ଭକର୍ଣ୍ଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. ଚିତ୍ତ ପ୍ରସାଦ ଦାସ, ଏକାଡେମିକ୍ ଡ.ପ୍ରିୟଦର୍ଶୀ କାନୁନ୍‌ଗୋ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରାଧ୍ୟାପକ ବାବୁରାମ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଅଭିଭାବକ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ବିବିଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା । ଛାତ୍ରୀ ଶିଖା ମହାନ୍ତି ଓ ବିଷ୍ଣୁପ୍ରିୟା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଭିନ୍ନକ୍ଷମ ଦିବସ

ଭଞ୍ଜନଗର, (ସବ୍ୟୁ): ତାଲୁକ ଆଇନ ସେବା କମିଟି ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଦେବଦତ୍ତ ପଟ୍ଟନାୟକ ଯୋଗଦେଇ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ଆଇନଗତ ଅଧିକାର ଉପରେ ଆଲୋକପାତ କରିଥିଲେ। ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ସିନିୟର ସିଭିଲ ଜଜ୍ ଦେବାଶିଷ ବିଷୋୟୀ, ଜଏମଏଫସି ଭିଏନା ନାୟକ, ଏସଡିଜେଏମ ଅମିତ କୁମାର, ଏସଡିପିଓ ସୁଜିତ କୁମାର ନାୟକ, ତହସିଲଦାର ଉମାଶଙ୍କର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଉପଖଣ୍ଡ ଚିକିତ୍ସାଳୟର ଭାରପ୍ରାପ୍ତ ସୁପରିଟେଣ୍ଡେଣ୍ଟ ଡାକ୍ତର ସୁରେଶ ଚନ୍ଦ୍ର ସାମନ୍ତ,ତାଲୁକ ଆଇନ ସେବା କମିଟିର ସଦସ୍ୟ ଅଳକା ମଞ୍ଜରି ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅତିରିକ୍ତ ଉପଜିଲ୍ଲାପାଳ ବିଶ୍ୱରଞ୍ଜନ କର, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଚ୍ ରାସ୍ତାରେ ନାଏବ ସରପଞ୍ଚଙ୍କ ଦବଙ୍ଗଗିରି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ଅଞ୍ଚଳର ନାଏବ ସରପଞ୍ଚ ଜଣେ ହିତାଧିକାରୀଙ୍କୁ ବିଚ୍ ରାସ୍ତା ଉପରେ ଠେଙ୍ଗା, ଝାଡୁ, ଜୋତାରେ ବାଡ଼େଇଲେ ନାଏବ ସରପଞ୍ଚ ଏବଂ ସମର୍ଥକ । ବିଚ୍ ରାସ୍ତାରେ ହେଲା କଙ୍ଗାରୁ କୋର୍ଟ। ଏଭଳି ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ସାଇଁକୁଳାରେ ଏକ ବୈଠକରେ ଆବାସ ଯୋଜନାକୁ ନେଇ କଥା କଟାକଟି ହୋଇଥିବାବେଳେ ହିତାଧିକାରୀ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଜଣେ ହିତାଧିକାରୀ ଚନ୍ଦନ ସାହୁ ସେଠାରୁ ବାହାରି ଚାଲି ଆସିଥିବାବେଳେ ସ୍ଥାନୀୟ ବିଦ୍ୟାଳୟ ନିକଟରେ ଛିଡା ହୋଇଥିଲେ। ଏହି ସମୟରେ ନାଏବ ସରପଞ୍ଚ କବିତା ମହାନ୍ତିଙ୍କ ସହିତ ତାଙ୍କ ସ୍ୱାମୀ, ପୁଅ ଏବଂ ଅନ୍ୟ କିଛି ମହିଳା ଆସି ବିଚ୍ ରାସ୍ତାରେ ଚନ୍ଦନଙ୍କୁ ପହଁରା, ବାଉଁଶ, ଠେଙ୍ଗାରେ ନିର୍ଘାତ ମାଡ଼ ମାରିଥିଲେ। ନିଜେ ନାଏବ ସରପଞ୍ଚ ମଧ୍ୟ ହାତରେ ବାଡ଼ି ଧରି ହିତାଧିକାରୀ ଚନ୍ଦନ ସାହୁଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଚନ୍ଦନ ସାହୁଙ୍କ ସମେତ ତାଙ୍କ ସ୍ତ୍ରୀ କୁ ମଧ୍ୟ ମାଡ଼ ମରାଯାଇଥିବା ବେଳେ ଆକ୍ରମଣରେ ଚନ୍ଦନଙ୍କ ମୁଣ୍ଡ ମଧ୍ୟ ଫାଟିଛି। ଏନେଇ ଖୁଣ୍ଟା ଥାନାରେ ଚନ୍ଦନଙ୍କ ଅଭିଯୋଗ କରିଛନ୍ତି। ଅନ୍ୟପଟେ ନିଜକୁ ବଞ୍ଚାଇବାକୁ ଯାଇ ଚନ୍ଦନ ମଧ୍ୟ ନାଏବ ସରପଞ୍ଚ ଏବଂ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଚନ୍ଦନ ନାଏବ ସରପଞ୍ଚ ଏବଂ ପରିବାର ଲୋକଙ୍କୁ ଆକ୍ରମଣ କରିବା ପରେ ସେମାନେ ତାଙ୍କୁ ରାସ୍ତାରେ ମାଡ଼ ମାରିଥିବା କହିଛନ୍ତି ନାଏବ ସରପଞ୍ଚ।

## ପ୍ରସିଦ୍ଧ ବୌଦ୍ଧପୀଠ ରତ୍ନଗିରି ଖନନ ଆରମ୍ଭ

# ମାଟିତଳୁ ନୂତନ ବୌଦ୍ଧ କୀର୍ତ୍ତିରାଜିର ସନ୍ଧାନ

ବାଲିଚନ୍ଦ୍ରପୁର, (ସବ୍ୟୁ) : ହୀରକ ତ୍ରିଭୁଜ ବୌଦ୍ଧକ୍ଷେତ୍ର ସମୂହ ମଧ୍ୟରୁ ଅନ୍ୟତମ ପ୍ରସିଦ୍ଧ ରତ୍ନଗିରିଠାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ପୁରୀ ସର୍କଲ ପକ୍ଷରୁ ଖନନ ଆରମ୍ଭ ହୋଇଛି । ଏହି ଖନନ ଦାୟିତ୍ୱ ନେଇଥିଲାବେଳେ ପ୍ରତ୍ନତତ୍ତ୍ୱ ଅଧୀକ୍ଷକ ଡ. ଦିବିଶଦ ବ୍ରଜସୁନ୍ଦର ଗଡ଼ନାୟକ ଏହାର ନେତୃତ୍ୱ ନେଇଛନ୍ତି । ରତ୍ନଗିରିର ମୁଖ୍ୟ ବୌଦ୍ଧମହାବିହାର ସମ୍ମୁଖ ଭାଗରେ ଥିବା ମାଟିକୁଦ ନିକଟରେ ଭୂମିପୂଜନ ଓ ପୂଜାର୍ଚ୍ଚନା ସହ ଖନନ ଆରମ୍ଭ ହୋଇ ଏକ ପ୍ରାଚୀନ ବୌଦ୍ଧ ସ୍ମାରକୀର ସନ୍ଧାନ ମିଳିଛି । ଖନନସ୍ଥଳ ନିକଟରେ ଏକ କ୍ଷୁଦ୍ର ଶିଳାଲିପିର ମଧ୍ୟ ସନ୍ଧାନ ମିଳିଛି । ନୂତନ ଖନନସ୍ଥଳୀର ୬୦ ମି. ଘ ୧୦ ମି. ଅଂଚଳରେ ପ୍ରାରମ୍ଭିକ ସର୍ଭେ ସହ ସ୍ଥାନ ଚିହ୍ନଟ କରାଯାଇଛି । ଏ.ଏସ୍.ଆଇ.ର ଅଭିଜ୍ଞ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉତ୍କଳ, ସମ୍ବଲପୁର ଓ ଆସାମର କଟନ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ପର୍ଯ୍ୟାୟକ୍ରମେ ଏହି ଖନନରେ ସାମିଲ ହେବେ । ଖନନ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଗବେଷକ ଛାତ୍ର ଓ ବରି-ରାମଚନ୍ଦ୍ରପୁର ସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଏଏସ୍‌ଆଇର ଭୁବନେଶ୍ୱର ସର୍କଲ ପ୍ରତିଷ୍ଠା ହେବାର ବହୁବର୍ଷ ପୂର୍ବରୁ ପୂର୍ବାଞ୍ଚଳ ସର୍କଲ ପକ୍ଷରୁ ୧୯୫୮-୧୯୬୧ ମସିହାରେ ରତ୍ନଗିରିର ପ୍ରଥମ ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ କରାଯାଇଥିଲା । ଭାରତର ପ୍ରମୁଖ ବୌଦ୍ଧପୀଠ ନାଳନ୍ଦା ଅନୁରୂପ ରତ୍ନଗିରି ଖନନରୁ ଏକ ବିଶାଳ ଇଟାନିର୍ମିତ ସ୍ତୁପ, ଦୁଇଟି ମନୋରମ ବୌଦ୍ଧବିହାର, ପ୍ରାଚୀନ ମହାକାଳମନ୍ଦିର, ଶହଶହ ମନାସୀ (ମାନସିକ) ସ୍ତୁପ, ଶତାଧିକ ବୌଦ୍ଧ ମୂର୍ତ୍ତି, ଶିଳାଲିପି, ମୃତ୍ତିକା ମୋହର ଲୋକଲୋଚନକୁ ଆସିଥିଲା । ପୁରାତାତ୍ତ୍ୱିକ ଅବଶେଷଗୁଡ଼ିକରୁ ରତ୍ନଗିରି ବୌଦ୍ଧପୀଠ ପଂଚମ ଶତାବ୍ଦୀଠାରୁ ଆରମ୍ଭ ହୋଇ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏକ ପ୍ରସିଦ୍ଧ ଓ ସୁରମ୍ୟ ବୌଦ୍ଧବିହାରସ୍ଥଳୀ ଥିଲା। ବୋଲି ଜଣାପଡ଼ିଛି । ଖ୍ରୀଷ୍ଟାବ୍ଦ ୬୩୯ରେ ବିଖ୍ୟାତ ଚୀନ ପରିବ୍ରାଜକ ହୁଏନ୍‌ସାଂ ଭାରତ ଭ୍ରମଣସ୍ଥଳରେ ପ୍ରସିଦ୍ଧି ଅର୍ଜନ କରିଥିବା ବୌଦ୍ଧସ୍ଥଳୀ ଉଡ୍ରଦେଶ ବା ଆଧୁନିକ ଓଡ଼ିଶାକୁ ଆସି ବିଖ୍ୟାତ ପୁଷ୍ପଗିରି ବୌଦ୍ଧମହାବିହାର ସଂପର୍କରେ ଉଲ୍ଲେଖ କରିଥିଲେ ଯାହାକି ରତ୍ନଗିରି-ଉଦୟଗିରି-ଲଳିତଗିରି ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି । ତେବେ ରତ୍ନଗିରି ଖନନରୁ ମିଳିଥିବା ସିଲିଂରୁ ଏହା ଶ୍ରୀ ରତ୍ନଗିରି ମହାବିହାରୀୟ ଆର୍ଯ୍ୟଭିକ୍ଷୁ ସଂଘୀୟ ବୋଲି ଜଣାପଡ଼ିଥିଲା । ଏ.ଏସ୍.ଆଇ.ର ଅଧୀକ୍ଷକ ଡ. ଦିବିଶଦ ବ୍ରଜସୁନ୍ଦର ଗଡ଼ନାୟକ ନେତୃତ୍ୱରେ ଖନନ କାର୍ଯ୍ୟ କରାଯାଉଛି । ସେ କହିଛନ୍ତି ଯେ, ରତ୍ନଗିରି ନୂତନ ଖନନରୁ ବିଶ୍ୱବିଖ୍ୟାତ ବୌଦ୍ଧ ପ୍ରତ୍ନସଂପଦ ଲୋକଲୋଚନକୁ ଆସିପାରିବ । ଖନନ କାର୍ଯ୍ୟ ସହିତ ଏଠାରୁ ମିଳୁଥିବା ପୁରାତାତ୍ତ୍ୱିକ ସଂପଦଗୁଡ଼ିକର ସଂରକ୍ଷଣ ମଧ୍ୟ ଏକାସାଙ୍ଗରେ କରାଯିବ । ଉଲ୍ଲେଖନୀୟ ବିଷୟ ହେଲା ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ରିର୍ସଚ ସ୍କଲାର ଛାତ୍ରମାନଙ୍କୁ ଖନନ କାର୍ଯ୍ୟ ସହିତ ଏଥିରେ ଗବେଷଣାତ୍ମକ ଅନ୍ୱେଷଣ ପାଇଁ ଚୟନ କରାଯାଇଥିଲା। ବେଳେ ଓଡ଼ିଶା ସମେତ କେରଳ, ମଧ୍ୟପ୍ରଦେଶ, ଆସାମ ଓ ଝାଡ଼ଖଣ୍ଡର ବିଭିନ୍ନ ବିଶ୍ୱବିଦ୍ୟାଳୟର ବାରଜଣ ଗବେଷିକା ଛାତ୍ରୀମାନେ ମଧ୍ୟ ଟ୍ରେଞ୍ଚ ସୁପରଭାଇଜର ଭାବେ ଖନନ କାର୍ଯ୍ୟରେ ସାମିଲ ହେବାପାଇଁ ଆବେଦନ କରିଛନ୍ତି । ବିଶିଷ୍ଟ ବୌଦ୍ଧ ଗବେଷକ ଡ. ହରିଶ୍ ଚନ୍ଦ୍ର ପୃଷ୍ଟି ଓ ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ରତ୍ନଗିରିର ଖନନ କାର୍ଯ୍ୟଦ୍ୱାରା ପୁଷ୍ପଗିରି ଓ ରତ୍ନଗିରିର ଅନାଲୋଚିତ ଅଧ୍ୟାୟ ପ୍ରକାଶିତ ହେବ । ରତ୍ନଗିରି ଖନନ କାର୍ଯ୍ୟରେ ଏ.ଏସ୍.ଆଇ. ଡେପୁଟି ଇଂଜିନିୟର ଚିତ୍ତରଂଜନ ଦାଶ, ସହକାରୀ ପ୍ରତ୍ନତତ୍ତ୍ୱ ଅଧୀକ୍ଷକ ଡ. ପ୍ରଜ୍ଞା ପ୍ରତୀମ ପ୍ରଧାନ, ସର୍ଭେ ଅଫିସର ଶୁଭେନ୍ଦୁ କୁମାର ଖୁଣ୍ଟିଆ, ଦେବାଶିଷ ମିଶ୍ର, ଡ୍ରାଫ୍ଟମ୍ୟାନ ପବିତ୍ର ବାରିକ, ବନଓ୍ୱାରିଲାଲ, ରୋହିତ କୁମାର, ସୁମନ୍ତ ବିଶ୍ୱାସ, ରିସର୍ଚ୍ଚ ସ୍କଲାର ମିତ୍ରଭାନୁ ସାହୁ, ତୁଷାରକାନ୍ତ ବେହେରା, ଅଧ୍ୟାପକ ପ୍ରଭାକର ସେଠୀ ଓ ଅଧ୍ୟାପକ ଅମୂଲ୍ୟ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

## ଲାଖବିନ୍ଧା ପ୍ରତିଯୋଗିତା

# ମହିଳାରେ ଚାମା ଓ ପୁରୁଷ ବିଭାଗରେ ଶିବ ଶଙ୍କର ଚାମ୍ପିଅନ



ବାରିପଦା, (ସବ୍ୟୁ) : ଚାଲିଛି ମୟୂରଭଞ୍ଜ ମହୋତ୍ସବ। କଳା, ସଂସ୍କୃତି ଓ ଐତିହ୍ୟର ଏହି ମହାନ ପର୍ବରେ ପ୍ରତି ଦିନ ଅନେକ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ମଧ୍ୟ ଚାଲୁ ରହିଛି। ଏହାରି ମଧ୍ୟରେ ଏକ ଅନ୍ୟତମ କାର୍ଯ୍ୟକ୍ରମ ବା' ଖେଳ ହେଉଛି ଲାଖବିନ୍ଧା' ପ୍ରତିଯୋଗିତା। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଅଧିବାସୀ ମାନଙ୍କର ଏ ହେଉଛି ଏକ ଅନନ୍ୟ ଓ ଆକର୍ଷଣୀୟ ପରମ୍ପରା। ତେଣୁ ମୟୂରଭଞ୍ଜ ମହୋତ୍ସବରେ ମଧ୍ୟ ଏହା ବିଶେଷ ଆକର୍ଷଣ ପାଲୋଟି ଥାଏ। ଉଭୟ ପୁରୁଷ ଓ ମହିଳାଙ୍କୁ ନେଇ ଏହା ଅନୁଷ୍ଠିତ ହୋଇଥାଏ। ଆଦିବାସୀ ପାରମ୍ପରିକ ପୋଷାକ ପରିଧାନ କରି ହାତରେ ଧନୁ ଓ ତୀର ଧରି ଯୁଦ୍ଧ କରିବା ଭାବଭଙ୍ଗୀରେ ଲକ୍ଷ ଭେଦ କରିଥାନ୍ତି ପ୍ରତିଯୋଗି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ମିନିଟ୍ ସମୟ ରେ ମୟୂରଭଞ୍ଜ ମୋହତ୍ସବ ତରଫରୁ ବାରିପଦା ଷ୍ଟାଡିୟମ ଠାରେ ଏହି ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଉଛି। ଦୀର୍ଘ ଦୁଇଘଣ୍ଟା ଧରି ଏହି ପ୍ରତିଯୋଗିତା ଚାଲିଥିବା ବେଳେ ଏଥିରେ ୫୮ଜଣ ମହିଳା ଓ ୨୨୦ଜଣ ପୁରୁଷ ଭାଗ ନେଇଥିଲେ। ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରଥମ ୫ଜଣ ପ୍ରତିଯୋଗୀଙ୍କୁ ମୟୂରଭଞ୍ଜ ମହୋତ୍ସବର ବର୍ଣ୍ଣାଢ୍ୟ ମଞ୍ଚରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ମହିଳା ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ଚାମା ମୁର୍ମୁ, ଦ୍ୱିତୀୟ ଓ ତୃତୀୟ ଯଥା କ୍ରମେ ରଶ୍ମିତା ହେମ୍ବ୍ରମ ଓ ମାଳିକା ହେମ୍ବ୍ରମ ରହିଛନ୍ତି ଚତୁର୍ଥ ଓ ପଞ୍ଚମ ସ୍ଥାନରେ ଅଛନ୍ତି ଶାନ୍ତିଲତା ହେମ୍ବ୍ରମ ଓ ମାଳତୀ ମାଝୀ। ସେହିଭଳି ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଶିବ ଶଙ୍କର ହେମ୍ବ୍ରମ। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ରହିଛନ୍ତି ଚରଣ କିସ୍କୁ ଓ ରଘୁନାଥ ହେମ୍ବ୍ରମ। ଚତୁର୍ଥ ଓ ପଞ୍ଚମ ସ୍ଥାନରେ ଅଧିକାର କରିଛନ୍ତି ନୁନା ମୁର୍ମୁ ଓ ଶ୍ୟାମ ସୁନ୍ଦର ଟୁଡୁ। ଏହି କାର୍ଯ୍ୟକ୍ରମକୁ କମିଟିର ପଦାଧିକାରୀ ଅସିତ ପତି, କୃଷ୍ଣାନନ୍ଦ ମହାନ୍ତି, ସଂଜୀବ ଦିବେଦୀ, ଅମର ସେଠି, ରାକେଶ ସିଂ, ଅରୁଣ ବରାଡ଼, ରାଜୀବ ଜେନା, ରାକେଶ ବେହେରା, ସରୋଜ ଶତପଥୀ, ଦିବ୍ୟରଞ୍ଜନ ଦାସ ଓ ସମର୍ଜିତ ଗୋସ୍ୱାମୀ ପ୍ରମୁଖ ପରିଚାଳନା କରିଥିବାବେଳେ ଅତିଥି ଭାବେ ଭାରତୀ ହାଁସଦା ଜିଲ୍ଲାପରିଷଦ ଅଧ୍ୟକ୍ଷା, ମୟୂରଭଞ୍ଜ ଓ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍ଘାଟନ କରିଛନ୍ତି।

# ରାୟଗଡ଼ା ରେଳ ଡିଭିଜନ ପାଇଁ ୧୦୭ କୋଟିର ଟଙ୍କାର ବିଜ୍ଞପ୍ତି



ରାୟଗଡା ,(ସବ୍ୟୁ): ଓଡ଼ିଶାରେ ରେଳ ବିକାଶ ପାଇଁ ୭୩ହଜାର ୭ଶହ ୨୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ରାୟଗଡା ରେଳ ଡିଭିଜନ ପାଇଁ ୧ଶହ ୭କୋଟି ଟଙ୍କାର ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମାଜିକ ଗଣମାଧମରେ ପ୍ରକାଶ କରିଛନ୍ତି। ଏନେଇ ବିଶାଖାପାଟଣା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗଣମାଧମ ଜଣାଇଛନ୍ତି। ପ୍ରସ୍ତାବିତ ରାୟଗଡା ରେଳ ମଣ୍ଡଳକୁ ମଞ୍ଜୁର କରାଯାଇଛି । ରେଳ ମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧ଶହ ୭କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । ପୂର୍ବତଟ ରେଳପଥ ମଧରେ ପୂର୍ବପରି ତିନିଟି ରେଳ ମଣ୍ଡଳ ରହିବ। ଗୁଣୁପୁର-ଥେରୁବାଲି ନୂତନ ରେଳ ଲାଇନ । ଜୁନାଗଡ଼ ରୋଡ଼-ନବରଙ୍ଗପୁର ନୂତନ ରେଳ ଲାଇନଛ ମାଲକାନଗିରି-ପଣ୍ଡୁରଙ୍ଗାପୁରମ ଭାୟା ଭଦ୍ରାଚଳମ ନୂତନ ରେଳ ଲାଇନ ସହ ୮ଟି ନୂତନ ରେଳ ଲାଇନ କାର୍ଯ୍ୟ ତ୍ୱରାନ୍ୱିତ ଅରାଯିବ ବୋଲି ମଧ ଜଣାଇଛନ୍ତି। ଏନେଇ ରେଳ ମନ୍ତ୍ରୀ ଓଡିଶା ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସମସ୍ତ କାର୍ଯ୍ୟ ପାଇଁ ଓଡ଼ିଶାର ମନ୍ତ୍ରୀ ମଣ୍ଡଳ ଏବଂ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସାଂସଦମାନଙ୍କ ସହିତ ବିସ୍ତୃତ ଆଲୋଚନା କରାଗଲା ।

## ଏସୟୁଜେ ବଲାଙ୍ଗିର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ

# ଶରତ ସଭାପତି, ରଘୁ ନନ୍ଦନ ସାଧାରଣ ସମ୍ପାଦକ

ବଲାଙ୍ଗିର,(ସବ୍ୟୁ): ଏସୟୁଜେ ବଲାଙ୍ଗିର ଜିଲ୍ଲା ଶାଖାର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲ୍ଲାର ସାମ୍ବାଦିକ କିଶୋର ଚନ୍ଦ୍ର ପାଢି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସୟୁଜେ ସଂଘ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବଲାଙ୍ଗିର ଜିଲ୍ଲା ଶାଖା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଉପ ସଭାପତି ମହେନ୍ଦ୍ର କୁମାର ଦର୍ଜି,ବିମଳ ଚରଣ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣମାଧମର କଣ୍ଠରୋଧ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ରୋହନ କୁମାର ମହତ୍ ଜିଲ୍ଲାରେ ଚାଲିଥିବା ଦାଦନ ଶ୍ରମିକ ସମସ୍ୟା ଉପରେ ତଥା ଖବର ପରିବେଷଣ ବେଳେ ଉପୁଜୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ।

ସେହିଭଳି ସଦସ୍ୟ ବାଳକୃଷ୍ଣ ଷଡ଼ଙ୍ଗୀ ସଂଘରେ ସଙ୍ଘୀୟ ମନୋଭାବ କିଭଳି ରହିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ସାମ୍ବାଦିକ ବିମଳ ଚରଣ ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବରୁ ସାମ୍ବାଦିକତା କରୁଥିବା ସାମ୍ବାଦିକ ମାନେ କିଭଳି ଖବର ପରିବେଷଣ କରୁଥିଲେ ଏବଂ ସେତେବେଳେ ସାମ୍ବାଦିକ ମାନେ କିଭଳି ସମ୍ମାନ ପାଉଥିଲେ ସେ ସମ୍ପର୍କରେ ଅନେକ ଉଦାହରଣ ଦେଇ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଠିକ୍ ମାର୍ଗରେ ନିଜର ସ୍ୱାଭିମାନ ରଖି ସାମ୍ବାଦିକତା କରିବା ପାଇଁ ସୂଚାଇ ଦେଇଥିଲେ। ତୁଳସୀ ଜଗତ ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ଏକ ଆଇନ୍ ପ୍ରଣୟନ କରିବା ଦିଗରେ ସରକାର ଦୃଷ୍ଟି ଦେବାପାଇଁ କହିଥିଲେ। ଏସୟୁଜେ ଜିଲ୍ଲା ଶାଖା ସଭାପତି ଗୋପବନ୍ଧୁ ଶତପଥୀ ଗଣମାଧମର କିଭଳି କଣ୍ଠରୋଧ କରାଯାଉଛି ଏବଂ ସାମ୍ବାଦିକ ମାନେ ବିଭିନ୍ନ ସମୟରେ ଖବର ଅନ୍ୱେଷଣରେ ଗଲାବେଳେ ହଇରାଣ ହେଉଛନ୍ତି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସାଧାରଣ ସମ୍ପାଦକ ଶରତ କୁମାର ମହାକୁର ଦ୍ୱିବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ରଘୁ ନନ୍ଦନ ସିଂ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ସାମ୍ବାଦିକ ଅଭିଳାଷ ହୋତା ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ୍ ଦେଇଥିଲେ। ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଅବସରରେ ମନୋନୟନ କରାଯାଇ ନୂତନ ଜିଲ୍ଲା କମିଟି ଗଠନ କରାଯାଇଥିଲା। ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ଦର୍ଜି ନୂତନ ପଦାଧିକାରୀ ମାନଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଜିଲ୍ଲା ସଭାପତି ଭାବେ ଶରତ କୁମାର ମହାକୁର, କାର୍ଯ୍ୟକାରୀ ସଭାପତି ଗୋପବନ୍ଧୁ ଶତପଥୀ, ଉପ ସଭାପତି ଲିମାଇ ଚରଣ ମହ୍(ରୋହନ )କଣ୍ଟାବାଞ୍ଜି, ସାଧାରଣ ସମ୍ପାଦକ ରଘୁ ନନ୍ଦନ ସିଂ,ସମ୍ପାଦକ ନିରୋଜ୍ ମିଶ୍ର,ସଂଗଠନ ସମ୍ପାଦକ ପବନ କୁମାର ଅଗ୍ରୱାଲ,କୋଷାଧକ୍ଷ ଶ୍ରୀମନ୍ତ ପଣ୍ଡା ଏବଂ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭାବେ ସାମ୍ବାଦିକ ବିମଳ ଚରଣ ହୋତା ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରିଣୀ ସଭ୍ୟ ଭାବେ ବାଳକୃଷ୍ଣ ଷଡ଼ଙ୍ଗୀ, ତୁଳସୀ ଜଗତ, ଯୁଗଳ ଶବର, ଚିତ୍ରସେନ ବେହେରା, ମହେନ୍ଦ୍ର ପଧାନଙ୍କ ନାମ ଘୋଷଣା କରାଯାଇଥିଲା। ଏସୟୁଜେ ସଂଘର ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ଆଗ ଧାଡ଼ିର ସାମ୍ବାଦିକ ଏହି ସଂଘରେ ଯୋଗ ଦେଇଥିଲେ।



# ୩ ବ୍ଲକକୁ ଜଳସେଚନ ଦାବିରେ ରାସ୍ତା ଅବରୋଧ

କୋକସରା,(ସବ୍ୟୁ): ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ରବି ଚାଷ ପାଇଁ ଜଳସେଚନ ଦାବିରେ ସଚେତନ କୃଷକ ମଞ୍ଚ ପକ୍ଷରୁ କୋକସରା ବ୍ଲକ ମୋଟେର ଛକରେ ଜାତୀୟ ରାଜପଥ ୨୬ କୁ ସକାଳ ୬ ଘଣ୍ଟାରୁ କୃଷକ ସଚେତନ ମଞ୍ଚ ପକ୍ଷରୁ ଅବରୋଧ କରାଯାଇଛି। ମେଗାଲିଫ୍ଟ କେନାଲରୁ ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ପ୍ରାୟ ୨୬ ହଜାର ହେକ୍ଟରକୁ ଜଳସେଚନ ଯୋଗାଇ ଦେବାକୁ ଆନ୍ଦୋଳନ କରାଯାଇଛି। ତେବେ ଚଳିତ ବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର କମଥିବା ଦର୍ଶାଇ ଇନ୍ଦ୍ରାବତୀ ମେଗାଲିଫ୍ଟ କର୍ତ୍ତୃପକ୍ଷ ରବି ଚାଷ ପାଇଁ ଜଳସେଚନ ବନ୍ଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଯାହାର ପ୍ରତିବାଦରେ ଆଜି ମୋଟେର ଛକରେ ହଜାର ହଜାର ଚାଷି ରାସ୍ତା ଅବରୋଧରେ ସାମିଲ ହୋଇଛନ୍ତି ।

ଫଳରେ ଆଜି ସକାଳରୁ ଭବାନୀପାଟଣା– ଜୟପୁର ଓ ଭବାନୀପାଟଣା – ମୁଖୀଗୁଡା ମଧରେ ଯାତାୟାତ ଠପ ହୋଇ ପଡିଛି। ତେବେ ପୋଲିସ ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥର ଉଭୟ ପାର୍ଶ୍ ପକ୍ଷରୁ କାଲୋପଲା ଢ଼ାବା ଛକ ଓ ବୋବରିଆ ଛକରୁ ଯାତ୍ରୀବାହୀ ବସ ଓ ଭାରିଯାନ ଗାଡି ମୋଟରକୁ ବାଇପାସ ରାସ୍ତା ଦେଇ ଯିବା ଆସିବା ପାଇଁ ବ୍ୟବସ୍ଥା କରାଯାଇଛି। ସକାଳୁ ଘଟଣା ସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର ଶବର, ଶ୍ରୀକାନ୍ତ ଶତପଥୀ, କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଜୟପାଟଣା ତହସିଲଦାର ରଘୁନାଥ ମୁଣ୍ଡାରୀ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଜୟପାଟଣା ବିଡ଼ିଓ ଧର୍ମରାଜ ମାଝୀ, ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରା, କୋକସରା ଥାନା ଅଧିକାରିଣୀ ସ୍ନିଗ୍ଧା ରାଣୀ ସୁନା, ଏସ ଆଇ ହେମନ୍ତ କୁମାର ପାତ୍ର, ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ସମେତ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହି ଆନ୍ଦୋଳନକାରୀ ଚାଷିଙ୍କ ସହ ଆଲୋଚନା କରିବା ସତ୍ତ୍ୱେ ମଧ କୌଣସି ସମାଧାନ ବାହାରି ନଥିଲାଛ ଚାଷୀ ମାନେ ଜଳସେଚନ ଦାବିକରି ଜିଦରେ ଅଡ଼ି ବସି ପ୍ରତିବାଦ ଜାରି ରଖିଥିଲେ। ସଚେତନ କୃଷକ ମଞ୍ଚ ପକ୍ଷରୁ ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ନେତୃତ୍ୱରେ କୃଷକ ସଙ୍ଗଠନ ଦାବିରେ ସାମିଲ ହୋଇ ନେତା ଡାକେଶ୍ୱର ଲହଜଳ, ଦିଗାମ୍ବର ଦୁରିଆ, ଜୟ ଜଗନ୍ନାଥ କୃଷକ ମଞ୍ଚ ଲଡୁଗାଁ ସଭାପତି ଦୁର୍ଗା ଅଗ୍ରୱାଲ, ସମ୍ପାଦକ ପଙ୍କଜ ମୁଖି ଚୌଧୁରୀ, ଜୟଲାଲ ନାଏକ, ମୁକ୍ତେଶ୍ୱର ନାଏକ, ପଞ୍ଚକ ପୋଢ଼, ରାଜେନ୍ଦ୍ର ନାଏକ, ଲିଙ୍ଗରାଜ ବେହେରା, ବେନୁପାଣି ଦୁର୍ଗା, ସତ୍ୟବାନ ପାଣିଗ୍ରାହୀ, ମାନସ ରଞ୍ଜନ ବାଗ, ଧବଳେଶ୍ୱର ନାଗ, ଗୋବର୍ଦ୍ଧନ ବାଗ, ନିମାଇଁ ଧଙ୍ଗଡା ମାଝୀ, ମାର୍କଣ୍ଡ ବେମାଲ, ବିକାଶ ଅଗ୍ରୱାଲ, ରବି ନାରାୟଣ ଦାସ, ଅରୁଣ ମାଝୀ ଜୟପାଟଣା ବ୍ଲକର ଚାଷୀନେତା ଟିକଚନ ସାହୁ ସମେତ ଧର୍ମଗଡ ବ୍ଲକ ତରାପୁର ପଞ୍ଚାୟତର ଚାଷି ସମୂହଙ୍କ ସମେତ ହଜାର ହଜାର ସଂଖ୍ୟାରେ ଚାଷି ଉପସ୍ଥିତ ରହି ଜଳସେଚନ ଦାବିରେ ଜିଲ୍ଲା ପ୍ରଶାସନ ଓ ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ ଓ ଅଣଦେଖାକୁ ନେଇ ପ୍ରତିବାଦ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେଛତେବେ ସନ୍ଧ୍ୟା ୫:୩୦ ମିନିଟରେ ଧର୍ମଗଡ ଉପ ଜିଲ୍ଲାପାଳ ଧୀମାନ ଚକମା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରେ ଥିବା ଚାଷୀନେତାଙ୍କ ସହ ଆଲୋଚନା କରି ଜଳସେଚନ ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ଜଳସ୍ତର ନ ଥିବା କାରଣରୁ ଚଳିତ ବର୍ଷ ମେଗାଲିଫ୍ଟ କେନାଲରେ ଜଳସେଚନ ବନ୍ଦ କରାଯାଇଛି। ଏଣୁ କୌଣସି ମତେ ଜଳସେଚନ କରିବା ସମ୍ଭବପର ନୁହେଁ ଆପଣ ମାନେ ପ୍ରଶାସନ ସହିତ ସହଯୋଗ ରକ୍ଷା କରି ଆନ୍ଦୋଳନରୁ ନିବୃତ ରହନ୍ତୁ ବୋଲି କହିଥିଲେ। ପରେ ଚାଷୀମାନେ ରାସ୍ତା ଅବରୋଧରୁ ହଟିଥିବା ବେଳେ ଦୀର୍ଘ ୧୨ ଘଣ୍ଟା ଧରି ରାସ୍ତା ଅବରୋଧ ଫଳରେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିଲାଛ ତେବେ ଆଗକୁ ଚାଷି ସଙ୍ଗଠନ ପ୍ରଶାସନର ନିଷ୍ପତ୍ତି ନେଇ କଣ ଆଭିମୁଖ୍ୟ ରଖିବେ ସେନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ମାହେଶ୍ୱରୀ ଆଇଟିଆଇର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ମାହେଶ୍ୱରୀ ଆଇଟିଆଇର ୧୪ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। କ୍ରୀଡାରେ ଦୌଡ଼, ଫୁଟବଲ, କ୍ରିକେଟ, ବ୍ୟାଡମିଟନ, ଖୋକୋ, କବାଡି, ସଟଫୁଟ, ଲମ୍ବଡିଆଁ, ଉଚ୍ଚ ଡିଆଁ, ସ୍ଲୋ ସାଇକିଲିଂ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ଇଂ. ପ୍ରଦୀପ୍ତ କୁମାର ମିଶ୍ର (ବଦ୍ରୀ)ଙ୍କ ଆହ୍ୱାନ ଓ ଇଂ. ଦେବବ୍ରତ ଛତରଙ୍କ ଅଧକ୍ଷତାରେ ମୂଖ୍ୟ ଅତିଥି ଭାବରେ ସରକାରୀ ଗନ୍ଧମାର୍ଦ୍ଦନ ଆଇ.ଟି.ଆଇର ପ୍ରଶିକ୍ଷଣ ଅଧିକାରୀ ଅଶୋକ କୁମାର ପାତ୍ର, ପ୍ରଶିକ୍ଷଣ ହରେକୃଷ୍ଣ ଥାଟି, ମାହେଶ୍ୱରୀ ଜି ଏନ ଏମ ନର୍ସିଂ କଲେଜ ପ୍ରିନସିପାଲ ରିଙ୍କୁ ସାହୁ ଯୋଗଦେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯକ୍ରମରେ ଅନୁଷ୍ଠାନର ପ୍ରଶିକ୍ଷଣ ଅଧିକାରୀ ମଧୁସୁଧନ ପ୍ରଧାନୀ, ସୋମ୍ୟ ରଞ୍ଜନ ସାହୁ, ଗୋବିନ୍ଦ ସାହୁ, ପ୍ରୀତମ ନାଗ, ଅନୁପ ଭୋଇ, ଝିଲି ନାଗ ସମେତ ସମସ୍ତ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



# ବିପୁଳ ନକଲି ବିଦେଶୀ ମଦ ସହ କାର ଜବତ, ତିନି ଗିରଫ

ଦେବଗଡ,(ସବ୍ୟୁ): ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ବଡ଼ ଧରଣର ନକଲି ବିଦେଶୀ ମଦ କାରବାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏମଭି ଚେକିଂ ବେଳେ ସ୍ୱିଫ୍ଟ କାର ସହ ୧୦୦ ଲିଟରରୁ ଊର୍ଦ୍ଧ୍ୱ ନକଲି ବିଦେଶୀ ମଦ ଜବତ କରିବା ସହ ତିନି ଅଭିଯୁକ୍ତ ଗିରଫ କରିଛି । ଚେକିଂ ବେଳେ ପୁଲିସକୁ ଚକମା ଦେଇ ଛତାବର ରାସ୍ତାରେ ଗାଡି ବୁଲାଇ ଅଭିଯୁକ୍ତ ମାନେ ଫେରାର ଉଦ୍ୟମ ବେଳେ ସେମାନଙ୍କୁ ଗୋଡ଼ାଇ ପୁଲିସ ଧରିବାରେ ସଫଳ ହୋଇଥିଲା । ଗିରଫ ଅଭିଯୁକ୍ତ ମାନେ ରିଆମାଳ ଥାନାଞ୍ଚଳ ବାଲିଜୋରୀ ଗ୍ରାମର ଶ୍ରୀଧର ପ୍ରଧାନ, ଭିତରପଦ ଗ୍ରାମର ପ୍ରଶାନ୍ତ ସୁନା ଓ ଫୁଲସରନାଲି ଗ୍ରାମର ତପନ ସାହୁ ବୋଲି ଜଣା ପଡିଛି । ଜବତ କାର(ଗାଡ଼ି ନଂ ଓଡି-୧୭-ପି-୯୯୫୮) ମଧ୍ୟରୁ ବ୍ଲାକ ଡାଇମଣ୍ଡ ସୁପର ହୁଇସ୍କିର ସ୍ପିରିଟ ଆଣି ରୟାଲ ଚ୍ୟାଲେଞ୍ଜର ହ୍ୱିସ୍କି, ରୟାଲ ଷ୍ଟାଗ, ଓ ମ୍ୟାକଡୁଏଲ ଭଳି ବିଭିନ୍ନ ବ୍ରାଣ୍ଡର ଲେବୁଲ ଲଗା ନକଲି ବିଦେଶୀ ମଦ ସହ ରଙ୍ଗୀନ ସ୍ପିରିଟ ସମେତ ୧୦୫ ଲିଟର ନକଲି ମଦ ଜବତ କରିଛି ପୁଲିସ । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।

# ନୂଆପଡ଼ାରେ ଖୋଲିବ ମଲ୍

ନୂଆପଡା, (ସବ୍ୟୁ): ନୂଆପଡାରେ ମଲ୍ଟିପ୍ଲେକ୍ସ ମଲ ଖୋଲିବ। ଏନେଇ ନୂଆପଡା ଓ ଖରିଆରରୋଡ଼ ମଝି ଜାତୀୟ ରାଜ ପଥ ୩୫୩ ପାର୍ଶ୍ୱରେ ଗୁର୍ବେଜ ସିଂ ଗୁରୁଦତ୍ତା ଙ୍କ ଅଧକ୍ଷତାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଏହି ଅତ୍ୟାଧୁନିକ ମଲଟିରେ ୪ ସହ ରୁ ଅଧିକ ସିଟ ବିଶିଷ୍ଟ ତିନୋଟି ସିନେମା ହଲ ଅଛି। ଟିକେଟ ର ମୂଲ୍ୟ ମଧ ଅନ୍ୟ ମଲ ଗୁଡିକଠୁଁ କମ ରହିବ ବୋଲି ସୂଚନା ମିଳିଛି। ଟିକେଟ ଗୁଡିକୁ ଦର୍ଶକ ଅନଲାଇନ ଓ ଅଫଲାଇନ ଜରିଆରେ କିଣି ପାରିବେ। ପୂର୍ଣ ରୂପରେ ମଲଟି ଜାନୁଆରୀ ମାସ ପହିଲା ତାରିଖ ସୁଦ୍ଧା ଆରମ୍ଭ ହୋଇଯିବ ବୋଲି ଆଶା ରଖିଛନ୍ତି ମଲ ମାଲିକ।

# ଖପ୍ରାଖୋଲ ବ୍ଲକ୍‌ରେ ଖରିଫ୍ ଧାନମଣ୍ଡି ଉଦ୍‌ଘାଟିତ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଲୁହାସିଂହା ସେବା ସମବାୟ ସମିତି ଜୁରିଆ ଠାରେ ଚଳିତ ଚଳିତ ବର୍ଷ ର ପ୍ରଥମ ଖରିଫ୍ ଧାନ ମଣ୍ଡି ସୋମବାର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ରୂପେ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ଯୋଗଦେଇଥିଲେ । ଏହି ଅବସରରେ ପ୍ରଥମେ ପୂଜା ପାଠ ସହ ନଡ଼ିଆ ଭାଙ୍ଗି ମଣ୍ଡି ଉଦଘାଟିତ ହୋଇଥିଲା। ଚଳିତ ବର୍ଷ ଖରିଫ୍ ଧାନ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ସହାୟତା ସହିତ ୩୧ ଶହ ଟଙ୍କା ରହିଛି। କାର୍ଯ୍ୟକ୍ରମରେ ପେକ୍ସ ସଭାପତି କନ୍ଦର୍ପ ସୁଆର ଅଧକ୍ଷତା କରିଥିବା ବେଳେ ଲୁହାସିଂହା ରାଜସ୍ୱ ନିରୀକ୍ଷକ ସୁବ୍ରତ କୁମାର ଭୋଇ, ପେକ୍ସ ଡିଓ ଯଦୁମଣି ରଣା, ଚାଷି ତଥା ତଦାର କମିଟି ସଦସ୍ୟ ରାଜକିଶୋର ମେହେର, ଜୟନ୍ତ ମେହେର, ବିଜୟ ଯୋଶୀ, ସଂଜୀବ ପଟେଲ, ଉମାଶଙ୍କର ପଟେଲ, ସଦାନନ୍ଦ ଯୋଶୀ, ପ୍ରଦୀପ ସିଂଦେଓ, ରାଧେଶ୍ୟାମ ମେହେର, ଧୀରେନ୍ଦ୍ର ସୁଆର ପ୍ରମୁଖ ଚାଷୀ ମାନେ ଉପସ୍ଥିତ ଥିଲେ। ସେହିପରି ଖପ୍ରାଖୋଲରେ ମଧ ଧାନ ମଣ୍ଡି ଶୁଭାରମ୍ଭ ହୋଇଥିବା ବେଳେ ପେକ୍ସ ସମ୍ପାଦକ ଶ୍ରୀପତି ଭୋଇ, ସଭାପତି ଗୁନମଣି ଭୋଇ ସମେତ ଚାଷି ମାନେ ଉପସ୍ଥିତ ଥିଲେ।

# ଅନ୍ତର୍ଭୁକ୍ତି ଦ୍ୱାରା ଭିନ୍ନକ୍ଷମଙ୍କ ସଶକ୍ତିକରଣ ସମ୍ଭବ : ଜିଲ୍ଲାପାଳ

ବରଗଡ,(ସବ୍ୟୁ): ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ ଟାଉନ ହଲ ଠାରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୪ ପାଳିତ ହୋଇଯାଇଛି । ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତି, ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପ-ଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଡିଏଲଏସଏ ବା ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ କେ ରାଉତ ମଞ୍ଚାସୀନ ଥିଲେ । ଭିନ୍ନକ୍ଷମଙ୍କ ଅଧିକାର ତଥା କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶୃତିବଦ୍ଧ ।ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ନିମନ୍ତେ ସମସ୍ତ ଅଂଶଗ୍ରହଣକାରୀ ଏବଂ ସମର୍ଥକମାନଙ୍କୁ ଅଧିକ ଅନ୍ତର୍ଭୁକ୍ତ କରିବା ତଥା ସୁବିଧାଜନକ ପରିବେଶ ସୃଷ୍ଟି ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ଗୋୟଲ କହିଥିଲେ । ଭିନ୍ନକ୍ଷମଙ୍କୁ ସଶକ୍ତ କରିବାରେ ସଭିଙ୍କର ମିଳିତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭିନ୍ନକ୍ଷମଙ୍କୁ ସମାଜର ସବୁ ସ୍ତରରେ ସାମାଜିକ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ବର୍ତ୍ତମାନର ସବୁଠାରୁ ବଡ ଆବଶ୍ୟକତା ବୋଲି ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପାଣ୍ଡେ ନିଜର ବାର୍ତ୍ତା ରଖିଥିଲେ । ମୁଖ୍ୟବକ୍ତା ତଥା ଡିଏଲଏସଏ ଶ୍ରୀ ରାଉତ ଭିନ୍ନକ୍ଷମ ମାନଙ୍କ ପାଇଁ ଭାରତୀୟ ସମ୍ବିଧାନ ରେ ଥିବା ସମସ୍ତ ଅଧିନିୟମ ବିଷୟରେ ବୁଝାଇ କହିଥିଲେ ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜନାବ ତାହିର ହୁସେନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପାଳନ ଅବସରରେ ଏକ ସଚେତନତା ରାଲିର (ୱାକାଥନ୍) ଆୟୋଜନ କରାଯାଇଥିଲା । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିଷରରେ ନବ ନିର୍ମିତ କ୍ରିଡା ଉଦ୍ୟାନ ଉଦ୍ଘାଟନ କରିବା ପରେ ସଚେତନତା ରାଲିର ଶୁଭାରମ୍ଭ କରିବା ପରେ ଉଭୟ ସକ୍ଷମ ଓ ଭିନ୍ନକ୍ଷମ ଲୋକଙ୍କୁ ଅନ୍ତର୍ଭୁକ୍ତ କରି ଏହି ରାଲି ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଗନ୍ଧିଛକ ଦେଇ ଟାଉନ ହଲ ଠାରେ ସମାପ୍ତ ହୋଇଥିଲା ।ଏହାପରେ ଟାଉନ ହଲ ଠାରେ ଆୟୋଜିତ ହୋଇଥିବା ଏକ ସାଧାରଣ ସଭାରେ ଜିଲ୍ଲାର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ହୋଇଥିବା କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ଦିବସ ପାଳିତ




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଭିନ୍ନକ୍ଷମ ମାନେ କୋଣସି ସକ୍ଷମ ବ୍ୟକ୍ତି ଠାରୁ କମ ନୁହଁନ୍ତି ବୋଲି କହିଥିଲେ । ଏହି ଅବସରରେ ୮୬ ଜଣ ଭିନ୍ନକ୍ଷମଙ୍କୁ କୃତ୍ରିମ ଗୋଡ଼, ସିଲେଇ ମେସିନ, ହ୍ୱିଲ ଚେୟାର, ଶ୍ରବଣ ଯନ୍ତ୍ର, ଟ୍ରାଇ ସାଇକେଲ ଆଦି ପ୍ରଦାନ କରାଯାଇଛି। ଏହାସହ ଦୁଇ ଦମ୍ପତିଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ୨୫ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପରିବେଷଣ କରିଥିଲେ। ପୂର୍ବରୁ ନେଲସନ ମଣ୍ଡେଲା ଛକ ଠାରୁ ଜିଲ୍ଲା ପ୍ରେକ୍ଷାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ଏକ ସଚେତନତା ପଟୁଆରକୁ ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ହୋତା ଉଦଘାଟନ କରିଥିଲେ । ଏଥିରେ ମହାନଗର ନିଗମ କମିଶନର ବେଦଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଭରତଚନ୍ଦ୍ର ଦାଶ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ରେଣୁବାଳା ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ ।

# ୧୯୮୦ ଛାତ୍ର ଆନ୍ଦୋଳନକୁ ମନେ ପକାଉଛି ଶହୀଦ ସ୍ତମ୍ଭ

ସମ୍ବଲପୁର,(ସବ୍ୟୁ): ଗଙ୍ଗାଧର ମେହେର କଲେଜରୁ ୧୯୮୦ ମସିହା ଛାତ୍ର ଆନ୍ଦୋଳନ ଅୟଆରମ୍ଭ ହୋଇଥିଲା । ଏହା ପରବର୍ତ୍ତୀ ସମୟରେ ସାରାରାଜ୍ୟକୁ ବ୍ୟାପିଥିଲା । ଯାହାକି ତତ୍‌କାଳୀନ କଂଗ୍ରେସ ସରକାରକୁ ଅଡୁଆରେ ପକାଇଥିଲା । ଆନ୍ଦୋଳନକୁ ଦମନ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଲାଠି ଓ ଗୁଳିଚାଳନା କରିଥିଲା । ଏଥିରେ ୬ଜଣ ଛାତ୍ର ଶହୀଦ ହୋଇଥିଲେ । ପୋଲିସ ଗୁଳିରେ ଜଗଦୀଶ ପନସାରୀ, ଶ୍ରୀଧର ବେହେରା, ପ୍ରଫୁଲ୍ଲା ରାଉତରାୟ, ଦିବାକର ବର୍ଦ୍ଧନ, ଉଦ୍ଧବ ବେହେରା ଓ ଲକ୍ଷ୍ମୀଧର ମହରଣା ପ୍ରମୁଖ ଛାତ୍ର ମାନେ ଶହୀଦ ହୋଇଥିଲେ । ସେମାନଙ୍କୁ ମନେ ପକାଇବା ପାଇଁ ପରବର୍ତ୍ତୀ ସମୟରେ ଗଙ୍ଗାଧର ମେହେର କଲେଜ ପରିସରରେ ୫ ଡିସେମ୍ବର, ୧୯୮୨ ମସିହାରେ ଏକ ଶହୀଦ ସ୍ତମ୍ଭ ନିର୍ମାଣ କରାଯାଇଥିଲା । ପ୍ରତ୍ୟେକ ବର୍ଷ ଏହି ଦିନ ଶହୀଦ ଦିବସ ଭାବେ ପାଳନ କରାଯାଏ ।



ସମ୍ବଲପୁରରେ ୨୧ସେପ୍ଟେମ୍ବର, ୧୯୮୦ରେ ପ୍ରଳୟଙ୍କାରୀ ବନ୍ୟା ହୋଇଥିଲା । ବନ୍ୟା ପ୍ରପୀଡିତଙ୍କୁ ରିଲିଫ ଯୋଗାଇବା ପାଇଁ ଗଙ୍ଗାଧର ମେହେର କଲେଜର କିଛି ଛାତ୍ର ମନସ୍ଥ କରିଥିଲେ । ସେମାନେ କ୍ଷେତରାଜପୁର ଯାଇ ବ୍ୟବସାୟୀଙ୍କ ଠାରୁ ଚାନ୍ଦା ଅସୁଲି କରିଥିଲେ । ଏହାକୁ ନେଇ ଛାତ୍ର ଓ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଛାତ୍ର ଆନ୍ଦୋଳନର ରୂପ ନେଇଥିଲା । ଦରଦାମ ବୃଦ୍ଧି ଓ ଅପମିଶ୍ରଣକୁ ନେଇ ଛାତ୍ର ମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ତତ୍‌କାଳୀନ ଛାତ୍ର ସଂସଦ ସଭାପତି ସୁରେଶ ପୂଜାରୀଙ୍କ ଆବାହକତ୍ୱରେ ନିଖିଳ ଓଡିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଶୁଳ୍କ କଲେଜ ଶିକ୍ଷା, କଲେଜ ଛାତ୍ରଛାତ୍ରୀଙ୍କୁ ବସ୍‌ରେ ୫୦% ରିହାତି ଆଦି ୮ଦଫା ଦାବିରେ ଆନ୍ଦୋଳନ କରାଯାଇଥିଲା ।

ଏହି ଛାତ୍ର ଆନ୍ଦୋଳନ ସାରା ରାଜ୍ୟକୁ ବ୍ୟାପିଥିଲା । ଅନେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଆନ୍ଦୋଳନ ନାମରେ ବଟି ଆଦାୟ, ଲୁଟ୍, ମାଡପିଟ, ଭଙ୍ଗାରୁଜା କରିଥିଲେ । ଅସାମାଜିକ ଯୁବକ ମାନେ ଗାଡି ପୋଡିବା ସହ ପୋଲିସ ଉପରକୁ ଟେକାପଥର ମାଡ କରିଥିଲେ । ପୋଲିସ ପକ୍ଷରୁ ଛାତ୍ର ମାନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଇଥିଲା । ରାଜ୍ୟର ବିଭିନ୍ନ କଲେଜର ଛାତ୍ରଛାତ୍ରୀ ମାନେ ଶ୍ରେଣୀ ବର୍ଜନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ । ଦାବି ପୂରଣ ପାଇଁ ୨୧ ନଭେମ୍ବରରେ ସଚିବାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏହାକୁ ପ୍ରତିହତ କରିବାକୁ ପୋଲିସକୁ ଲାଠିଚାଳନା କରିବାକୁ ପଡିଥିଲା । ଏଥିରେ ଅନେକ ଛାତ୍ର ଆହତ ହୋଇଥିଲା । ଏହାର ପ୍ରତିବାଦରେ ୫ ଡିସେମ୍ବରରେ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା । ତେବେ ବନ୍ଦ ପାଳନ ଓ ଆନ୍ଦୋଳନ ବେଳେ ଅନେକ ଛାତ୍ର ମୂଲ୍ୟବାନ ଜୀବନ ହାରିଥିଲେ । ଅନେକ ଛାତ୍ରଙ୍କୁ ପୁଣି କଲେଜରୁ ରଷ୍ଟିକେଟ୍ କରାଯାଇଥିଲା । ଏପରିକି ନେତୃତ୍ୱ ନେଉଥିବା କିଛି ଛାତ୍ରଙ୍କୁ ପରୀକ୍ଷା ଫର୍ମପୂରଣ ପାଇଁ ବାରଣ କରାଯାଇଥିଲା । ଦିନକୁ ଦିନ ଆନ୍ଦୋଳନ ହିଂସା ଆଡକୁ ଅଗ୍ରସର ହେଉଥିବା ବେଳେ ଛାତ୍ର କମିଟିରେ ଫାଟ ସୃଷ୍ଟି ହୋଇଥିଲା । ଫଳରେ ପରବର୍ତ୍ତୀ ସମୟରେ ଛାତ୍ର ଆନ୍ଦୋଳନ ଶାନ୍ତ ପଡି ଯାଇଥିଲା ।

# ଶୀତ ମହୋତ୍ସବ ଉଦ୍‌ଘାଟିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ପିଏଚ୍‌ଡି ପଡିଆ ଠାରେ ଶୀତ ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି । ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ବିଶିଷ୍ଟ ସଙ୍ଗୀତଜ୍ଞ ଶଙ୍କର ପ୍ରଧାନ ଓ ସମାଜସେବୀ ନରସିଂହ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦ୍ଘାଟନ କରିଥିଲେ । ଆଖି ବୁଜିଦେଲେ ଦିଶୁଛେ ମୋତେ ମାଁ ସମଲେଶ୍ୱରୀ ଭଜନକୁ କଣ୍ଠଶିଳ୍ପୀ ସ୍ୱସ୍ତିକା ହୋତା ଗାନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ପରେ ସୁଧାଂଶୁ ଜାଲ, ସ୍ୱାଗତ ମିଶ୍ର, ରାଜକୁମାର ଜାଲ, ଅଜୟକୁମାର ନାଥ ନିଜନିଜ ପସନ୍ଦର ସଙ୍ଗୀତ ଗାନ କରିଥିଲେ । ମିମାଂଶା ରଥ ଓ ଦଳ ମଞ୍ଚ ଉପରେ ସୁନ୍ଦର ପରିପାଟିରେ ଫେସନ ଶୋରେ ଭାଗ ନେଇଥିଲେ । ଏହାପରେ ବିଭିନ୍ନ କଣ୍ଠଶିଳ୍ପୀ ୯୦ଦଶକର ଗୀତ ଗାନ କରି ଦର୍ଶକଙ୍କୁ ଶୀତ ସତ୍ତ୍ୱେ ବାନ୍ଧି ରଖିଥିଲେ । ଦର୍ଶକ ମାନେ ଶୀତୁଆ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକୁ ମନଭରି ଉପଭୋଗ କରିଥିଲେ । ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢୀ, ସୁବାସ ଭୋଇ, ଭାଗିରଥି ସିଂଦେଓ ,ଶ୍ରୀକାନ୍ତ ନାୟକ, ଅମିର ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ରୋସନୀ ବାବୁ, ଅଞ୍ଜନ ପ୍ରଧାନ ଓ ଉମାଶଙ୍କର ଦାସ ମଂଚ ସଂଯୋଜନା କରିଥିଲେ । ଆୟୋଜକ କମିଟି ଅଧ୍ୟକ୍ଷ ମହମ୍ମଦ ପରଭେଜ୍ ଅଲ୍ଲୀ ଖାନ୍, ସଂଯୋଜକ ତ୍ରିଲୋଚନ ତ୍ରିପାଠୀ, ଆବାହକ ହମିଦ୍ ରହେମାନ୍, ସହ ଆବାହକ ଦେବାଶିଷ ପାଢୀ ଓ ରାମାଶିଷ ତ୍ରିପାଠୀ, ଗଣମାଧମ ସଂଯୋଜକ ସତ୍ୟଜିତ୍ ମହାପାତ୍ର ମଂଚାସୀନ ଥିଲେ । ସୂଚନାଯୋଗ୍ୟ, ନବାଗତ ଓ ବରିଷ୍ଠ କଳାକାରଙ୍କୁ ମଞ୍ଚ ପ୍ରଦାନ, ସମ୍ବଲପୁରୀ ଭାଷା, ସଂସ୍କୃତି ଓ ପରମ୍ପରାର ପ୍ରଚାରପ୍ରସାର ସହ ବିକ୍ରିବଟାକୁ ଦୃଷ୍ଟିରେ ରଖି ଶୀତ ମହୋତ୍ସବ-୨୦୨୪ ଆରମ୍ଭ ହୋଇଯାଇଛି । ଏହା ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଚାଲିବ ।



(ଶ୍ରୀମଦ୍ଭଗବଦ୍ ଗୀତା ୧୧/୧୭)

-ବିଶ୍ୱରୂପଦର୍ଶନଯୋଗଃ-

( ଅର୍ଜ୍ଜୁନ ଉବାଚ )

**କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।**
**କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋସି ଭଗବନ୍ମୟା ॥୧୭॥**

(କହିବାର ଆବଶ୍ୟକତା ଦୁଇଶ୍ଳୋକରେ ଦେଖାଇ ପ୍ରାର୍ଥନା କରୁଛନ୍ତି )-
ହେ ଯୋଗିନ୍ ! ତୁମକୁ ସବୁବେଳେ ଭାବୁଥିବା ମୁଁ ତୁମକୁ କିପରି ଜାଣିପାରିବି ?
ହେ ଭଗବନ୍ ! କି କି ଭାବରେ ମୁଁ ତୁମକୁ ଚିନ୍ତା କରିବି ॥୧୭॥

# ଭୁଲ ସଂଶୋଧନ ଆବଶ୍ୟକ!

## ସମ୍ପାଦକୀୟ

ପ୍ରତ୍ୟେକ ରାଜନୈତିକ ଦଳ କିଛି ନା କିଛି ଭୁଲ କରନ୍ତି, କିନ୍ତୁ ପରବର୍ତ୍ତୀ ସମୟରେ ସେହିସବୁ ଭୁଲ ତାଙ୍କ ପାଇଁ ପଥ ପ୍ରଦର୍ଶକ ପାଲଟିଯାଏ । ସେ ଦୃଷ୍ଟିରୁ, ଯେକୌଣସି ଦଳର ଅଭିବୃଦ୍ଧି ଏବଂ ସଫଳତା ଅତୀତର ଭୁଲଗୁଡିକ ଉପରେ ପ୍ରତିଫଳିତ ହେବା ଆବଶ୍ୟକ ଏବଂ ଏହାକୁ ପ୍ରଗତି ପାଇଁ ପଥ ଭାବରେ ବ୍ୟବହାର କରିବା ଆବଶ୍ୟକ । ଛଅ ମାସ ପୂର୍ବରୁ ୨୦୨୪ ଲୋକସଭା ନିର୍ବାଚନରେ କଂଗ୍ରେସ ଏହାର ଆସନକୁ ଦ୍ୱିଗୁଣିତ କରିବା ପରେ ମଧ୍ୟ, ଏହାର ଗତି ବଜାୟ ରଖିପାରି ନାହିଁ । ଏହାର କାର୍ଯ୍ୟଦକ୍ଷତା ହ୍ରାସ ହେବାର କାରଣ କ'ଣ ? ଭାରତର ସର୍ବପୁରାତନ ଦଳ କଂଗ୍ରେସ ଦଳ ସୁଯୋଗ ହାତେଇବାରେ ବିଫଳ ହେଲା କି? ଉଦ୍ଧବ ନେତୃତ୍ୱାଧୀନ ଶିବସେନା ଏବଂ ଏନସିପି-ଶରଦ ପାୱାର ଗୋଷ୍ଠୀ ନିଜ ନିଜ ଦଳର ନୂଆ ଚିହ୍ନକୁ ଜନତାଙ୍କ ସାମ୍ନାରେ ସଠିକ ଭାବରେ ଉପସ୍ଥାପିତ କରିପାରିଲେ ନାହିଁ କି ? ସେହିପରି, ବିଜେପି ଝାରଖଣ୍ଡରେ ତ୍ରୁଟି କରିଛି କି? ମହାରାଷ୍ଟ୍ର ଏବଂ ଝାରଖଣ୍ଡ ବିଧାନସଭା ନିର୍ବାଚନର ଫଳାଫଳ, ଏମିତି କିଛି ପ୍ରଶ୍ନକୁ ନେଇ ଘୂରି ବୁଲୁଛି । ମହାରାଷ୍ଟ୍ର ଏବଂ ଝାରଖଣ୍ଡ ନିର୍ବାଚନ ପରିପ୍ରେକ୍ଷୀରେ ଦୁଇଟା କଥା କୁହାଯାଇପାରେ । ପ୍ରଥମଟି ହେଉଛି ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏ, ଏନସିପି ଏବଂ ଉଦ୍ଧବ ଶିବସେନାଙ୍କୁ ପରାସ୍ତ କରିବା, ଯେଉଁମାନେ ମହାରାଷ୍ଟ୍ରକୁ ପୂର୍ବରୁ ଶାସନ କରି ସାରିଛନ୍ତି ଏବଂ ହେମନ୍ତ ସୋରେନଙ୍କ ଝାରଖଣ୍ଡରେ ବୃହତ୍ ବିଜୟ ହେବା । ତେବେ, ଜାତୀୟ ଦଳ କଂଗ୍ରେସ ପାଇଁ ଏହି ପରାଜୟ ଖୁବ୍ ମାନେ ରଖେ । ଅର୍ଥାତ୍, ଯଦି କଂଗ୍ରେସ ଅତୀତର ଅନୁଭୂତିରୁ ଶିକ୍ଷା କରି ଆବଶ୍ୟକ ସଂଶୋଧନ କରିଥାନ୍ତା, ତେବେ ମିଳିତ ମଞ୍ଚ ଭଲ ପ୍ରଦର୍ଶନ କରିପାରିଥାନ୍ତା । ଆଗାମୀ ସମୟରେ ଦଳ ଭାରତର ରାଜନୀତିରେ ଭଲ କରିବାକୁ ହେଲେ, ଏହାକୁ କଳେବରରେ କିଛିଟା ପରିବର୍ତ୍ତନ ଆଣିବାକୁ ପଡିପାରେ । ଏବେ ଦଳ ସମ୍ପୂର୍ଣ୍ଣ ଭାବରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଏବଂ ତାଙ୍କ ମନୋନୀତ ସହଯୋଗୀଙ୍କ ଅଧୀନରେ ଅଛି । ରାହୁଲ କଠିନ ପରିଶ୍ରମ କରିଥିଲେ ଓ ପ୍ରଚାର କରିଥିଲେ ମଧ୍ୟ, କିନ୍ତୁ ଭୋଟର ତାଙ୍କ ସପକ୍ଷରେ ଯାଇ ନ ଥିଲେ, ଏଥିରେ ଦଳର ରଣକୌଶଳରେ କଣ ଭୁଲ ରହିଲା, ତାହା ଉପରେ ଦଳ ସମୀକ୍ଷା କରି, ଆବଶ୍ୟକ ପଦକ୍ଷେପ ନେବା ଦରକାର । ହରିଆନା ବିଧାନସଭା ନିର୍ବାଚନ କଥା ଯଦି ଆମେ ଦେଖିବା, କଂଗ୍ରେସର ସ୍ଥିତି ଭଲ ଥିଲେ ମଧ୍ୟ, କଂଗ୍ରେସ ଆବଶ୍ୟକ ଆସନ ପାଇପାରିଲା ନାହିଁ । ଏହା ପରେ ଆଶା କରାଯାଉଥିଲା, କଂଗ୍ରେସ ଏହାର ଭୁଲକୁ ସୁଧାରି ପରବର୍ତ୍ତୀ ନିର୍ବାଚନକୁ ଯିବ । କିନ୍ତୁ ତାହା ହେଲା ନାହିଁ । କେତେକ ରାଜନୈତିକ ବିଶେଷଜ୍ଞଙ୍କ ମତରେ, ହରିଆନା ବିଧାନସଭା ନିର୍ବାଚନର ଭୁଲରୁ କଂଗ୍ରେସ ଶିଖି ନାହିଁ, ଯେପରିକି ଜଣେ ନେତାଙ୍କ ଉପରେ ଅଧିକ ଭରସା କରିବା, ଅନ୍ୟକୁ ଅଣଦେଖା କରିବା ଏବଂ ଭୁଲ ଲୋକଙ୍କୁ ଟିକେଟ୍ ଦେବା, ଯେଉଁଥିପାଇଁ କଂଗ୍ରେସ ମହାରାଷ୍ଟ୍ରରେ ପରାସ୍ତ ହେଲା । କଂଗ୍ରେସ ପାଇଁ ଜାତି ପ୍ରସଙ୍ଗରେ ଧ୍ୟାନ ଦେବା, ସମ୍ବିଧାନକୁ ରକ୍ଷା କରିବା ନେଇ ସ୍ଲୋଗାନ ଦେବା ଏବଂ ପ୍ରଧାନମନ୍ତ୍ରୀଙ୍କ ଉପରେ ବ୍ୟକ୍ତିଗତ ଆକ୍ରମଣ କରିବା, ଭୋଟରଙ୍କୁ କେତେଦୂର ଆକର୍ଷିତ କରିପାରୁଛି ତାହା ଦଳ ଚିନ୍ତା କରିବା ଦରକାର । ଏହି ବିଫଳତା ସ୍ପଷ୍ଟ ସଙ୍କେତ ଦିଏ ଯେ', ଦଳ ଏହାର ରଣନୀତିକୁ ପୁନଃ ମୂଲ୍ୟାଙ୍କନ କରିବା ଏବଂ ଚୟନକର୍ତ୍ତାଙ୍କ ପାଇଁ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ । ଭିନ୍ନ ଭିନ୍ନ ରଣନୀତି ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇ ପାରିଲେ ହିଁ ଦଳ ନିଜର ଲୋକପ୍ରିୟତା ବା ଶକ୍ତିକୁ ପ୍ରକୃତ ଭାବରେ ପରୀକ୍ଷା କରିପାରିବ । ଏପରିକି ଇ-ଣ୍ଡି-ଆ ମିଳିତ ମଞ୍ଚରେ ଥିବା ଦୁର୍ବଳତା ଓ ମତଭେଦକୁ କଂଗ୍ରେସ ଓ ସହଯୋଗୀ ଦଳ, ସମାଧାନ କରିବାରେ ବିଫଳ ହେଇଛନ୍ତି ଯାହା ମଧ୍ୟ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାରେ ଲାଗିଛି । ସାମ୍ପ୍ରତିକ ଫଳାଫଳ ପରେ, ଆମ୍ ଆଦମୀ ପାର୍ଟି ଏବଂ ତୃଣମୂଳ କଂଗ୍ରେସ ପରି ଇ-ଣ୍ଡି-ଆ ବ୍ଲକର ଅଂଶୀଦାରମାନେ ମେଣ୍ଟର ନୁହେଁ, ବରଂ ନିଜର ଦଳର ଏଜେଣ୍ଡା ଅନୁସରଣ କରୁଛନ୍ତି ଏବଂ ସଂସଦର ବର୍ତ୍ତମାନର ଶୀତକାଳୀନ ଅଧିବେଶନରେ, ଏକାଠି ହେଇ ସରକାରଙ୍କ କାର୍ଯ୍ୟକ୍ରମ ଉପରେ ମନ୍ତବ୍ୟ ଦେବା ନେଇ କେହି ଆଗ୍ରହ ଦେଖାଉ ନାହାଁନ୍ତି । ଲୋକସଭା ନିର୍ବାଚନ ସମୟରେ ଯେଭଳି ଭାବରେ କେତେକ ପ୍ରସଙ୍ଗ ଉପରେ ଇ-ଣ୍ଡି-ଆ ବ୍ଲକ ନିର୍ବାଚନ ଲଢ଼ିଥିଲେ, ଏବେ ସେହି ପ୍ରସଙ୍ଗକୁ କଂଗ୍ରେସ ଆଗକୁ ନେଇ ପାରିଲା ନାହିଁ ବା ଗୁରୁତ୍ୱ ଦେଲା ନାହିଁ, କେବଳ ବିଜେପି ଏବଂ ଏହାର ସହଯୋଗୀ ଦଳକୁ ପରାସ୍ତ କରିବା ଉପରେ ଧ୍ୟାନ ଦେଲା । ସେହିପରି, ଅଜିତ ପାୱାର ଓ ଉଦ୍ଧବ ମୂଳ ଦଳରୁ ଅଲଗା ହେବା ପରେ, ମହା ବିକାଶ ଅଗାଡି ପାଇଁ ରଣନୀତିରେ ପରିବର୍ତ୍ତନ କରିବାର ଥିଲା, ଯେଉଁଥିରେ ମେଣ୍ଟ ସଫଳ ହେଇପାରିଲା ନାହିଁ ଏବଂ ଚିରାଚରିତ ଭାବରେ ବିଜେପିକୁ ଆକ୍ରମଣ କଲା ଯାହା ଦଳ ପାଇଁ ବୁମେରାଂ ହେଲା । ଯେତେବେଳେ ନିର୍ବାଚନ ଆୟୋଗ ଅଜିତଙ୍କ ଦଳକୁ ପ୍ରକୃତ ଏନସିପି ଭାବରେ ସ୍ୱୀକୃତି ଦେଇଥିଲେ, ସେତେବେଳେ ଅବସ୍ଥା ଆହୁରି ବିଗିଡି ଯାଇଥିଲା । ଏହି ନିଷ୍ପତ୍ତି ଶରଦ ପାୱାର କ୍ଷମତାକୁ ଗୁରୁତର ଭାବେ କ୍ଷୁଣ୍ଣ କରିଛି । ସେନା ପ୍ରତିଷ୍ଠାତା ବାଲ ଠାକରେଙ୍କ ପୁଅ ଉଦ୍ଧବ ଠାକରେଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ, ଯିଏକି ତାଙ୍କ ପିତାଙ୍କ ଉତ୍ତରାଧିକାରୀ ହୋଇଥିଲେ ମଧ୍ୟ, ଦଳ ହରାଇଲେ ଏବଂ ଏକନାଥ ସିନ୍ଧେଙ୍କ ରଣକୌଶଳ ଯୋଗୁଁ ସେ ଦଳର ସର୍ବେସର୍ବା ହେଲେ । ତେବେ, ଆଶ୍ଚର୍ଯ୍ୟର କଥା, ଲୋକେ ଉଦ୍ଧବକୁ କାହିଁକି ଗ୍ରହଣ କଲେନାହିଁ, ଉଦ୍ଧବଙ୍କର ଭୁଲ କେଉଁଠି ରହିଗଲା, ସେ ଦିଗରେ ଦଳ ସମୀକ୍ଷା କରି ପଦକ୍ଷେପ ନେବା ଜରୁରୀ । ସେମାନଙ୍କର ଲୋକପ୍ରିୟତା ହ୍ରାସ ହେବାର କାରଣ ବିଷୟରେ ଉଭୟ ଶରଦ ପାୱାର ଓ ଉଦ୍ଧବ ଥାକରେ ଭଲ ଭାବରେ ଅନୁଧ୍ୟାନ କରିବା ଆବଶ୍ୟକ । ଅନ୍ୟପକ୍ଷରେ, ଇ-ଣ୍ଡି-ଆ ବ୍ଲକର ଅଂଶୀଦାର ଜେଏମଏମ ଅନେକ ଚ୍ୟାଲେଞ୍ଜ ସତ୍ତ୍ୱେ ବହୁ ଆସନରେ ବିଜୟୀ ହେଇ ପୁଣି ମୁଖ୍ୟମନ୍ତ୍ରୀ ହେଲେ ଏବଂ ଏତେ ପ୍ରଚାର ସତ୍ତ୍ୱେ ବିଜେପିର କଣ ଭୁଲ ରହିଗଲା, ତାହା ଅନୁଧ୍ୟାନ କରାଯିବା ଆବଶ୍ୟକ । ଜେଏମଏମ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଜେଲଦଣ୍ଡ ଭୋଗିବା ସହ ତାଙ୍କ ପତ୍ନୀ କଳ୍ପନା ସୋରେନ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତେବେ, ଭାରତରେ, ଗୋଟିଏ ରାଜ୍ୟରେ କିମ୍ବା ଅନ୍ୟ ରାଜ୍ୟରେ ନିର୍ବାଚନ ପ୍ରାୟ କ୍ରମାଗତ ଭାବରେ ହୋଇଥାଏ । ଆଗକୁ ଆହୁରି ନିର୍ବାଚନ ଅଛି । ତେଣୁ ନିର୍ବାଚନ ଋତୁ ଶେଷ ହୋଇନାହିଁ । ଡ଼ିସେମ୍ବର ୨୦ରେ ୬ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ । ଏନଡିଏ ପାଞ୍ଚଟି ଆସନ ପାଇବା ନେଇ ଆଶା ବାନ୍ଧି ଥିବା ବେଳେ, କଂଗ୍ରେସ ଗୋଟିଏ ଆସନ ପାଇବା ନେଇ ସମ୍ଭାବନା ଅଛି । ଏହାଦ୍ୱାରା ଏନଡିଏ ଉପର ଗୃହରେ ସଂଖ୍ୟାଗରିଷ୍ଠତା ହାସଲ କରିପାରେ, ଯାହା ସଂସଦରେ କଂଗ୍ରେସ ଦଳର ସ୍ଥିତିକୁ ଆହୁରି ଦୁର୍ବଳ କରିପାରେ । ପ୍ରତ୍ୟେକ ନିର୍ବାଚନ ଦଳର ଭୁଲ ଏବଂ ସଫଳତାକୁ ପ୍ରକାଶ କରିଥାଏ । କିନ୍ତୁ ପ୍ରକୃତ ବିଜେତା ହେଉଛନ୍ତି, ଯିଏ ସମୟ ନ ହରାଇ ନିଜ ଭୁଲକୁ ସଂଶୋଧନ କରନ୍ତି । ଅନ୍ୟପକ୍ଷରେ, ବିଜେତାମାନେ ସନ୍ତୁଷ୍ଟ ହେବା ଉଚିତ ନୁହେଁ ଏବଂ ହାରିଥିବା ବ୍ୟକ୍ତିମାନେ/ଦଳ ଉତ୍ସାହିତ ରହି ନିଜକୁ ବା ଦଳର ରଣକୌଶଳକୁ ସଂଶୋଧନ କରିବା ଆବଶ୍ୟକ ।

# ଭାରତୀୟ ନୌ-ସେନା ଦିବସ

ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ଆମ ଦେଶର ନୌ-ସେନା ଦିବସ ପାଳିତ ହୁଏ । ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ୧୯୭୧ ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା କରାଚୀ ବନ୍ଦର ଆକ୍ରମଣ କରିଥିଲା । ଉକ୍ତ ଆକ୍ରମଣର ସାଙ୍କେତିକ ନାମ ଥିଲା ଟ୍ରାଇଡେଣ୍ଟ । ଆକ୍ରମଣର ପରିଣାମ ସ୍ୱରୂପ ପାକିସ୍ତାନୀ ନୌ-ସେନାର ଡେଷ୍ଟ୍ରୟର ପିଏନ୍ଏସ୍ ଖାଇବର ଓ ମାଇନ୍ ସ୍ୱିପର ପିଏନ୍ଏସ୍ ମୁହାଫିଜ ଧ୍ୱଂସ ହୋଇଯାଇଥିଲା । ୭୨୦ ପାକିସ୍ତାନୀ ନୌ-ସୈନିକ ପ୍ରାଣ ହରାଇଥିଲେ । ତେଣୁ ଡିସେମ୍ବର ୪, ଆମ ପାଇଁ ଏକ ବିଜୟ ଦିବସ । ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ନୌ-ସେନାର ଅବଦାନ ଅତୁଳନୀୟ । ସପ୍ତଦଶ ଶତାବ୍ଦୀର ମରାଠା ଶାସକ ଛତ୍ରପତି ଶିବାଜୀଙ୍କୁ ଭାରତୀୟ ନୌସେନାର ଜନକ କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ନୌ-ସେନାର କର୍ମଚାରୀ ସଂଖ୍ୟା ଏବେ ଯଥେଷ୍ଟ । ଆମର ଅଛି ଗୋଟିଏ ଆଣବିକ ବୁଡ଼ାଜାହାଜ, ତେରଟି ପାରମ୍ପରିକ ବୁଡ଼ାଜାହାଜ, ପନ୍ଦରଟି ଫ୍ରିଗେଟ୍, ଆଠଟି ଗାଇଡେଡ୍ ମିଜାଇଲ୍ ଡେଷ୍ଟ୍ରୟର, ଚବିଶଟି କର୍ଭେଟ ଏବଂ ଗୋଟିଏ ଏଆର୍କ୍ରାଫ୍ଟ କାରିଅର୍ । ବଡ଼ଖୁସିର କଥା ଚଳିତ ବର୍ଷ ଭାରତୀୟ ନୌସେନାର ପ୍ରତିଷ୍ଠା ଦିବସ ବ୍ୟାପକ ଭାବେ ପାଳନ ହେଉଛି । ଭାରତୀୟ ନୌସେନା ବାସ୍ତବିକ ଭାବେ ଆମ ଉତ୍ତୁଙ୍ଗ ସେନା ସାମର୍ଥ୍ୟର ପ୍ରତୀକ । ଜଳ, ସ୍ଥଳ ଓ ଆକାଶରେ ବୀରତ୍ୱ, ପରାକ୍ରମ ସହ ଯୁଦ୍ଧ କୌଶଳ ପ୍ରଦର୍ଶନ ସାଙ୍ଗକୁ ପ୍ରଥମ ଥର ପାଇଁ ଓଡ଼ିଶାର ପୁରୀର ବ୍ଲୁ ଫ୍ଲାଗ ବିଚରେ ପରାକ୍ରମ ଦେଖାଇବ ନୌସେନା ।

**ଯଶସ୍ୱିନୀ ପଟ୍ଟନାୟକ**
**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ**

# ବର୍ତ୍ତମାନର ଇ-ଆବର୍ଜନାର ସଂକଟ

**ଅଲେଖ ଚନ୍ଦ୍ର ସାମଲ**

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି ।

ପ୍ରାୟ ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ପ୍ରାୟ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ମଧ୍ୟ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ ଅର୍ଥାତ୍ କାର୍ଯ୍ୟକ୍ଷମ ରହିବ ନାହିଁ ବା ନଷ୍ଟ ହେବ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ ।

ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ, ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନାର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସମ୍ପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୧.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା'ର ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ ।

ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ଼୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୨୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ-ଆବର୍ଜନା ସୃଷ୍ଟି ହେଉଛି ।

ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ, ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ତେଣୁ ଏ କ୍ଷେତ୍ରରେ ଆମ୍ଭମାନଙ୍କୁ ସତର୍କ ହେବାର ସମୟ ପହଞ୍ଚିଛି ଏବଂ ଏ କ୍ଷେତ୍ରରେ କେବଳ ସତର୍କତା ନୁହେଁ ଅନ୍ୟମାନଙ୍କୁ ସଚେତନତା ମଧ୍ୟ କରିବାର ଗୁରୁଦାୟିତ୍ୱ ଆମ୍ଭମାନଙ୍କ ଉପରେ ନ୍ୟସ୍ତ ।

**ପୂର୍ବତନ ଡିଏଫ୍ଓ , ପଲାଇ,**
**ବାଲିଚନ୍ଦ୍ରପୁର, ଯାଜପୁର**

# ଶୀତ ଆସିଛି ବୋଲି...

**ପ୍ରେମାନନ୍ଦ ପାଣିଗ୍ରାହୀ**

ତାମିଲନାଡୁକୁ କ୍ଷତିଗ୍ରସ୍ତ କରିଥିବା ବାତ୍ୟା ଫେଙ୍ଗାଲ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ଝିପିଝିପି ବର୍ଷା ସହିତ କୋହଲା ପାଗ କିଛିଦିନ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା । ଏବେ ସାରା ରାଜ୍ୟରେ ଉଭୟ ଦିନ ଓ ରାତି ତାପମାତ୍ରା ହ୍ରାସ ସହିତ ଉତ୍ତର ଦିଗରୁ ଶୀତଳ ପବନ ପ୍ରବାହିତ ହେଉଥିବାରୁ ଶୀତଲହରୀ ସାଙ୍ଗକୁ ଅସମ୍ଭାଳ ଜାଡ ଅନୁଭୂତ ହେଉଛି । ଦିନକୁ ଦିନ ପାରଦ ଖସିବାରେ ଲାଗିଛି । ବିଶେଷଜ୍ଞମାନଙ୍କ ମତରେ ପୃଥିବୀର ବାର୍ଷିକ ଗତି ଫଳରେ ଋତୁ ପରିବର୍ତ୍ତନ ହୁଏ । ପୃଥିବୀର ଘୂର୍ଣ୍ଣନ ସାଙ୍ଗକୁ ତାପମାତ୍ରା ମଧ୍ୟ କମ୍ ଏବଂ ବୃଦ୍ଧି ହୁଏ । ସର୍ବନିମ୍ନ ତାପମାତ୍ରା ସାଙ୍ଗକୁ ସର୍ବୋଚ୍ଚ ତାପମାତ୍ରା ହ୍ରାସ ପାଏ ।

ସାଧାରଣତଃ ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ଓଡ଼ିଶାରେ ଶୀତ ପ୍ରକୋପ ଅନୁଭୂତ ହୋଇଥାଏ । ଡିସେମ୍ବରରୁ ଫେବୃଆରୀ ମାସ ମଧ୍ୟରେ ସର୍ବାଧିକ ଶୀତ ହୁଏ । ଦିବାଭାଗର କ୍ରମ ସଙ୍କୋଚନ ଆଉ ରାତ୍ରିର ମାତ୍ରା ବୃଦ୍ଧି ହୁଏ । ହିମାଳୟର ଉତ୍ତର ଭାଗଦେଇ ସାଇବେରିଆ ଓ ଅନ୍ୟାନ୍ୟ ବରଫାବୃତ୍ତ ଗୁରୁଚାପ ଅଞ୍ଚଳରୁ ଲଘୁଚାପ ଅଞ୍ଚଳକୁ ଏହି ସମୟରେ ବାୟୁ ପ୍ରବାହିତ ହୁଏ । ସେହି ବାୟୁ ଶୁଷ୍କ ଓ ଥଣ୍ଡା ହୋଇଥିବାରୁ ଏହାର ପ୍ରଭାବରେ ସାରା ଭାରତରେ ଶୀତ ଲହରୀ ଲାଗି ରହେ । ଉପକୂଳ ଅଞ୍ଚଳ ଅପେକ୍ଷା ଅଭ୍ୟନ୍ତରଣ ଅଞ୍ଚଳରେ ଅଧିକ ଥାଏ । କାରଣ ସାମୁଦ୍ରିକ ତାପର ପ୍ରଭାବ ଉପକୂଳବର୍ତ୍ତୀ ଅଞ୍ଚଳର ତାପମାତ୍ରାକୁ ପ୍ରଭାବିତ କରିଥାଏ । ତେଣୁ ସମୁଦ୍ର ଠାରୁ ଯେଉଁ ସ୍ଥାନର ଦୂରତା ଯେତେ ଅଧିକ ସେଠାରେ ଶୀତର ପ୍ରକୋପ ସେତେ ଅଧିକ ହୋଇଥାଏ ।

ଋତୁ ଚକ୍ରରେ ଘୂର୍ଣ୍ଣାୟମାନ ଋତୁଗୁଡିକ ମଧ୍ୟରେ ଶୀତ ଋତୁର ସ୍ୱତନ୍ତ୍ରତା ରହିଛି । ଋତୁଚକ୍ରରେ ଏହାର ସ୍ଥାନ ପଞ୍ଚମ । ହେମନ୍ତ ଋତୁର ଠିକ୍ ପରକୁ । ଶୀତ ଏକ ଶିହରିତ ମାୟାର ଋତୁ । ପ୍ରତିଟି ମଣିଷର ସାମଗ୍ରୀକ ଚେତନା ବୋଧ ପାଇଁ ଚମତ୍କାର ସମ୍ବୋଧନ ଭରା ଆବେଗର ଋତୁ ଶୀତ । ହେମାଙ୍ଗ ଆଲିଙ୍ଗନରେ ଆବୋରି ହୋଇଯାଏ ଜଗତ । ଶୀତଳ ସନ୍ଧ୍ୟାରେ ଉତ୍ତରା ପବନ ପରିବେଶକୁ ଆହୁରି ଶୀତୁଆ କରିଦିଏ । ଶୀତ ଋତୁ ସମସ୍ତଙ୍କ ମନରେ ଆଶା, ଆନନ୍ଦ, ଉଲ୍ଲାସ ଭରିଦିଏ । ଏ ଆନନ୍ଦ ଆତ୍ମାକୁ ବାରମ୍ବାର ସ୍ପର୍ଶ କରେ । ସ୍ପର୍ଶ କରେ ଚେତନାର ଉତ୍ସକୁ । କେଉଁଠି ସୋରିଷ ଫୁଲର ଶୋଭା ପୁଣି କେଉଁଠି କୁହୁଡି ଘେରା ପୌଷର ସକାଳ, ପୁଣି ଅସୁମାରି ବିହଙ୍ଗଙ୍କ ଖୋଲା ଆକାଶ ତଳେ ସନ୍ଧ୍ୟାକାଳୀନ ଶୋଭାଯାତ୍ରା । ଆଉ ଧାନ ବିଲ ଭିତରେ ଚିଲ, ଗେଣ୍ଡାଳିଆ, ବଗ ପକ୍ଷୀମାନଙ୍କର ସ୍ୱଚ୍ଛନ୍ଦ ବିହାର । ଶୀତରେ ସବୁ କମନୀୟ ଲାଗେ । ପାଚିଲା ଧାନ କ୍ଷେତର ଦୃଶ୍ୟ, କୃଷକ ମନରେ ଆତ୍ମତୃପ୍ତି ଭରିଦିଏ ।

**ଶୀତ ଋତୁ ଶସ୍ୟ ଅମଳର ଋତୁ । ମାର୍ଗଶୀର ମାସରେ ଧାନ କଟା ଚାଲିଥାଏ । ଶଗଡ ଶଗଡ ଧାନ ଆସୁଥାଏ । ଖଳାରେ, ବାଡିରେ ଭର୍ତ୍ତି ହୋଇଯାଏ ଧାନଗଦା । ବସୁଧା ପିନ୍ଧିଥାଏ ସୁନା ଛିଟିକା ଖଣ୍ଡୁଆ ପାଟ । ମହାଲକ୍ଷ୍ମୀ ଅଗଣାରେ ହସି ଉଠନ୍ତି । ତା' ସହିତ ହସି ଉଠେ ଚିର ଅବହେଳିତ ଜୈବକ୍ଳିଷ୍ଟ କୃଷକର ଅନ୍ତରାତ୍ମା । ଶୀତ ଋତୁ ଆଣେ ନାନାପ୍ରକାର ସ୍ୱାଦିଷ୍ଟଫଳ, ଫୁଲ, ଶାଗ, ସବୁଜିମାର ସମ୍ଭାର । ଦେଶୀ ବିଦେଶୀ ଫୁଲ ଆଉ ତାର ପ୍ରୀତିଭରା ଉଛୁଳା ଭୁରୁଭୁରୁ ମହକରେ ମନ ମତୁଆଲା ହୋଇଯାଏ । ଶୀତ ଋତୁରେ ପ୍ରାୟ ଓଡ଼ିଆଙ୍କ ଘରେ ଦେଶୀ ସୁପ୍ କାଞ୍ଜିର ଚାହିଦା ମିଳିଥାଏ । ବାସି ଅରୁଆ ତୋରାଣୀରେ ହଳଦୀ, ଲୁଣ, ସାରୁ, ମୂଳା, ପାଳଙ୍ଗ, କଖାରୁ , ଭେଣ୍ଡି ଓ ଭୃସଙ୍ଗ ପତ୍ରକୁ ଫୁଟଣ କରି କାଞ୍ଜି ପ୍ରସ୍ତୁତ ହୁଏ ।**

ଶୀତ ଋତୁ ଶସ୍ୟ ଅମଳର ଋତୁ । ମାର୍ଗଶୀର ମାସରେ ଧାନ କଟା ଚାଲିଥାଏ । ଶଗଡ ଶଗଡ ଧାନ ଆସୁଥାଏ । ଖଳାରେ, ବାଡିରେ ଭର୍ତ୍ତି ହୋଇଯାଏ ଧାନଗଦା । ବସୁଧା ପିନ୍ଧିଥାଏ ସୁନା ଛିଟିକା ଖଣ୍ଡୁଆ ପାଟ । ମହାଲକ୍ଷ୍ମୀ ଅଗଣାରେ ହସି ଉଠନ୍ତି । ତା' ସହିତ ହସି ଉଠେ ଚିର ଅବହେଳିତ ଜୈବକ୍ଳିଷ୍ଟ କୃଷକର ଅନ୍ତରାତ୍ମା । ଶୀତ ଋତୁ ଆଣେ ନାନାପ୍ରକାର ସ୍ୱାଦିଷ୍ଟଫଳ, ଫୁଲ, ଶାଗ, ସବୁଜିମାର ସମ୍ଭାର । ଦେଶୀ ବିଦେଶୀ ଫୁଲ ଆଉ ତାର ପ୍ରୀତିଭରା ଉଛୁଳା ଭୁରୁଭୁରୁ ମହକରେ ମନ ମତୁଆଲା ହୋଇଯାଏ । ଶୀତ ଋତୁରେ ପ୍ରାୟ ଓଡ଼ିଆଙ୍କ ଘରେ ଦେଶୀ ସୁପ୍ କାଞ୍ଜିର ଚାହିଦା ମିଳିଥାଏ । ବାସି ଅରୁଆ ତୋରାଣୀରେ ହଳଦୀ, ଲୁଣ, ସାରୁ, ମୂଳା, ପାଳଙ୍ଗ, କଖାରୁ , ଭେଣ୍ଡି ଓ ଭୃସଙ୍ଗ ପତ୍ରକୁ ଫୁଟଣ କରି କାଞ୍ଜି ପ୍ରସ୍ତୁତ ହୁଏ । ଏହି ଦେଶୀ ସୁପ୍‌ର ଚାହିଦା ଏବେବି ଗାଁ ମାନଙ୍କରେ ରହିଛି । ଶୀତ ଋତୁ ଆସିଲେ ପିଲାମାନଙ୍କର ଗୁଡିଉଡା କଥା ମନେପଡେ । ନାନାରଙ୍ଗର ଗୁଡିରେ ଆକାଶ ରଙ୍ଗିନ୍ ହୋଇଉଠେ । ନଈପଠା ଓ ଖେଳପଡିଆରେ କି ଯୁବକ କି ପିଲା ସମସ୍ତେ ଗୁଡି ଉଡାର ମଜା ନିଅନ୍ତି । ବାୟୁମଣ୍ଡଳରୁ ଉତ୍ତାପ ହ୍ରାସ ପାଇବା ଫଳରେ ଶରୀରକୁ ଉଷ୍ମ ରଖିବା ପାଇଁ ପଶମ ଓ ଉଲେନର ରଙ୍ଗ ବେରଙ୍ଗ ବସ୍ତ୍ର ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ପରିଧାନ କରିଥାନ୍ତି । ଶୀତ ଋତୁ ବୁଲାବୁଲିର ଋତୁ । ଏହି ଋତୁରେ ଟିକିଏ ଆନନ୍ଦ ପାଇବା ପାଇଁ ବୁଲାବୁଲି ଓ ଖାଇବା ପିଇବାରେ ସମସ୍ତେ ଆଗ୍ରହ ଦେଖାଇଥାନ୍ତି । ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ ସାଙ୍ଗକୁ ବଣ, ନଦୀ ଓ ଝରଣା କୂଳରେ ବଣଭୋଜି କରିବାର ମଜା ଏ ଋତୁରେ ନିଆରା ।

ଶୀତ ଋତୁ ଆସିଲେ ବିଶ୍ୱମାନ୍ୟ ପକ୍ଷୀତୀର୍ଥ ତଥା ଏସିଆ ମହାଦେଶର ସର୍ବବୃହତ ଲୁଣିହ୍ରଦ ଚିଲିକା ପାଲଟିଯାଏ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ବିହାର ସ୍ଥଳ । ଶୀତ ଋତୁରେ କାସ୍ପିଆନ୍ ସାଗର, ବୈକାଳ ହ୍ରଦ, ଆରାଲ୍ ସମୁଦ୍ର ତଥା ରୁଷ୍ ଦେଶର ଅନ୍ୟାନ୍ୟ ଦୁର୍ଗମ ସ୍ଥାନ । କେନ୍ଦ୍ର ତଥା ଦକ୍ଷିଣ ପୂର୍ବ ଏସିଆ, ଲଦାଖ୍, ହିମାଳୟର ଥଣ୍ଡା ଅଞ୍ଚଳରେ ପଡୁଥିବା ଶୀତକୁ ସହ୍ୟ କରିନପାରି ପ୍ରତି ବର୍ଷ ନଭେମ୍ବର ମାସରୁ ଫେବୃଆରୀ ମାସ ମଧ୍ୟରେ ପ୍ରାୟ ୧୬୦ ପ୍ରଜାତିର ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ ହୋଇଉଠେ । କେବଳ ଚିଲିକା କାହିଁକି ଆମ ରାଜ୍ୟରେ ଥିବା ଭିତରକନିକା, ଅଂଶୁପା, ତେରଜାଙ୍ଗ, ହ୍ରଦଗଡ, ରେଙ୍ଗାଳି, ମାଛକୁଣ୍ଡ, ଦଣ୍ଡାଧର, ଦଦରାଘାଟି ପ୍ରଭୃତି ଜଳାଶୟମାନଙ୍କରେ ଦେଶୀବିଦେଶୀ ପକ୍ଷୀଙ୍କ ସମାଗମ ଗତ କିଛି ବର୍ଷ ଧରି ଦେଖିବାକୁ ମିଳୁଛି ।

ପଶ୍ଚିମ ଲାଦାଖ୍‌ର ଦ୍ରାସ ଭାରତର ସବୁଠାରୁ ଅଧିକ ଶୀତ ପ୍ରଧାନ ସ୍ଥାନ ହୋଇଥିବାବେଳେ ସାଇବେରିଆ ପରେ ଏହା ବିଶ୍ୱର ଦ୍ୱିତୀୟ ଥଣ୍ଡା ଅଞ୍ଚଳ ଭାବେ ପରିଚିତ । ଓଡ଼ିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡି ଅଞ୍ଚଳରେ ଶୀତଋତୁରେ ଅନେକ ପର୍ଯ୍ୟଟକଙ୍କର ଭିଡ ଜମେ । ଦାରିଙ୍ଗବାଡିର ସବୁଜ ପରିବେଶ ଓ ସକାଳର କୁହୁଡିରେ ଶୀତ ଅନୁଭୂତିକୁ ପାଖରୁ ସାଉଣ୍ଟିବା ପାଇଁ ପର୍ଯ୍ୟଟକ ଏଠାକୁ ଆକୃଷ୍ଟ ହୋଇଥାନ୍ତି ।

ଦାରିଙ୍ଗବାଡିରେ ଶୀତଋତୁରେ ବରଫପାତ ହୋଇଥିବାର ନଜିର ମଧ୍ୟ ରହିଛି । କେବଳ ଦାରିଙ୍ଗବାଡି ନୁହେଁ ଓଡ଼ିଶାର ସୁନାବେଡା ଓ ଟେନ୍‌ସାରେ ମଧ୍ୟ ହାଡଥରା ଶୀତ ଅନୁଭବ କରିହୁଏ । ଶୀତ ଋତୁରେ ମଣିଷ ଓ ଜୀବଜନ୍ତୁଙ୍କୁ ଶୀତ ଲାଗେ । ଏହି ଶୀତ ଶ୍ରୀମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବି ଅନୁଭୁତ ହୁଏ । ମହାପ୍ରଭୁ ମଧ୍ୟ ଶୀତ ପ୍ରକୋପରେ ଘୋଡଲାଗି କରିଥାନ୍ତି । ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ କରାଯାଇଥାଏ ସ୍ୱତନ୍ତ୍ର ଘୋଡ । ମାର୍ଗଶର ଶୁକ୍ଳପକ୍ଷ ଷଷ୍ଠୀ, ଯାହାକୁ କି 'ଓଢଣ ଷଷ୍ଠୀ' କୁହାଯାଏ, ସେହିଦିନ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ସପ୍ତାହର ସାତ ଦିନରେ ଠାକୁରମାନଙ୍କୁ ଭିନ୍ନ ଭିନ୍ନ ରଙ୍ଗର ଘୋଡ ଲାଗି କରାଯାଇଥାଏ ।

**ଭୁଷଳ, ଭୁବନ, ଢେଙ୍କାନାଳ**
**ମୋ -୯୪୩୭୭୨୯୩୮୪**

# ଜପଃ ମହତ୍ତ୍ୱପୂର୍ଣ୍ଣ ଯୋଗ

ଗୀତାରେ ଭଗବାନ କହିଛନ୍ତି – 'ଯଜ୍ଞାନାଂ ଜପ ଯଜ୍ଞୋସ୍ମି ।' ଅର୍ଥାତ୍ ସକଳ ପ୍ରକାର ଯଜ୍ଞମାନଙ୍କ ମଧ୍ୟରେ ମୁଁ ଜପଯଜ୍ଞ ଅଟେ। ଏଥିରୁ ଜପର ମହତ୍ତ୍ୱ କେତେ ଜଣାପଡ଼େ। ଶାସ୍ତ୍ରରେ କୁହାଯାଇଛି – 'ମନନାତ୍ ତ୍ରାୟତେ ଯସ୍ମାତ୍ ତସ୍ମାତ୍ ମନ୍ତ୍ରଃ ପ୍ରକୀର୍ତ୍ତିତଃ । ଜପାତ୍ ସିଦ୍ଧିଃ ଜପାତ୍ ସିଦ୍ଧିଃ ଜପାତ୍ ସିଦ୍ଧିଃ ନ ସଂଶୟ। ।' ଅର୍ଥାତ୍ ଯାହାକୁ 'ମନନ' ଜପ କରିବା ଦ୍ୱାରା 'ତ୍ରାୟତେ' ବିପଦରୁ ରକ୍ଷା ମିଳେ, ତାହାକୁ ମନ୍ତ୍ରଃ କହନ୍ତି । ସେହି ମନ୍ତ୍ରକୁ ପୁନଃ ଜପ କଲେ ସିଦ୍ଧି ପ୍ରାପ୍ତ ହୁଏ ।

ଜପ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗ ଅଟେ। ଚିତ୍ତକୁ ଶାନ୍ତ ତଥା ମନକୁ ଏକାଗ୍ର ଏବଂ ଅନ୍ତର୍ମୁଖୀ କରିବା ପାଇଁ ଜପ ଅତ୍ୟନ୍ତ ସରଳ ସାଧନା । ପ୍ରତ୍ୟେକ ମନ୍ତ୍ରର ଏକ ଏକ ଦେବତା ଅଛନ୍ତି । ମନ୍ତ୍ର ଜପ ସହିତ ସେହି ଇଷ୍ଟ ଦେବତାଙ୍କୁ ମାନସିକ ଧ୍ୟାନ କଲେ ଜପରୁ ଅଧିକାଧିକ ଲାଭ ମିଳେ ବୋଲି ବିଶ୍ୱାସ ରହିଛି । ଯିଏ ଯେଉଁ ମନ୍ତ୍ର ଜପ କରନ୍ତୁନା କାହିଁକି, ଇଷ୍ଟ ମନ୍ତ୍ରକୁ ବାରମ୍ବାର ପରିବର୍ତ୍ତନ କରିବା ଠିକ୍ ନୁହେଁ । ସର୍ବଦା ଗୋଟିଏ ମନ୍ତ୍ର ଜପ କଲେ ଶ୍ରଦ୍ଧା, ଭକ୍ତି ଏବଂ ତାର ଅର୍ଥ ଚିନ୍ତନ ସହ ଜପ କଲେ ଉତ୍ତମ ଫଳ ମିଳେ । କିପରି ମନ୍ତ୍ର ଜପ କରିବାକୁ ପଡ଼ିବ, ସେ ସମ୍ପର୍କରେ ଶାସ୍ତ୍ରରେ କୁହାଯାଇଛି–'ମନଃ ସଂହରଣଂ ଶୌଚଂ ମୌନଂ ମନ୍ତ୍ରାର୍ଥ ଚିନ୍ତନମ୍ ।' ଅର୍ଥାତ୍ ମନର ଏକାଗ୍ରତା, ପବିତ୍ରତା, ମୌନ ଏବଂ ମନ୍ତ୍ରର ଅର୍ଥ ବୁଝି କରି ଜପ କରିବାକୁ ହୁଏ । ଜପର ଲକ୍ଷଣ ହେଉଛି – 'ମନୋ ମଧ୍ୟେ ସ୍ଥିତୋ ମନ୍ତ୍ରୋ, ମନ୍ତ୍ରଃ ମଧ୍ୟେ ସ୍ଥିତୋ ମନଃ, ମନୋମନ୍ତ୍ର ସମାୟୁକ୍ତମେତତ୍ ଜପ ଲକ୍ଷଣଂ ।' ତା ଅର୍ଥ ଜପ କରିବା ସମୟରେ ମନ୍ତ୍ରକୁ ମନ ମଧ୍ୟରେ ଏବଂ ମନକୁ ମନ୍ତ୍ର ମଧ୍ୟରେ ସ୍ଥାପନ କଲେ ମନ ଓ ମନ୍ତ୍ର ଏକ ହେବେ । ଯୋଗ ଶାସ୍ତ୍ରର ନିର୍ଦ୍ଦେଶ 'ତଜ୍ଜପଃ ତଦର୍ଥ ଭାବନମ୍' ସେଥି ସହିତ ଯାହାର ନାମ ଜପ କରିବାକୁ ହେବ, ତାଙ୍କର ସ୍ୱରୂପ ଭାବନା କରିବାକୁ ହେବ । ତାଙ୍କର ବୃତ୍ତିକୁ ନିଜ ଜୀବନରେ ପରିସ୍ଫୁଟ କରିବାକୁ ହେବ । ଶ୍ରୀରାମ ମର୍ଯ୍ୟାଦା ପୁରୁଷୋତ୍ତମ ଥିଲେ, ହନୁମାନ ଭକ୍ତ ଶିରୋମଣି ଥିଲେ । ସେ ଭଗବାନ ଶ୍ରୀରାମଙ୍କ ମନ୍ତ୍ର ଜପ କରି ସର୍ବସିଦ୍ଧି କରିପାରିଥିଲେ । ମନ୍ତ୍ର ଜପ ସମ୍ପର୍କରେ ସବିଶେଷ କଥା ମଦପ୍ରଣୀତ ମନ୍ତ୍ର ବିଜ୍ଞାନ, ଯନ୍ତ୍ରତନ୍ତ୍ର ବିଜ୍ଞାନ ଏବଂ ଗ୍ରହରତ୍ନ ବିଜ୍ଞାନରେ ଉଲ୍ଲେଖ ଅଛି ।

ହିନ୍ଦୁଧର୍ମରେ ପ୍ରାତଃ ଏବଂ ସାୟଂକାଳରେ ମନ୍ତ୍ରଜପ ଧ୍ୟାନ ଆଦି କରିବାର ବିଧାନ ରହିଛି । ପ୍ରାତଃ ରାତ୍ର ଚାରିଟା ଅର୍ଥାତ୍ ବ୍ରାହ୍ମମୁହୂର୍ତ୍ତ ମନ୍ତ୍ର ଜପ ପାଇଁ ସର୍ବାପେକ୍ଷା ଅନୁକୂଳ ସମୟ । ଜପର ଅଭ୍ୟାସ ପାଇଁ ପାଞ୍ଚଗୋଟି ନିୟମ ଅଛି ।

ଯଥା–ବୈଖରୀ – ଉଚ୍ଚ ପାଟିରେ ଉଚ୍ଚାରଣ ପୂର୍ବକ ଜପ ।

ଉପାଂଶୁ – ପାଟି ଖୋଲୁଥିବ କିନ୍ତୁ ବାହାରକୁ ଶବ୍ଦ ଶୁଭୁନଥିବ । ଶୁଭୁଥିବ ଯଦି ପାଖ ଲୋକ ଶୁଣି ପାରୁନଥିବ, ତା ଅର୍ଥ ଫୁସଫୁସ ଜପ ।

ମାନସିକ – ମନେ ମନେ କହି ଜପ । ଏହା ଚେତନା ଶକ୍ତିକୁ ଜାଗ୍ରତ କରିବା ପାଇଁ ଅତ୍ୟନ୍ତ ଫଳପ୍ରଦ ପ୍ରଣାଳୀ ।

ଲିଖିତ – ଖାତାରେ ଲେଖିବା ମଧ୍ୟ ଏକ ପ୍ରକାର ଜପ । ଏହା ମଧ୍ୟ ଏକ ପ୍ରଭାବଶାଳୀ ଜପ ।

ଅଜପା – ମାଳା ବିନା ଶ୍ୱାସ ଦ୍ୱାରା ଜପ । 'ପ୍ରଣବ ଓ ସୋହଂ' ମନ୍ତ୍ର ସାହାଯ୍ୟରେ ଶ୍ୱାସରେ ଶ୍ୱାସରେ ଜପ ଓ ଧ୍ୟାନ ହେଉଛି ଯୋଗ ସାଧନାର ଅଙ୍ଗ ।

ଡକ୍ଟର ତପନ କୁମାର ପାଳ,ଷ୍ଟେଟ ବ୍ୟାଙ୍କ ଅଫ
ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ବାସଭବନରେ ଦିବ୍ୟାଙ୍ଗମାନଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

# ଅଭିଯୋଗ ଶୁଣିଲେ, ସମାଧାନର ଆଶ୍ୱାସନା ଦେଲେ



ଭୁବନେଶ୍ୱର, (ସବ୍ୟୁ): ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ମୋହନ ଚରଣ ମାଝୀ ଯେଉଁଠି କି ଯାଆନ୍ତୁ ନା କାହିଁକି, ଯେଉଁଠି ବି ଥାଆନ୍ତୁ, ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣିବାକୁ ଓ ତା'ର ପ୍ରତିକାର ପାଇଁ ବ୍ୟବସ୍ଥା କରିବାକୁ ସବୁବେଳେ ପ୍ରାଧାନ୍ୟ ଦେଇଥାନ୍ତି । ମଙ୍ଗଳବାର ସକାଳେ ତାଙ୍କ ବାସଭବନକୁ କିଛି ଲୋକ ସେମାନଙ୍କ ଅଭିଯୋଗ ନେଇ ଆସିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଅଭିଯୋଗ ଶୁଣିଥିଲେ । ଅଭିଯୋଗକାରୀଙ୍କ ମଧ୍ୟରେ କେତେ ଜଣ ଦିବ୍ୟାଙ୍ଗ ମଧ୍ୟ ଆସିଥିଲେ । ଆଜି ହେଉଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ । ଏହି ଅବସରରେ ଦିବ୍ୟାଙ୍ଗମାନେ ତାଙ୍କ ଘରକୁ ଆସିଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଥମେ ସମ୍ବର୍ଦ୍ଧିତ କରିଥିଲେ ଓ ପରେ ସେମାନଙ୍କ ସମସ୍ୟା ଶୁଣିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏଭଳି ସହୃଦୟତାପୂର୍ଣ୍ଣ ବ୍ୟବହାରରେ ଭାବପ୍ରବଣ ହୋଇଯାଇଥିଲେ ସମସ୍ତେ । ସେମାନଙ୍କ ମଧ୍ୟରେ ଥିଲେ କଟକ ବାଉଁଶଗଳିର ଦିବ୍ୟାଙ୍ଗ ଶେଖ୍ ରେହେମାନ । ସେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଏକ ତିନି-ଚକିଆ ସାଇକେଲରେ ଯାତ୍ରା ଆରମ୍ଭ କରୁଛନ୍ତି । ସେ ଆସିଥିଲେ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଶୁଭେଚ୍ଛା ପାଇ ତାଙ୍କର ଯାତ୍ରା ଆରମ୍ଭ କରିବାକୁଛ ମୁଖ୍ୟମନ୍ତ୍ରୀ ତାଙ୍କର ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ ।

## କେରଳର ଆଦିତ୍ୟ କେବି ଟିସିଏସ୍ ଇନ୍‌କ୍ୱିଜିଟିଭ୍ ବିଜେତା

ଭୁବନେଶ୍ୱର, (ସବ୍ୟୁ): ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ଏହାର ପ୍ରମୁଖ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତାଟିସିଏସ୍ ଇନ୍‌କ୍ୱିଜିଟିଭ୍ ୨୦୨୪ର ବିଜେତା ଘୋଷଣା କରାଯାଇଛି। କେରଳର ଥ୍ରିସୁର ସ୍ଥିତ ବିଜୟଗିରି ପବ୍ଲିକ୍ ସ୍କୁଲ୍‌ରନବମ ଶ୍ରେଣୀ ଛାତ୍ର ଆଦିତ୍ୟ କେବି ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଜାତୀୟ ଚମ୍ପିଆନ୍ ହୋଇଛନ୍ତି। ଭୁବନେଶ୍ୱରର ଡିଏଭିପବ୍ଲିକ୍ ସ୍କୁଲର ଛାତ୍ର ଦିବ୍ୟଜ୍ୟୋତି ସେନାପତି ପ୍ରଥମ ଉପ ବିଜେତା ହୋଇଥିବା ବେଳେ ତାମିଲନାଡୁର ଚେନ୍ନାଇ ସ୍ଥିତ ଏଏମ୍ ଏମ୍ ସ୍କୁଲ୍‌ର ଆର୍ଯ୍ୟନ ଘୋଷ ଦ୍ୱିତୀୟ ଉପ ବିଜେତା ହୋଇଛ। ଟିସିଏସ୍ ଇନ୍‌କ୍ୱିଜିଟିଭ୍ ୨୦୨୪ରେ ସାରା ଭାରତର ୭୦୦ରୁ ଅଧିକ ସ୍କୁଲ୍‌ର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତର୧୦,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି କୁଇଜ୍‌ର ଲକ୍ଷ୍ୟ ହେଉଛି ବୌଦ୍ଧିକ ଉତ୍ସାହ ଜାଗ୍ରତ କରିବା ଏବଂ ସୂଚନା ପ୍ରଯୁକ୍ତି, ବିଜ୍ଞାନ, କ୍ରୀଡ଼ା, ଇଞ୍ଜିନିୟରିଂ ଓ କଳା ଭଳି କ୍ଷେତ୍ରରେ ସଚେତନତାର ପ୍ରସାର କରିବା। ପିକ୍‌ବ୍ରେନ୍‌ଭାବେ ପରିଚିତ ଗିରି ବାଲାସୁବ୍ରମଣ୍ୟମ ଏହି କୁଇଜ୍ ପ୍ରତିଯୋଗିତାର ଜାତୀୟ ଫାଇନାଲ୍‌କୁ ପରିଚାଳନା କରିଥିଲେ ।



ଭୁବନେଶ୍ୱର ବିଜେଡ଼ି ଲିଗାଲ ଫ୍ରଣ୍ଟ ସେଲ୍‌ର ସଦସ୍ୟ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି

## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ କିଷାନ ସଂଘର ପ୍ରତିନିଧି ମଣ୍ଡଳୀ

# ଚିନିଶିଳ୍ପ ଓ ଚିନିକଳର ପୁନରୁଦ୍ଧାର ନେଇ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଭାରତୀୟ କିଷାନ ସଂଘର ପ୍ରତିନିଧି ମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଭେଟି ବଲାଙ୍ଗିର, ନୟାଗଡ଼ ଜିଲ୍ଲାରେ ଚିନିକଳର ପୁନରୁଦ୍ଧାର ଏବଂ ପୁନଃକାର୍ଯ୍ୟକ୍ଷମ ନେଇ ଆଲୋଚନା କରିଥିଲେ । କଞ୍ଚାମାଲ୍ ଅଭାବରୁ ରାଜ୍ୟରେ ଥିବା ଚିନିକଳଗୁଡ଼ିକ ବହୁତ ଦିନ ହେଲା ବନ୍ଦ ହୋଇ ପଡ଼ିଛି । ଏସବୁର ପ୍ରମୁଖ କାରଣକୁ ଅନୁଧ୍ୟାନ କରି ପୁନଶ୍ଚ କାର୍ଯ୍ୟକ୍ଷମ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ବୈଠକରେ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ସମବାୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ କୁମାର ଦାସ, ଭାରତୀୟ କିଷାନ ସଂଘର ସମ୍ପାଦକ କେ. ସାଇ ରେଡ୍ଡୀ, ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିବ ନାଡର ବିଶ୍ୱବିଦ୍ୟାଳୟ, ଦିଲ୍ଲୀ-ଏନସିଆରର ନୂତନ ଶିକ୍ଷାବର୍ଷ

ଭୁବନେଶ୍ୱର, (ସବ୍ୟୁ): ଏକ ଅଗ୍ରଣୀ ବହୁବିଭାଗୀୟ ଏବଂ ଗବେଷଣା ଭିତିକ ଅନୁଷ୍ଠାନ, ଦିଲ୍ଲୀ-ଏନସିଆରର ଶିବ ନାଡର ବିଶ୍ୱବିଦ୍ୟାଳୟ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ଆରମ୍ଭ କରିଛି। ଇଞ୍ଜିନିୟରିଂ, ପ୍ରାକୃତିକ ବିଜ୍ଞାନ, ମ୍ୟାନେଜମେଂଟ ଓ ଏଂଟରପ୍ରେନିସରସିପ୍ ଏବଂ ହ୍ୟୁମାନିଟିଜ୍ ଓ ସୋସିଆଲ୍ ସାଇନ୍ସ ଭଳି ୪ ଟି ବିଦ୍ୟାଳୟରେ କାର୍ଯ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ କରାଯାଇଛି। ସମ୍ଭାବ୍ୟ ପ୍ରାର୍ଥୀମାନେ ବିଶ୍ୱବିଦ୍ୟାଳୟର ଅଫିସିଆଲ ୱେବସାଇଟ (http:// www.snu.edu.in/home ) ଜରିଆରେ ଆବେଦନ କରିପାରିବେ। ୨୦୨୫-୨୬ ବର୍ଷ ପାଇଁ ବିଶ୍ୱବିଦ୍ୟାଳୟ ଏକାଡେମିକ୍ ଉତ୍କର୍ଷତାକୁ ସମର୍ଥନ ଏବଂ ପୁରସ୍କୃତ କରିବା ପାଇଁ ବିଭିନ୍ନ ବୃତି ପ୍ରଦାନ ଜାରି ରଖିଛି। ଯୁକ୍ତରାଷ୍ଟ୍ର ଆମେରିକାର ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟି ସହଯୋଗରେ ଆରମ୍ଭ ହୋଇଥିବା କମ୍ପ୍ୟୁଟର ସାଇନ୍ସ ଆଣ୍ଡ ବିଜନେସ୍ ଡାଟା ଆନାଲିଟିକ୍ସରେ ଡୁଆଲ ଡିଗ୍ରୀ ସ୍ନାତକୋତର ପ୍ରୋଗ୍ରାମ୍ ହେଉଛି ଏହାର ଅଫରରେ ଏକ ନୂଆ ସଂଯୋଜନା। ଏହି କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷା ଏବଂ ଶିଳ୍ପର ବିକଶିତ ଚାହିଦା ଗୁଡିକର ସମାଧାନ ପାଇଁ ଡିଜାଇନ୍ କରାଯାଇଛି ।

# ବୁଢ଼ା ବାବା ମଲ୍ଟି ସ୍ପେଶିଆଲିଟି ହସ୍‌ପିଟାଲ ଉଦ୍‌ଘାଟିତ

କଟକ, (ସ୍ୱପ୍ର): କଟକ ଜୋବ୍ରା ସ୍ଥିତ ଲକ୍ଷ୍ମୀ ବଜାର ଠାରେ ବୁଢ଼ା ବାବା ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ଉଦ୍‌ଘାଟିତ ହୋଇଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶୀକାନ୍ତ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏବଂ ପଦ୍ମବିଭୂଷଣ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସାହିତ୍ୟିକା ଡଃ ପ୍ରତିଭା ରାୟ ପ୍ରମୁଖ ଯୋଗଦେଇ ଗୁରୁଙ୍କ ନାମରେ ଏହି ହସ୍ପିଟାଲ ନାମକରଣ କରିଥିବା ପ୍ରତିଷ୍ଠାତାଙ୍କୁ ସାଧୁବାଦ ଜଣାଇଥିଲେ । ୧୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ଅର୍ଥୋପେଡିକ, ଚକ୍ଷୁ, ହୃଦ୍‌ରୋଗ, ଦନ୍ତ ଏବଂ ଶୀଶୁ ରୋଗ, ପ୍ଲାଷ୍ଟିକ ସର୍ଜରୀ, ନିରୋଲୋଜି, ନିରୋସର୍ଜରି, ନେଫ୍ରୋଲୋଜି, ୟୁରୋଲୋଜି ବିଭାଗ ଆଦି ରହିଥିବା ବେଳେ ଏଠାରେ ରୋଗୀମାନଙ୍କୁ ୨୪ ଘଣ୍ଟିଆ ସେବା ପ୍ରଦାନ କରିବା ସହ ଆଇସିୟୁ, ଏନଆଇସିୟୁ, ପେଡିଆଟିକ ଆଇସିୟୁ, ରୋବର୍ଟିକ୍ ଅର୍ଥୋପେଡିକ ସର୍ଜରୀ, କାର୍ଡିଓଲୋଜିର ସମସ୍ତ ବିଭାଗ, ପାଥୋଲାବ, ଏକ୍ସରେ, ଅଲଟ୍ରାସାଉଣ୍ଡ, ସିଟି ସ୍କାନ, ଏଣ୍ଡୋସ୍କୋପି ଆଦି ସମସ୍ତ




ପରୀକ୍ଷା ଗୋଟିଏ ଛାତ ତଳେ ଉପଲବ୍ଧ ରହିଛି । ଉଦ୍‌ଘାଟନୀ ଉତ୍ସବ ଅବସରରେ ହସ୍ପିଟାଲ ପରିସରରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସ୍ୱପ୍ନ ଫାଉଣ୍ଡେସନ ସହଯୋଗରେ ଏକ ରକ୍ତଦାନ ଶିବିର ସହ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ଏହି ଶିବିରରେ ସଏମ୍‌ସି କମିସନର ଅନାମ ଚରଣ ପାତ୍ର, ସିଟି ଇଂଜିନିୟର ଅତନୁ କୁମାର ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟବସାୟିକ ଦୃଷ୍ଟି କୋଣରୁ ନୁହେଁ ବରଂ 'ମାନବ ସେବା ହିଁ ମାଧବ ସେବା' ବାର୍ତ୍ତାକୁ ପାଥେୟ କରି ରୋଗୀମାନଙ୍କର ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦିଆଯିବା ସହିତ ମୋର ଗୁରୁ ବୁଢ଼ା ବାବାଙ୍କ ନିତି ଆଦର୍ଶରେ ଚିକିତ୍ସାଳୟକୁ ପରିଚାଳନା କରାଯିବ ବୋଲି ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ଉମେଶ ରାୟ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଡାକ୍ତର ରାୟ ପୂର୍ବରୁ କଲେଜ ଛକ ସ୍ଥିତ ଆଡ୍ ହସ୍ପିଟାଲକୁ ପରିଚାଳନା କରିବା ସହିତ ରୋଗୀମାନଙ୍କୁ ସୁଲଭ ମୂଲ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ଜଣେ ଲୋକପ୍ରିୟ ଡାକ୍ତର ଭାବେ ନିଜର ସୁନାମ ଅର୍ଜନ କରିସାରିଛନ୍ତି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ, ଡ. ଜୟନ୍ତ ପଣ୍ଡା, ଡ. ଦେବାଶିଷ ନାୟକ, ଡ. ଅରୁଣ ଚୌଧୁରୀ, ଡ. ବିଭୂତି ନାୟକ, ଡ. ଶକ୍ତି ସାହୁ, ଆଇନଜୀବୀ ଧରଣୀ ନାୟକ, ଶିକ୍ଷାବିତ୍ ସେକ କଲ୍ଲୀମୁଲ୍ଲା, ସ୍ଥାନୀୟ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ଆକ୍ସିସ୍ ବ୍ୟାଙ୍କର 'ହର ରାହ ଦିଲ୍ ସେ ଓପନ୍' ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅନ୍ୟତମ ବୃହତ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ 'ଦିଲ୍ ସେ ଓପନ୍' ଅଭିଯାନର ପରବର୍ତୀ ଅଧ୍ୟାୟ ଆରମ୍ଭ କରାଯାଇଛି। 'ହର ରାହଦିଲ ସେ ଓପନ୍' ନାମକ ଏହି ଅଭିଯାନ ୧,୦୦,୦୦୦ରୁ ଅଧିକ ବ୍ୟାଙ୍କରଙ୍କ ସମର୍ପଣକୁ ସମ୍ମାନ ଜଣାଉଛି। ସେମାନେ ଅସାଧାରଣ ଗ୍ରାହକ ଅନୁଭୂତି ପ୍ରଦାନକରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରଛନ୍ତି । ଟ୍ରାଞ୍ଜାକସନ୍ ବ୍ୟାଙ୍କିଙ୍ଗ୍ ଯୁଗରେ ଗ୍ରାହକ-ପ୍ରଥମ ଆଭିମୁଖ୍ୟ ଉପରେ ଏହି ଅଭିଯାନ ଗୁରୁତ୍ୱାରୋପ କରୁଛି। ଆକ୍ସିସ୍ ବ୍ୟାଙ୍କପକ୍ଷରୁ ୨୦୧୯ରେ ପ୍ରଥମେ 'ଦିଲ୍ ସେ ଓପନ୍' ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ନୂଆ ପିଢ଼ିର ଡିଜିଟାଲ୍-ପ୍ରଥମ ପ୍ରାଥମିକତାଠାରୁ ଆରମ୍ଭ କରି ଗ୍ରାମୀଣ ଭାରତ ଏବଂ ସହରାଂଚଳ ପର୍ଯ୍ୟନ୍ତ ଲୋକଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ୨୦୨୪ ଅଭିଯାନରେ ଦର୍ଶାଯାଇଛି। 'ହର ରାହ ଦିଲ୍ ସେ ଓପନ୍' ନାମକ ଏହି ନୂଆ ଅଭିଯାନକୁ ପାଂଚଟି ଚଳଚ୍ଚିତ୍ର ଜରିଆରେ ଜୀବନ୍ତ କରାଯାଇଛି ଯେଉଁଥିରେ ବେତନଭୋଗୀ, ବରିଷ୍ଠ ନାଗରିକ, ଉଦ୍ୟୋଗୀ, ଉଚ୍ଚ ସମ୍ପି ବିଶିଷ୍ଟ ଗ୍ରାହକ ଏବଂ ସାଧାରଣ ଗ୍ରାହକଙ୍କ ଭଳି ଭିନ୍ନ ଭିନ୍ନ ବର୍ଗ ଉପରେ ଧ୍ୟାନ ଦିଆଯାଇଛି।

## ପୋଲାଭରମ ପ୍ରସଙ୍ଗକୁ ନେଇ ବିଜେଡି ପ୍ରତିନିଧିମଣ୍ଡଳୀ ଦିଲ୍ଲୀରେ

# କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟି ରଖିଲେ ଓଡ଼ିଶାର ଦାବି

ଭୁବନେଶ୍ୱର, (ସବ୍ୟୁ) : ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ଓ ବିଜେଡି ରାଜ୍ୟସଭା ସଦସ୍ୟମାନଙ୍କ ସହିତ ମଙ୍ଗଳବାର କେନ୍ଦ୍ରଜଳ ଶକ୍ତିମନ୍ତ୍ରୀ ସି ଆର ପାଟିଲଙ୍କୁ ତାଙ୍କ ଦିଲ୍ଲୀ କାର୍ଯ୍ୟାଳୟରେ ଭେଟି ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ହେବାକୁ ଥିବା କ୍ଷୟକ୍ଷତି ବିଷୟରେ ଅବଗତ କରିବା ସହିତ ଏଥିପାଇଁ ବିହିତ ପଦକ୍ଷେପ ନେବା ପାଇଁ କହିଥିଲେ ।

ବିଜେଡି ପକ୍ଷରୁ ଶ୍ରୀ ପାଟିଲଙ୍କୁ ପ୍ରଦାନ କରାଯାଇଥିବା ଏକ ଦାବିପତ୍ରରେ କୁହାଯାଇଛି, ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ପ୍ରାୟ୨୦୦ରୁ ଅଧିକ ଗ୍ରାମ ଜଳମଗ୍ନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷକ୍ୟୁସେକ ଥିଲା। ପରବର୍ତ୍ତୀ ସମୟରେ ଏକତରଫା ଭାବେ, ଏହାର କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଥିଲା । ଏହି ପ୍ରକଳ୍ପର କ୍ଷମତା ବଢ଼ାଇ ଦିଆଯିବା ପରେ ପ୍ରକଳ୍ପର ପଛୁଆ ପାଣି ଓଡିଶାର ମାଲକାନଗିରି ଜିଲ୍ଲା ଉପରେ କ'ଣ ପ୍ରଭାବ ପଡିବ ତାହାର ଆକଳନ କରାଯାଇ ନଥିଲା । ତେଣୁ ୨୦୦୭ ମସିହାରେ ରାଜ୍ୟସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ପରେ ୨୦୨୨ରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ମନ୍ତବ୍ୟ ରଖି ପ୍ରକଳ୍ପର କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେଏହାର ପ୍ରଭାବ ଆକଳନ କରିବାର ଆବଶ୍ୟକତା ରହିଛି ବୋଲିମତ ଦେଇଥିଲେ । ଏହାପରେ ମଧ୍ୟ ଏହି ବର୍ଦ୍ଧିତ କ୍ଷମତାରେ ପ୍ରକଳ୍ପହେଲେ, ପ୍ରକଳ୍ପର ବ୍ୟାକୱାଟରବା ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ଜଳମଗ୍ନ କରିବ, ତାହାର ଆକଳନ କରାଯାଇନାହିଁ । ଆଇଆଇଟି ରୁର୍କୀ ଦ୍ୱାରା କରାଯାଇଥିବା ଏକ ଆକଳନରୁ ଜଣାପଡିଛି, ବର୍ଦ୍ଧିତକ୍ଷମତା ୫୮ ଲକ୍ଷ କ୍ୟୁସେକ ଜଳହେଲେ ପଛୁଆ ପାଣିର ଉଚ୍ଚତା ୨୩୨.୨ ମିଟର ହେବ ବୋଲି ଆକଳନ କରାଯାଇଛି । ବିଜେଡି ତରଫରୁ ଦିଆଯାଇଥିବା ଦାବିପତ୍ରରେ କୁହାଯାଇଛି, ଏହି ପ୍ରକଳ୍ପ ହେଲେ ମାଲକାନଗିରି ଜିଲ୍ଲାର ମୋଟୁ ଓ ପଡ଼ିଆ ଅଞ୍ଚଳର ପ୍ରାୟ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନହେବ । ଏହି ପ୍ରକଳ୍ପର ପଛୁଆ ପାଣି କେଉଁକେଉଁ ଅଞ୍ଚଳକୁ ପ୍ରଭାବିତକରିବ ଓ ମାଲକାନଗିରି ଜିଲ୍ଲାର ଆଦିବାସୀମାନଙ୍କ ଜୀବନ ଜୀବିକାଉପରେଏହାର କ'ଣ ପ୍ରଭାବ ପଡିବ, ତାହାର ଏକ ସବିଶେଷ ଆକଳନ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ଦେବାଶିଷ ସାମନ୍ତରାୟ, ମୁଜିବୁଲ୍ଲା ଖାନ, ଶ୍ରୀମତୀ ସୁଲତା ଦେଓ, ସୁବାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ରମେଶ ମାଝୀ, ପ୍ରଦୀପ ମାଝୀ, ମନୋହର ରନ୍ଧାରୀ, ମାନସ ମାଡକାମୀ, ଡଃ ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର ଇତ୍ୟାଦି ସାମିଲ ଥିଲେ।

## ହେୟାର ଆଣ୍ଡ କେୟାର ଅଏଲ ଇନ ସେରମ

ଭୁବନେଶ୍ୱର, (ସବ୍ୟୁ) : ଏବେ ପାର୍ଟି ସିଜନ ଆରମ୍ଭ ହୋଇଯାଇଛି, ଯାହା ଅସରନ୍ତି ଉତ୍ସବାନୁଷ୍ଠାନ ଏବଂ ସମ୍ମୋହକ ରାତିଗୁଡିକ ଆୟୋଜନ କରୁଛି। ଆପଣଙ୍କର ପୋଷାକ ଏବଂ ମେକଅପ ଝଲସୁଥିବାବେଳେ ଆପଣଙ୍କର କେଶ ବସ୍ତୁତଃ ସୋଷ୍ଟପର ପାଲଟୁଛି, ଯାହା ଏହାକୁ ସୁସ୍ଥ, ଉଜ୍ଜ୍ୱଳ ଏବଂ ଫ୍ରିଜ୍-ଫ୍ରି ରଖିବା ଅତ୍ୟାବଶ୍ୟକ କରୁଛି। ବାରମ୍ବାର ଷ୍ଟାଇଲିଂ କରିବା, ପ୍ରଦୂଷଣ ଏବଂ ପାଗ ପରିବର୍ତ୍ତନ କାରଣରୁ ଆପଣଙ୍କ କେଶ ମଳିନ ହୋଇପାରେ, କିନ୍ତୁ ଏକ ଅଏଲ-ଇନ-ସେରମ ପାର୍ଟି ପାଇଁ ସମ୍ପୂର୍ଣ୍ଣ ଉପଯୋଗୀ କେଶ ପାଇଁ ଏକମାତ୍ର ଗେମ ଚେଞ୍ଜର ଅଟେ। ଭିଟାମିନ ଇରେ ସମୃଦ୍ଧ ଏକ ଅଏଲ-ଇନ-ସେରମ ଆପଣଙ୍କ କେଶକୁ ମୁଲାୟମ, ଔଜଲ୍ୟପୂର୍ଣ୍ଣ ଏବଂ ନିରଳସ ଭାବରେ ପାର୍ଟି-ରେଡି କରି ଗଢିତୋଳେ । ଏହାର ହାଲୁକାପଣ (ଲାଇଟୱେଟ) ଫର୍ମୁଲା କୌଣସି ପ୍ରକାର ଅଠାଳିଆ ଅବଶେଷ ବିନା ହାଲୁକାପଣ ପୋଷଣ ଯୋଗାଇଦେଉଛି, ଯାହା ଏହାକୁ ଉଭୟ ଦୈନନ୍ଦିନ ଏବଂ ପାର୍ଟି ନିମନ୍ତେ ଷ୍ଟାଇଲିଂ କରିବା ନିମନ୍ତେ ସମ୍ପୂର୍ଣ୍ଣ ସଠିକ କରି ଗଢିତୋଳୁଛି। ଓଦା ଏବଂ ଶୁଷ୍କ କେଶରେ ବ୍ୟବହାର କରିବା ନିମନ୍ତେ ସମ୍ପୂର୍ଣ୍ଣ ଉପଯୁକ୍ତ ଏହି ଅଏଲ-ଇନ-ସେରମ ତ୍ରୁଟିଶୂନ୍ୟ, ପ୍ରବନ୍ଧନୀୟ କେଶ ବାନ୍ଧିବା ନିମନ୍ତେ ଏକମାତ୍ର ବହୁଦାୟିତ୍ୱ ନିର୍ବାହକାରୀ ହେଉଛି। ଏକ ସେରମର ହାଲୁକାପଣ ଷ୍ଟାଇଲିଂ ସହିତ ତୈଳର ପୋଷଣକୁ ସମ୍ମିଶ୍ରିତ କରି ହେୟାର ଆଣ୍ଡକ୍ସ କେୟାର ଅଏଲ ଇନ ସେରମ ଆପଣଙ୍କ ପାଇଁ ସମାଧାନ ଆଣୁଛି।

## ଭାରତରୁ ଭାରତ ପାଇଁ: ଇଭିଏମ୍ ସ୍ଥାନୀୟ ନିର୍ମିତ ରାମ ଏବଂ ଏସ୍‌ଏସଡି ଷ୍ଟୋରେଜ୍ ସଲ୍ୟୁସନ୍ ଉନ୍ମୋଚନ

ଭୁବନେଶ୍ୱର (ସବ୍ୟୁ): ହୁଣ୍ଡିଆ ସୂଚନା ସମାଧାନ ପ୍ରାଇଭେଟ ଲିମିଟେଡ୍, କମ୍ପ୍ୟୁଟିଂ ଏବଂ ମୋବିଲିଟି ଉତ୍ପାଦର ମୁମ୍ବାଇର ଅଗ୍ରଣୀ ବିକ୍ରେତା ତଥା ଆଇଟି ଷ୍ଟୋରେଜ୍ ସଲ୍ୟୁସନ୍‌ର ଅନ୍ୟତମ ଅଗ୍ରଣୀ ଇଭିଏମ୍‌ର ବ୍ରାଣ୍ଡ ମାଲିକମାନେ ସହିତ ଭାରତର ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଷ୍ଟୋରେଜ୍ ଉତ୍ପାଦ,ଏସଏସଡି, ରାମ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ସମାଧାନ ପାଇପାରିବେ। ଏହି ଉନ୍ମୋଚନ ଏକ ଐତିହାସିକ ମାଇଲଖୁଂଟ ଭାବରେ ଚିହ୍ନିତ ହୋଇଛି ଯାହାକି ଇଭିଏମ୍ ପ୍ରଥମ ଭାରତୀୟ ବ୍ରାଣ୍ଡ ଭାବରେ ସ୍ଥାନୀୟ ଭାବରେ ବିକଶିତ ତଥା ଉତ୍ପାଦିତ, ମେଡ ଇନ୍ ଇଣ୍ଡିଆ ଷ୍ଟୋରେଜ୍ ସମାଧାନର ପରିଚୟ ଦେଇଛି । ହୁଣ୍ଡିଆ ସୂଚନା ସମାଧାନ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଏହି ଉନ୍ମୋଚନ ସହିତ, ଇଭିଏମ୍ ସ୍ଥାନୀୟ ଉଦ୍ଭାବନକୁ ସଶକ୍ତ କରୁଥିବାବେଳେ ଭାରତର ବୈଷୟିକ ଆତ୍ମନିର୍ଭରଶୀଳତାକୁ ଦୃଢ଼ କରିବା ଦିଗରେ ଅଗ୍ରସର ହେଉଛି। ସ୍ଥାନୀୟ ଭାବରେ ନିର୍ମିତ ଷ୍ଟୋରେଜ୍ ସମାଧାନ ପାଇଁ, ଇଭିଏମ୍ ସାଟା ଏବଂ ଏନଭିଏମଇ ଏସଏସଡି ଗୁଡ଼ିକର ପରିସର ସହିତ ଆରମ୍ଭ କରିବାକୁ, ଡିଡିଆର୪ ଏବଂ ଡିଡିଆର୫ ରାମ ମଡ୍ୟୁଲ୍ ସହିତ, ଉଭୟ ଦୈନନ୍ଦିନ ଗ୍ରାହକ ଏବଂ ଶିଳ୍ପ ବୃତିଗତଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡିଜାଇନ୍ ହୋଇଛି । 'ଏହା ଏକ ଉତ୍ପାଦ ଉନ୍ମୋଚନଠାରୁ ଅଧିକ ଏହା ବିଶ୍ୱସ୍ତରିୟ ବୈଷୟିକ କ୍ଷେତ୍ରରେ ଭାରତର ସାମର୍ଥ୍ୟର ଏକ ଘୋଷଣା ଅଟେ। ନିକଟ ଭବିଷ୍ୟତରେ ଆମର ଉତ୍ପାଦ ପୋର୍ଟଫୋଲିଓକୁ ବିସ୍ତାର କରି ଅତିରିକ୍ତ ସ୍ଥାନୀୟ ଉତ୍ପାଦିତ ଷ୍ଟୋରେଜ୍ ସମାଧାନର ପରିଚୟ ଦେଇ ଇଭିଏମ୍ ଆଗକୁ ନିର୍ମାଣ କରିବାକୁ ଯୋଜନା କରିଛି ବୋଲି ଇଭିଏମ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ କୁନାଲ ହୁଣ୍ଡିଆ କହିଛନ୍ତି । 'ଇଭିଏମ୍ ସର୍ବଦା ଭାରତୀୟ ଗ୍ରାହକଙ୍କୁ ସଶକ୍ତ କରିବା ପାଇଁ ରହିଆସିଛି। ଏହି ମେଡ୍-ଇନ୍-ଇଣ୍ଡିଆ ଷ୍ଟୋରେଜ୍ ସମାଧାନଗୁଡିକ ହେଉଛି ଭାରତୀୟ ନବସୃଜନ ହାସଲ କରିପାରିବ। ଏକ ଭାରତୀୟ ବ୍ରାଣ୍ଡ ଭାବରେ, ଆମେ ଅନ୍ୟ ଆନ୍ତର୍ଜାତୀୟ ବ୍ରାଣ୍ଡ ପରି ସମାନ ଗୁଣବତା ସହିତ ଭାରତୀୟ ଆବଶ୍ୟକତା ଅନୁଯାୟୀ ଉଚ୍ଚ-ଗୁଣାତ୍ମକ ଷ୍ଟୋରେଜ୍ ସମାଧାନ ଉପସ୍ଥାପନ କରିବାକୁ ଗର୍ବିତ ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଶାଖା ଲୋକାର୍ପିତ



ଭୁବନେଶ୍ୱର (ସବ୍ୟୁ): ନାଲ୍‌କୋ ଅନୁଗୁଳରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖା ଲୋକାର୍ପିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ବିକାଶ କ୍ରାଷ୍ଟା ଓ କେନ୍ଦୁଝରର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ହିମାଦ୍ରୀ ଶେଖର ଦାଶ ଏହି ନୂତନ ଶାଖର ଉଦ୍ଘାଟନ କରିଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବଢୁଥିବା ଖାତାଧାରକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେବା ଉପଲବ୍ଧି କରାଇବା ଲକ୍ଷ୍ୟରେ ଏହି ଶାଖାର ଉଦ୍‌ଘାଟନ କରାଯାଇଛି। ଶାଖା ପ୍ରବନ୍ଧକ ଅନୁପ ରଞ୍ଜନ ବିଶ୍ୱାଳ ବ୍ୟାଙ୍କର ଆଗାମୀ ଦିନରେ ଗ୍ରାହକଙ୍କୁ ବିଭିନ୍ନ ଋଣର ସୁବିଧା ଯୋଗାଇ ଦେବା ସହିତ ସଞ୍ଚୟ ଜମା ଖାତା ଓ ଚଳନ୍ତି ଜମା ଖାତା , ହାତ ପାହାନ୍ତାରେ ଆବଶ୍ୟକୀୟ ସେବାଗୁଡିକୁ ଯୋଗାଇ ଦିଆଯିବାର ଲକ୍ଷ୍ୟ ବ୍ୟାଙ୍କ ଅଫ୍ ଇଣ୍ଡିଆ ରଖୁଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଦୀପକ ମିଶ୍ର ଏବଂ ଅନୁଗୁଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଦେବାଶିଷ ସାହୁ, ଲକ୍ଷ୍ମୀକାନ୍ତ ବେହେରା, ସୌମ୍ୟରଞ୍ଜନ ସାହୁ, ଅନୁଗୁଳ ଶାଖାର ଶାଖା ପ୍ରବନ୍ଧକବାବୁଲା ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ନୂତନ ଶାଖା କାର୍ଯ୍ୟାଳୟରେ ଗ୍ରାହକଙ୍କୁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ କରାଯାଇପାରିବ ବୋଲି ଏହି ଅବସରରେ କ୍ଷେତ୍ର ମହାପ୍ରବନ୍ଧକ ଶ୍ରୀ କ୍ରାଷ୍ଟା କହିଥିଲେ ।

## ଭାରତରେ ପ୍ରଥମ : ତୀର ବିନ୍ଧି ଲକ୍ଷ୍ୟ ଭେଦିଲେ ଦିବ୍ୟାଙ୍ଗ ଯୋଦ୍ଧା

# ତୀର ବିନ୍ଧି ଦୃଷ୍ଟିବାଧିତ ଖେଳାଳି ରଚିଲେ ନୂଆ ଇତିହାସ

ଭୁବନେଶ୍ୱର, (ସବ୍ୟୁ): ଦୁନିଆକୁ ଦେଖିବାରେ ଅକ୍ଷମ ସେମାନଙ୍କ ଅନ୍ଧାର ଆଖି । କିନ୍ତୁ ଶବ୍ଦ ବାରି ସେମାନେ କରିପାରନ୍ତି ଲକ୍ଷ୍ୟ ସ୍ଥଳର ସନ୍ଧାନ । ଏଭଳି ଶବ୍ଦ ଭେଦି ଦକ୍ଷତାର ଚିହ୍ନଟ ଓ ପ୍ରୋତ୍ସାହନ ପାଇଁ ରାଜ୍ୟର ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟ କରୁଥିବା ସାମାଜିକ ସଂଗଠନ ବୁଲ୍‌ସଆଇ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ ଅବସରରେ ଦୃଷ୍ଟିବାଧିତ ଖେଳାଳିଙ୍କ ପାଇଁ ଏକ ନିଆରା ଧନୁତୀର ଚାଳନା ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଐତିହାସିକ ଧଉଳି ପାହାଡ ନିକଟରେ ଥିବା ଧଉଳି ଚାରୁକଳା ମହାବିଦ୍ୟାଳୟ ସଂଲଗ୍ନ କ୍ରାଫ୍ଟ ବଜାର ପଡିଆଠାରେ ଏହି କ୍ରୀଡାକୁ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ଗାୟତ୍ରୀ ଏବଂ ସାମାଜିକକର୍ମୀ ସନ୍ତୋଷୀ ଜୈନ ଉଦ୍‌ଘାଟନ କରିଥିଲେ । ଦେଶରେ ପ୍ରଥମ କରି ଆୟୋଜିତ ଦୃଷ୍ଟିବାଧିତଙ୍କ ଏହି କ୍ରୀଡା ପ୍ରତିଯୋଗୀତାରେ ରାଜ୍ୟର ବାଲେଶ୍ୱର, ମୟୂରଭଞ୍ଜ, ଦେବଗଡ ଓ ସମ୍ବଲପୁର ଆଦି ଜିଲ୍ଲାରୁ ୧୫ ଜଣ ପ୍ରତିଯୋଗୀ ଭାଗନେଇ ନିଜର ଶବ୍ଦଭେଦି ଦକ୍ଷତାର ପ୍ରତିପାଦନ କରି ଏକ ନୂଆ ଇତିହାସ ରଚିଛନ୍ତି । ବୁଲ୍‌ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହନ୍ତି ଦିବ୍ୟାଙ୍ଗମାନେ ଅନେକ ପ୍ରତିଭାର ଅଧିକାରୀ । ସେମାନଙ୍କ



ନିକଟରେ ଲୁକ୍କାୟିତ ହୋଇ ରହିଛି ଅନେକ ସାମର୍ଥ୍ୟ । ସେଗୁଡିକ ଚିହ୍ନଟ କରି ପ୍ରୋତ୍ସାହନ କରିବାର ଲକ୍ଷ୍ୟ ନେଇ ଏଭଳି ଏକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା । ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ଉପଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା, ଅଡ଼ିଟର ସୁବ୍ରତ ମହାନ୍ତି, ଏନ.ସି.ଏସ.ସି.ଡି.ଏର ପୂର୍ବତନ ସହ ନିର୍ଦ୍ଦେଶକ ରାମ କିଶୋର ଶର୍ମା, ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ବିପିନ୍ କୁମାର, ଡ୍ରିମସ୍ ବିଶ୍ୱବିଦ୍ୟାଳୟର ଡ଼ିନ୍ ଡ. ଦୁର୍ଗାପ୍ରସାଦ ମିଶ୍ର, ସାମାଜିକ କର୍ମୀ ସୁଶାନ୍ତ ସାହୁ, ଶ୍ରୀପତି ଆଚାର୍ଯ୍ୟ, ମନୋଜ ପ୍ରଧାନ, ପ୍ରିୟବ୍ରତ ପଣ୍ଡା, ଡ. ରଶ୍ମୀରଞ୍ଜନ ସାହୁ, ସତ୍ୟସାଇ ମହିଳା ମହାବିଦ୍ୟାଳୟର ଦର୍ଶନ ବିଭାଗର ମୁଖ୍ୟ ମୃଣ୍ମୟୀ ରଥ, ପ୍ରଫେସର ରେଣୁବାଳା ପୃଷ୍ଟି ପ୍ରମୁଖ ଅତିଥିମାନେ ନିଜ ବକ୍ତବ୍ୟରେ ଭାରତର ପ୍ରାଚୀନ ପରମ୍ପରାରେ ଯୋଦ୍ଧା ମାନଙ୍କର ଶବ୍ଦଭେଦୀ ଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ । ଏହି ପ୍ରତିଯୋଗିତାରେ ରଞ୍ଜନ ହାଂସଦା ପ୍ରଥମ, ରବିନ୍ଦ୍ର ମୁର୍ମୁ ଦ୍ୱିତୀୟ, ଶରତ ରଞ୍ଜନ ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥି ବୃନ୍ଦ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

## ଶ୍ରୀରାମ ଫାଇନାନ୍ସର ଟୁଗେଦର ୱି ସୋର

ଭୁବନେଶ୍ୱର (ସବ୍ୟୁ): ଶ୍ରୀରାମ ଗ୍ରୁପର ଫ୍ଲାଗସିପ କମ୍ପାନୀ ତଥା ଭାରତର ଅନ୍ୟତମ ଅଗ୍ରଣୀ ଆର୍ଥିକ ସେବା ଯୋଗାଣକାରୀ ଶ୍ରୀରାମ ଫାଇନାନ୍ସ ଲିମିଟେଡ ଟୁଗେଦର ୱି ସୋର ଶୀର୍ଷକରେ ଏକ ପ୍ରେରଣାଦାୟୀ ନୂଆ ବ୍ରାଣ୍ଡ ପ୍ରଚାର ଅଭିଯାନ ଆରମ୍ଭ କରିଛି। ଏହି ପ୍ରଚାର ଅଭିଯାନ ଆକାଂକ୍ଷୀ ଭାରତ ସହିତ ସହଭାଗୀ ହେବାକୁ ଶ୍ରୀରାମ ଫାଇନାନ୍ସର ପ୍ରତିବଦ୍ଧତା ପ୍ରତିଫଳିତ କରୁଛି ଏବଂ ସଂଯୋଗ ଓ ଏକତାର ଶକ୍ତି ସମ୍ପର୍କରେ ଆଲୋକପାତ କରୁଛି। ସମ୍ପ୍ରତି ଅନେକ ଭାରତୀୟ ତେବେ କଣହେଲା? ଭାବନାକୁ ଆପଣାଉଛନ୍ତି, ଯାହା ସଫଳତା ନିମନ୍ତେ ସେମାନଙ୍କ ଯାତ୍ରାରେ ଯେକୌଣସି ଚାଲେଞ୍ଜ ଅତିକ୍ରମ କରିବାକୁ ସେମାନଙ୍କର ଆକାଂକ୍ଷାକୁ ପ୍ରତିଫଳିତ କରୁଛି।

## ବାଂଲାଦେଶୀଙ୍କ ପ୍ରବେଶ ଉପରେ କଟକଣା



ଢାକା : ପ୍ରଥମେ ହସ୍ପିଟାଲ ଆଉ ଏବେ ହୋଟେଲ । ବାଂଲାଦେଶୀଙ୍କ ପାଇଁ ଲାଗିଲା ନୋ-ଏଣ୍ଟ୍ରି ବୋର୍ଡ । ବାଂଲାଦେଶ ନାଗରିକଙ୍କ ଉପରେ ବ୍ୟାନ୍ ଲଗାଇଲେ ତ୍ରିପୁରା ହୋଟେଲ ଏବଂ ରେଷ୍ଟୁରାଣ୍ଟ ମାଲିକ ସଂଘ । ଏଣିକି ଆଉ ବାଂଲାଦେଶୀଙ୍କୁ ହୋଟେଲରେ ମିଳିବନି ରୁମ୍ । ରେଷ୍ଟୁରାଣ୍ଟରେ ସେମାନଙ୍କୁ ଆଉ ପରସା ଯିବନି ଖାଦ୍ୟ । ବାଂଲାଦେଶରେ ହିନ୍ଦୁ ନେତା ଇସ୍କନ ସାଧୁ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରିବା ଏବଂ ସେଠାରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେତୁ ଅଗରତାଲାରେ ହୋଇଥିବା ବିରୋଧ ପରେ ଏହି ନିଷ୍ପତ୍ତି ନିଆଯାଇଛି ।

ତ୍ରିପୁରା ହୋଟେଲ ଏବଂ ରେଷ୍ଟୁରାଣ୍ଟ ମାଲିକ ସଂଘ ଘୋଷଣା କରିଛି ଯେ ବର୍ତ୍ତମାନଠାରୁ ବାଂଲାଦେଶୀ ନାଗରିକଙ୍କୁ ରାଜ୍ୟର କୌଣସି ବି ହୋଟେଲରେ ରହିବାକୁ ଦିଆଯିବ ନାହିଁ ।ବାଂଲାଦେଶୀ ନାଗରିକଙ୍କୁ ବ୍ୟାନ୍ କରାଯାଇଥିବା ନେଇ ହୋଟେଲଗୁଡ଼ିକୁ ସେମାନଙ୍କ ଡେସ୍କରେ ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ସୁରକ୍ଷା ଯାଞ୍ଚକୁ ଅଧିକ କଠୋର କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ହୋଟେଲ ମାଲିକ ସଂଘର ସଚିବ ଭାସ୍କର ଚକ୍ରବର୍ତ୍ତୀ କହିଛନ୍ତି ଯେ ଏହି ନିଷ୍ପତ୍ତିରେ ସମସ୍ତ ହୋଟେଲ ମାଲିକ ଏକଜୁଟ ହୋଇଛନ୍ତି । ବାଂଲାଦେଶୀ ନାଗରିକଙ୍କୁ ରୁମ୍ ଓ ରେଷ୍ଟୁରାଣ୍ଟରେ ପ୍ରବେଶ ଉପରେ ନିଷେଧାଦେଶ ଜାରି କରିବା ନିଷ୍ପତ୍ତି ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି । ନିକଟରେ ପଡୋଶୀ ଦେଶରେ ଭାରତୀୟ ପତାକାକୁ ଅପମାନିତ କରିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଥିଲା । ଏହାକୁ ବିରୋଧ କରି ତ୍ରିପୁରାର ଡାକ୍ତରଖାନାଗୁଡିକ ବାଂଲାଦେଶୀ ନାଗରିକଙ୍କ ଚିକିତ୍ସା କରିବାକୁ ମନା କରିଦେଇଥିଲେ । ବାଂଲଦେଶରୁ ଆସିଥିବା ରୋଗୀଙ୍କୁ ଉପରେ ବ୍ୟାନ୍ ଲଗାଇଥିଲେ । ବର୍ତ୍ତମାନ ରାଜ୍ୟର ହୋଟେଲ ଏବଂ ରେଷ୍ଟୁରାଣ୍ଟ ମାଲିକ ସଂଘ ମଧ୍ୟ ଏହି ବୟକଟ୍ ଆନ୍ଦୋଳନରେ ଯୋଗ ଦେଇଛନ୍ତି ।

### ଭାରତ-ଚାଇନା ସମ୍ପର୍କ

## ଲୋକସଭାରେ ବୟାନ ଦେଲେ ବୈଦେଶିକ ମନ୍ତ୍ରୀ

ଭାରତ-ଚାଇନା ସମ୍ପର୍କକୁ ନେଇ ଲୋକସଭାରେ ବିବୃତି ରଖିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର । ଏଲଏସିରେ ଦୀର୍ଘ ଦିନ ଧରି ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ଚାଲିଥିବା ବେଳେ ନିକଟରେ ଦୁଇଟି ପଏଣ୍ଟରେ ସେନା ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି ।

ସେହିପରି ଦୁଇ ଦେଶ ପରସ୍ପର ସହ ଆଲୋଚନା କରି ବିବାଦୀୟ ସ୍ଥଳରେ ପ୍ୟାଟ୍ରୋଲିଂ ମଧ୍ୟ କରୁଛନ୍ତି ।ଏସବୁ ଭିତରେ ପ୍ରଥମଥର ପାଇଁ ଶୀତ ଅଧିବେଶନରେ ଭାରତ-ଚାଇନା ସମ୍ପର୍କକୁ ନେଇ ଲୋକସଭାରେ ବିବୃତି ରଖିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର । ଚାଇନା ସହ ନିରପେକ୍ଷ ଓ ଉଭୟ ଦେଶକୁ ଗ୍ରହଣୀୟ ହେଉଥିବା ଭଳି ପଦକ୍ଷେପ ନେବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ଜୟଶଙ୍କର ଗୃହକୁ ଅବଗତ କରାଇଛନ୍ତି ।ସେ କହିଛନ୍ତି, ନିୟମିତ କୂଟନୀତିକ ଆଲୋଚନା ଯୋଗୁ ଭାରତ-ଚାଇନା ସମ୍ପର୍କ ଉନ୍ନତି ଦିଗରରେ ଗତି କରୁଥିବା ନିକଟରେ ସୀମାରେ ନିଆଯାଇଥିବା ପଦକ୍ଷେପରୁ ସ୍ପଷ୍ଟ ହୋଇଛି । ବୈଦେଶିକ ମନ୍ତ୍ରୀଙ୍କ କହିବା କଥା ଯେ ୨୦୨୦ ପରଠାରୁ ଭାରତ-ଚାଇନା ସମ୍ପର୍କ ସ୍ୱାଭାବିକ ନଥିଲା । ସୀମାରେ ଥିବା ଶାନ୍ତି ଓ ସ୍ଥିରତା ଚାଇନା ନେଇଥିବା ପଦକ୍ଷେପ ଯୋଗୁ ବିଗିଡ଼ି ଯାଇଥିଲା । ଶାନ୍ତି ଓ ସ୍ଥିରତା ଉପରେ ହିଁ ଭାରତ-ଚାଇନାର ସମ୍ପର୍କ ସେର୍ତ ନିର୍ଭର



କରୁଛି ।ଆମ ସମ୍ପର୍କ ଅନେକ କ୍ଷେତ୍ରରେ ଆଗକୁ ଯାଇଛି । କିନ୍ତୁ ନିକଟରେ ଘଟିଥିବା ଘଟଣା ନିଶ୍ଚିତ ଭାବେ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା । ଆମେ ସ୍ପଷ୍ଟ ଭାବେ କହି ସାରିଛୁ ଯେ ସୀମାରେ ଶାନ୍ତି ଓ ସ୍ଥିରତା ହିଁ ଦୁଇ ଦେଶର ସମ୍ପର୍କର ଭାଗ୍ୟ ନିର୍ଦ୍ଧାରଣ କରିବ । ଆଗାମୀ ଦିନରେ ଆମେ ସୀମାନ୍ତ ଅଞ୍ଚଳରେ ଉଭୟ ସେନା ପ୍ରତ୍ୟାହାର ଓ ପ୍ରଭାବୀ ବ୍ୟବସ୍ଥିତ କାର୍ଯ୍ୟକଳାପ ଉପରେ ମଧ୍ୟ ଆଲୋଚନା କରିବୁ । ଡିସଏନଗେଜମେଣ୍ଟ ପ୍ରକ୍ରିୟା ଶେଷ ହୋଇଥିବାରୁ ଆମେ ଏବେ ଆମର ଜାତୀୟ ସୁରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ଦେଇ ଅନ୍ୟ ଦିଗ ଗୁଡ଼ିକ ଉପରେ ଆଲୋଚନା କରିବାକୁ ସୁଯୋଗ ପାଇଛୁ । ଲଜିଷ୍ଟିକ ସମସ୍ୟା ଓ କୋଭିଡ ସତ୍ତ୍ୱେ ଆମ ସୁରକ୍ଷାକର୍ମୀମାନେ ଚାଇନିଜ ଟ୍ରୁପ୍ସକୁ ଦୀର୍ଘ ଦିନ ଯାଏ ମୁକାବିଲା କରିଥିଲେ । ତେଣୁ ଏବେ କାର ପରିସ୍ଥିତି ପାଇଁ ସବୁ ଶ୍ରେୟ ଆମ ସୁରକ୍ଷାକର୍ମୀଙ୍କ ପାଖକୁ ଯାଉଛି ବୋଲି ଜୟଶଙ୍କର କହିଛନ୍ତି ।

## ବାଂଲାରେ ଓକିଲଙ୍କୁ ମରଣାନ୍ତକ ଆକ୍ରମଣ

ଢାକା : ବାଂଲାଦେଶରେ ଗିରଫ ହୋଇଥିବା ହିନ୍ଦୁ ସାଧୁ ତଥା ଇସ୍କନର ଜଣେ ସଦସ୍ୟ ଚିନ୍ମୟ କୃଷ୍ଣ ଦାସ ପ୍ରଭୁଙ୍କ ଓକିଲଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏନେଇ ଇସ୍କନ ଇଣ୍ଡିଆ ପକ୍ଷରୁ ଅଭିଯୋଗ କରାଯାଇଛି ।ଓକିଲଙ୍କୁ ଇସଲାମବାଦୀମାନେ ତାଙ୍କ ଘରେ ପଶି ଅତି ନିର୍ମମ ଭାବେ ଆକ୍ରମଣ କରିଥିବା ଇସ୍କନ ଇଣ୍ଡିଆ ଦାବି କରିଛ । ଇସ୍କନ ଇଣ୍ଡିଆ ସୋଶାଲ ମିଡିଆ ପୋଷ୍ଟରେ କହିଛି ଯେ ଏହି ଆକ୍ରମଣ ପରେ ଓକିଲ ଜଣକ ଜୀବନ-ମରଣ ସହ ସଂଗ୍ରାମ କରୁଛନ୍ତି । ଦେଶଦ୍ରୋହ ଅଭିଯୋଗରେ ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫଦାରୀକୁ ନେଇ ଚାଲିଥିବା ହିଂସା ମଧ୍ୟରେ ଏପରି ଘଟଣା ଘଟିଛି ।

ଇସ୍କନ ଇଣ୍ଡିଆର ଉପସଭାପତି ତଥା ମୁଖପାତ୍ର ରାଧାରମଣ ଦାସ ଆକ୍ରମଣର ଶିକାର ହୋଇଥିବା ଓକିଲଙ୍କ ଫଟୋ ପୋଷ୍ଟ କରି ତାଙ୍କ ଆଶୁ ଆରୋଗ୍ୟ ପାଇଁ କାମନା କରିଛନ୍ତି । ସେ କହିଛନ୍ତି ଓକିଲ ରମେନ ରୟଙ୍କ ପାଇଁ ପ୍ରାର୍ଥନା କରନ୍ତୁ । ତାଙ୍କର ଏକମାତ୍ର ଦୋଷ ହେଉଛି, ସେ ଚିନ୍ମୟ କୃଷ୍ଣ ପ୍ରଭୁଙ୍କ ମକଦ୍ଦମା ଲଢୁଥିଲେ । ଇସଲାମବାଦୀମାନେ ତାଙ୍କୁ ଘରେ ପଶି ଆକ୍ରମଣ କରିଛନ୍ତି, ସେ ବର୍ତ୍ତମାନ ଆଇସିୟୁରେ ଜୀବନ-ମରଣ ସହ ଲଢ଼େଇ କରୁଛନ୍ତି ।

## ରାଜି ହେଲେ ସିନ୍ଦେ, ସମ୍ଭାଳିବେ ଉପମୁଖ୍ୟମନ୍ତ୍ରୀ ପଦ !

ମୁମ୍ବାଇ: ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ପୁଣି ମୁଖ୍ୟମନ୍ତ୍ରୀ ହେବାକୁ ଗୋଡ଼ ଟେକି ବସିଥିବା ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ଶେଷରେ ମୁଣ୍ଡ ନୁଆଁଇଛନ୍ତି । ରେଜଲ୍ଟ ବାହାରିବାକୁ ୧୧ ଦିନ ବିତି ଯାଇଥିଲେ ହେଁ ସଂଖ୍ୟା ଥାଇ ମଧ୍ୟ ମହାୟୁତି(ବିଜେପି-ଶିବସେନା ଓ ଏନସିପି) ସରକାର ଗଠନ କରିପାରୁନାହାନ୍ତି । ମୁଖ୍ୟମନ୍ତ୍ରୀ ପଦର ଅଙ୍କ ଛିଡୁ ନଥିବାରୁ ଶପଥ ପାଠ ଉତ୍ସବ ହୋଇପାରୁନି । କିଏ ମୁଖ୍ୟମନ୍ତ୍ରୀ ହେବେ ତାକୁ ନେଇ ସସପେନ୍ସ ଜାରି ରହିଥିବା ବେଳେ କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ସିନ୍ଦେ ଲୁଚକାଳି ଖେଳ ଜାରି ରଖିଥିଲେ । ସିନ୍ଦେଙ୍କ



ଆଭିମୁଖ୍ୟ ଏବେ ବଦଳିଛି । ସେ ମହାୟୁତି ସରକାରରେ ସାମିଲ ହେବାକୁ ଏକପ୍ରକାରର ବିକଳ ହୋଇ ଉଠିଛନ୍ତ । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀରୁ ଏଥର ଉପ ମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇଥିବା ଜଣାପଡ଼ିଛି ।

ସିନ୍ଦେ ଉପ ମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇଥିବାରୁ ଆସନ୍ତା ଗୁରୁବାର ମହାରାଷ୍ଟ୍ରରେ ମହାୟୁତି ସରକାର ଶପଥ ଗ୍ରହଣ କରିବେ । ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଜଣ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଏହାପରେ ମନ୍ତ୍ରିମଣ୍ଡଳ ଗଠନ କରାଯିବ ବୋଲି ଜଣାପଡ଼ିଛି । ସୂତ୍ର ଅନୁସାରେ, ବିଜେପିର ଦେବେନ୍ଦ୍ର ଫଡନାଭିସ ପୁଣିଥରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦକୁ ଫେରିବେ । ସେ ବିଦାୟୀ ମହାୟୁତି ସରକାରରେ ଏକନାଥ ସିନ୍ଦେଙ୍କ ଡେପୁଟି ଭାବେ କାମ କରୁଥିଲେ । ଫଡନାଭିସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଥିବା ବେଳେ ସିନ୍ଦେ ଓ ଏନସିପିର ଅଜିତ ପାୱାର ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଶପଥ ପାଠ ଉତ୍ସବ ପରେ ମହାୟୁତିରେ ଥିବା ଦଳ ଗୁଡ଼ିକ ମନ୍ତ୍ରୀ ପଦ ଆବଣ୍ଟନ କରିବେ । ବିଜେପି ରାଜ୍ୟରେ ସର୍ବାଧିକ ଆସନ ଜିତି ଥିବାରୁ ନିଜ ପାଖରେ ୨୧ରୁ ୨୨ଟି ମନ୍ତ୍ରୀ ପଦ ରଖିବ । ବିଧାନସଭାର ବାଚସ୍ପତି ଓ ବିଧାନ ପରିଷଦର ଅଧ୍ୟକ୍ଷ ମଧ୍ୟ ବିଜେପି ବିଧାୟକ ହେବେ । ଏକନାଥ ସିନ୍ଦେଙ୍କ ଶିବସେନା ୧୬ଟି ମନ୍ତ୍ରୀ ପଦ ପାଇଁ ଦାବି କରିଥିଲା । କିନ୍ତୁ ଦଳକୁ କେବଳ ୧୨ଟି ବିଭାଗ ମିଳିବ । ଦଳ ବିଧାନ ପରିଷଦର ଅଧ୍ୟକ୍ଷ ପଦ ପାଇଁ ମଧ୍ୟ ଚାପ ପକାଉଛି । ହେଲେ ବିଜେପି ଏହାକୁ ଛାଡ଼ିବାକୁ ନାରାଜ ।

## ମହାରାଷ୍ଟ୍ରରେ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ ୪୦୦ ସାଧୁସନ୍ଥ

ମୁମ୍ବାଇ: ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ଏବେ ସରକାର ଗଠନ ପାଇଁ ପ୍ରସ୍ତୁତି ଚାଲିଛିଛ ମୁଖ୍ୟମନ୍ତ୍ରୀ କିଏ ହେବ ସେ ନେଇ ଆନୁଷ୍ଠାନିକ ଘୋଷଣା ହୋଇନଥିଲେ ବି ଏକ ଭବ୍ୟ ଶପଥଗ୍ରହଣ ସମାରୋହ ଆୟୋଜନ ପାଇଁ ପ୍ରସ୍ତୁତି ଚାଲିଛି । ଆସନ୍ତା ଡିସେମ୍ବର ୫ ତାରିଖରେ ମୁମ୍ବାଇର ଆଜାଦ ପାର୍କରେ ନୂଆ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ନୂଆ ସରକାରଙ୍କ ଶପଥ ଗ୍ରହଣ ସମାରୋହରେ ମୋଟ ୭୦ରୁ ଅଧିକ ଭିଭିଆଇପି ନେତା ଯୋଗଦେବେ । ଏହି ସମାରୋହ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ରାଜପଥ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ନିମନ୍ତ୍ରଣ କରାଯାଇଛି ।ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନୂଆ ସରକାରର ଶପଥ ଗ୍ରହଣ ସମାରୋହରେ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି । ଏହି ଶପଥ ଗ୍ରହଣ ସମାରୋହର ବିଶେଷତ୍ୱ ହେଉଛି ସାରା ଦେଶରୁ ୪୦୦ ସାଧୁସନ୍ଥଙ୍କୁ ନିମନ୍ତ୍ରଣ ପଠାଯାଇଛି । ଏହାବ୍ୟତୀତ ବିଭିନ୍ନ ସୋସାଇଟିର ପ୍ରତିନିଧିଙ୍କୁ ମଧ୍ୟ ନିମନ୍ତ୍ରଣ ପଠାଯାଇଛି । ମହାରାଷ୍ଟ୍ରରେ ଥିବା ସମସ୍ତ କନସୁଲେଟକୁ ମଧ୍ୟ ନିମନ୍ତ୍ରଣ ପଠାଯାଇଛି ।

## ହମାସକୁ ଟ୍ରମ୍ପଙ୍କ ଧମକ, ବନ୍ଧକଙ୍କୁ ତୁରନ୍ତ ମୁକ୍ତ କର

ୱାଶିଂଟନ : ଶପଥ ପୂର୍ବରୁ ନାଲି ଆଖି ଦେଖାଇଛନ୍ତି ଟ୍ରମ୍ପ । ଆତଙ୍କବାଦୀ ସଙ୍ଗଠନ ହମାସକୁ ଦେଇଛନ୍ତି ଖୋଲା ଧମକ । ୨୦ ଜାନୁଆରୀ ୨୦୨୫ ଶପଥ ସମାରୋହ ପୂର୍ବରୁ ଇସ୍ରାଏଲ ବନ୍ଧକଙ୍କୁ ମୁକ୍ତ କରିବାକୁ ସେ ଚେତାବନୀ ଦେଇଛନ୍ତି । ଯଦି ଏଭଳି ହମାସ୍ ନକରେ ତେବେ ସ୍ଥିତି ଭୟାବହ ହେବ । ମଧ୍ୟପ୍ରାଚ୍ୟରେ ବିନାଶ ଆରମ୍ଭ ହେବ । ମହାଯୁଦ୍ଧ ଦେଖିବ ବିଶ୍ୱ ବୋଲି ସେ ଧମକ ଦେଇଛନ୍ତି । ପ୍ରକୃତରେ ଆସନ୍ତା ବର୍ଷ ଜାନୁଆରୀ ୨୦ ତାରିଖରେ ଆମେରିକାର ନୂଆ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ ଡୋନାଲ୍ଡ ଟ୍ରମ୍ପ ।ତେବେ ଏହା ପୂର୍ବରୁ ସେ ଇସ୍ରାଏଲ ବନ୍ଧକଙ୍କୁ ମୁକ୍ତ କରିବା ପାଇଁ ପାଲେଷ୍ଟାଇନ୍ ସମୂହ ହମାସକୁ ଅଲ୍ଟିମେଟମ୍ ଦେଇଛନ୍ତି ।ସୋଶାଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟ ସେୟାର କରି ଟ୍ରମ୍ପ କହିଛନ୍ତି, ଯେଉଁମାନେ ମାନବିକତା ବିରୁଦ୍ଧରେ ଅତ୍ୟାଚାର କରିଛନ୍ତି ସେମାନଙ୍କୁ ବଡ଼ ମୂଲ୍ୟ ଦେବାକୁ ପଡିବ । ହମାସ ଦ୍ୱାରା ଇସ୍ରାଏଲର ନାଗରିକମାନଙ୍କୁ ବନ୍ଧକ ରଖିବାକୁ ହିଂସାତ୍ମକ ତଥା ଅମାନବୀୟ ବୋଲି ଟ୍ରମ୍ପ ବର୍ଣ୍ଣନା କରିଛନ୍ତି ।

ସେ କହିଛନ୍ତି ଯେ ଯଦି ଇସ୍ରାଏଲ ବନ୍ଧକଙ୍କୁ ହମାସ ମୁକ୍ତ ନକରେ ତେବେ ଆମେରିକୀୟ ସେନାର



ଏୟରଷ୍ଟ୍ରାଇକରେ ଥରି ଉଠିବ ମିଡିଲ-ଇଷ୍ଟ । ବୋମା ବର୍ଷା କରି ଛାରଖାର କରିଦିଆଯିବ । ବନ୍ଧକଙ୍କୁ ସମୟ ପୂର୍ବରୁ ମୁକ୍ତ କରାନଗଲେ ସେମାନଙ୍କୁ ଆମେରିକା ଇତିହାସରେ କଠୋର ଦଣ୍ଡ ଦିଆଯିବ ବୋଲି କହିଛନ୍ତି ଡୋନାଲ୍ଡ ଟ୍ରମ୍ପ । ସେପଟେ ହମାସ ମଧ୍ୟ କିଛି ସର୍ତ୍ତ ରଖିଛି, ବନ୍ଧକଙ୍କୁ ମୁକ୍ତ ବଦଳରେ ଯୁଦ୍ଧ ବନ୍ଦ କରିବା ଏବଂ ଗାଜାରୁ ସମ୍ପୂର୍ଣ୍ଣ ଭାବେ ଇସ୍ରାଏଲ ସେନା ଚାଲିଯିବାକୁ ଦାବି କରିଛି ଆତଙ୍କୀ ସଂଗଠନ । ଇସ୍ରାଏଲ ପ୍ରଧାନମନ୍ତ୍ର ବେଞ୍ଜାମିନ୍ ନେତାନ୍ୟାହୁ ଜବାବ ଦେଇ କହିଛନ୍ତି, ହମାସ ସମ୍ପୂର୍ଣ୍ଣ ଭାବେ ଅନ୍ତ ନହେବା ଯାଏ ଏ ଯୁଦ୍ଧ ଜାରି ରହିବ ।

ସୂଚନା ଅନୁଯାୟୀ, ଗତବର୍ଷ ଅକ୍ଟୋବର ୭ ତାରିଖରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲେ । ଏଥିରେ ୧୨୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଏହା ସହିତ ସୀମାବର୍ତ୍ତୀ ଅଞ୍ଚଳରୁ ପ୍ରାୟ୨୫୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇ ବନ୍ଧକ ରଖାଯାଇଥିଲା । ଯେଉଁଥିରେ ଇସ୍ରାଏଲ-ଆମେରିକା ନାଗରିକ ଅଛନ୍ତିଛ ଏମାନଙ୍କ ମଧ୍ୟରୁ ପ୍ରାୟ ୧୦୦ ଜଣ ଏବେବି ବନ୍ଦୀ ଅବସ୍ଥାରେ ଅଛନ୍ତି ଏବଂ ଅନେକଙ୍କୁ ହତ୍ୟା କରାଯାଇଥିବା ଆଶଙ୍କା କରାଯାଉଛି ।

## ଆଖି ବୁଜିଲେ ୫ ଡାକ୍ତରୀ ଛାତ୍ର



ଥିରୁବନ୍ତପୁରମ : ସୋମବାର ବିଳମ୍ବିତ ରାତିରେ କେରଳର ଅଲପ୍ପୁଝା ସ୍ଥିତ କଲାରକୋଡରେ ଏକ କାର୍ ଓ ଯାତ୍ରୀବାହୀ ବସ୍ ମଧ୍ୟରେ ଭୟଙ୍କର ଧକ୍କା ହୋଇଥିଲା । ଏହି ଧକ୍କା ଏତେ ଭୟଙ୍କର ଥିଲା ଯେ, କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । କାରରେ ଥିବା ୫ ଜଣ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଛାତ୍ର ଗୁରୁତର ରୂପେ ଆହତ ହୋଇଛନ୍ତ ।

ସୂଚନା ମୁତାବକ, ଯେଉଁ ସମୟରେ ଏହି ଦୁର୍ଘଟଣା ଘଟିଥିଲା ସେହି ସମୟରେ ଏକ ଘଣ୍ଟା ଧରି ପ୍ରବଳ ବର୍ଷା ଜାରି ରହିଥିଲା । ଏହି ସମୟରେ ବସଟି ଦ୍ରୁତ ଗତିରେ ଆସି କାର୍ ସହ ଧକ୍କା ହୋଇଥିଲା । ଦୁର୍ଘଟଣାରେ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ମୃତକଙ୍କୁ ବାହାର କରିବା ପାଇଁ କାର୍କୁ କଟରରେ କାଟିବାକୁ ପଡ଼ିଛି । ମୃତକ ଅଲାପ୍ପୁଝାର ଟିଡି ମେଡିକାଲ କଲେଜର ଛାତ୍ର ଥିଲେ । ଏମାନେ ଏମ୍ବିବିଏସ୍ ପ୍ରଥମ ବର୍ଷରେ ପାଠ ପଢୁଥିଲେ ।ଏହି ଦୁର୍ଘଟଣାରେ ବସରେ ଥିବା କିଛି ଯାତ୍ରୀମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି ।

## ଭାରତୀୟ ଉଚ୍ଚାୟୁକ୍ତଙ୍କୁ ବାଂଲାଦେଶର ସମନ

ନୂଆଦିଲ୍ଲୀ: ତ୍ରିପୁରାରର ରାଜଧାନୀ ଅଗରତାଲାରେ ଥିବା ବାଂଲାଦେଶର ସହକାରୀ ଉଚ୍ଚାୟୁକ୍ତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ସୁରକ୍ଷା ବ୍ୟାରିକେଡ୍ ଭଙ୍ଗାଯିବାକୁ ନେଇ ବାଂଲାଦେଶ ସରକାର ଢାକାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ତଲବ କରି ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଏହି ଅବସରରେ ବର୍ମା କହିଥିଲେ ଯେ ଭାରତ ଓ ବାଂଲାଦେଶ ମଧ୍ୟରେ ବ୍ୟାପକ ଓ ବହୁମୁଖୀ ସମ୍ପର୍କ ରହିଛି । ଗୋଟିଏ ପ୍ରସଙ୍ଗକୁ ନେଇ ଏହାକୁ ସୀମିତ କରାଯାଇପାରିବ ନାହିଁ ।

ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେହେଉଥିବା ଆକ୍ରମଣ ଓ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରିବା ପ୍ରତିବାଦରେ ବାଂଲାଦେଶରେ ଗତ ସପ୍ତାହରେ ଏକ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଏହି ବିକ୍ଷୋଭ ସମୟରେ ଉତ୍ତ୍ୟକ୍ତ ଜନତା ବାଂଲାଦେଶର ସହକାରୀ ଉଚ୍ଚାୟୁକ୍ତ ଅଫିସର ସୁରକ୍ଷା ବ୍ୟାରିକେଡ୍ ଭାଙ୍ଗିଦେଇଥିଲେ । ଏହି ଘଟଣାକୁ ନେଇ ବାଂଲାଦେଶ



ଅସନ୍ତୋଷ ପ୍ରକାଶ କରିଛି । ମଙ୍ଗଳବାର ବାଂଲା ସରକାରଙ୍କ ଆଇନ ପରାମର୍ଶଦାତା ଆସିଫ ନଜରୁଲ କହିଛନ୍ତି ଯେ ଅଗରତାଲା ଘଟଣା ଭାରତ ସରକାରଙ୍କ ବିଫଳତା ।

ଭାରତ ସରକାରଙ୍କୁ ଚିନ୍ତା କରିବା ଉଚିତ ଯେ ଏହା ଶେଖ ହସିନାଙ୍କ ବାଂଲାଦେଶ ନୁହେଁ । ଭାରତୀୟ ରାଷ୍ଟ୍ରଦୂତଙ୍କ ଗସ୍ତ ସମ୍ପର୍କରେ ବୈଦେଶିକ ବ୍ୟାପାର ପରାମର୍ଶଦାତା ତୌହିଦ ହୁସେନ୍ ଗଣମାଧ୍ୟମକୁ କହିଛନ୍ତି, ତାଙ୍କୁ (ବର୍ମା)ଙ୍କୁ ଆସିବାକୁ କୁହାଯାଇଛି ।

ବିଏସ୍ଏସ୍ କହିଛି ଯେ କାର୍ଯ୍ୟକାରୀ ବୈଦେଶିକ ସଚିବ ରିଆଜ୍ ହମିଦୁଲ୍ଲା ଭାରତୀୟ ହାଇକମିସନରଙ୍କୁ ଡକାଇଥିଲେ ।

## କର୍କଟ ରୋଗର ଚିହ୍ନଟ କରିବ ‘କ୍ୟାନସର ସ୍ପଟ୍’

ବେଙ୍ଗାଲୁରୁ: କର୍କଟ ରୋଗର ଶୀଘ୍ର ଚିହ୍ନଟ ପାଇଁ ଏକ ନୂଆ ରକ୍ତ ଆଧାରିତ ପରୀକ୍ଷା ଆରମ୍ଭ ହୋଇଛି । କ୍ୟାନସର ସ୍ପଟ୍ ନାମକ ଏହି ପରୀକ୍ଷଣରେ କର୍କଟ ଟ୍ୟୁମର ଡିଏନଏ ଚିହ୍ନଟ କରିବା ପାଇଁ ବିଶ୍ୱ ସ୍ତରରେ ସ୍ୱୀକୃତ ମିଥାଇଲେସନ୍ ପ୍ରୋଫାଇଲ୍ ଜ୍ଞାନକୌଶଳ ବ୍ୟବହାର କରାଯିବ । ଷ୍ଟ୍ରାଣ୍ଡ ଲାଇଫ ସାଇନ୍ସ ପକ୍ଷରୁ ଏହି ପରୀକ୍ଷା କରାଯାଉଛି । କ୍ୟାନସର ସ୍ପଟ୍ ହେଉଛି ଏକ ରକ୍ତ ଭିତ୍ତିକ ପରୀକ୍ଷା । ରକ୍ତରେ କର୍କଟ ଡିଏନଏ ମିଥାଇଲେସନ୍ ସିଗନେଚର ଚିହ୍ନଟ କରିବା ପାଇଁ ଏହା ଜେନୋମ୍ ସିକ୍ୱେନସିଂ ଏବଂ ଏକ ବିଶେଷ ବିଶ୍ଳେଷଣ ପ୍ରକ୍ରିୟା ବ୍ୟବହାର କରିଥାଏ । ଏହି ପରୀକ୍ଷା ନିୟମିତ କର୍କଟ ସ୍କ୍ରିନିଂର ଏକ ସରଳ ଏବଂ ସୁବିଧାଜନକ ବିକଳ୍ପ । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ବୋର୍ଡ ସଦସ୍ୟା ଇଶା ଅମ୍ବାନୀ ପିରାମଲ



କହିଛନ୍ତି, ରିଲାଏନ୍ସ ମାନବତାର ସେବା ଏବଂ ଚିକିତ୍ସାର ଭବିଷ୍ୟତକୁ ଏକ ନୂତନ ଆକାର ଦେବା ପାଇଁ ପ୍ରତିବଦ୍ଧ ରହିଛ । କର୍କଟ ରୋଗ ଭାରତରେ ମୃତ୍ୟୁର ଏକ ପ୍ରମୁଖ କାରଣ ଭାବେ ଉଭା ହେଉଛି । ଏହା ରୋଗୀ, ସେମାନଙ୍କ ପରିବାର ଏବଂ ସମୁଦାୟ ପ୍ରତି ବଡ଼ ବିତ୍ତୀୟ, ସାମାଜିକ ଓ ମନୋବୈଜ୍ଞାନିକ ବୋଝ ହୋଇଥାଏ । ଷ୍ଟ୍ରାଣ୍ଡର ନୂତନ କର୍କଟ ଚିହ୍ନଟ ପରୀକ୍ଷା ହେଉଛି ଏକ ଉତ୍ତମ ସ୍ୱାସ୍ଥ୍ୟସେବା ସମାଧାନ । ବେଙ୍ଗାଲୁରୁରେ ଷ୍ଟ୍ରାଣ୍ଡର ନୂତନ ଅତ୍ୟାଧୁନିକ ଜେନୋମିକ୍ସ ଡାଇଗ୍ନୋଷ୍ଟିକ୍ସ ଏବଂ ରିସର୍ଚ୍ଚ ସେଣ୍ଟରର ଉଦଘାଟନ ଅବସରରେ ଷ୍ଟ୍ରାଣ୍ଡ ଲାଇଫ ସାଇନ୍ସର ସିଇଓ ତଥା ସହ-ପ୍ରତିଷ୍ଠାତା ଡକ୍ଟର ରମେଶ ହରିହରନ୍ କହିଛନ୍ତି, କର୍କଟ ରୋଗର ମୁକାବିଲା ତଥା ଏହା ଉପରେ ବିଜୟ ହାସଲ କରିବା ପାଇଁ ସଠିକ ସମୟରେ ପ୍ରାରମ୍ଭିକ ଚେତାବନୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୨୪ ବର୍ଷର ଇତିହାସରେ ଷ୍ଟ୍ରାଣ୍ଡ ଜେନୋମିକ୍ସ କ୍ଷେତ୍ରରେ ଅଗ୍ରଣୀ ରହିଆସିଛି । ଏହା ଭାରତ ପାଇଁ ଆଉ ଏକ ବଡ଼ ସଫଳତା, ଯାହା ବହୁ ବର୍ଷର ଗବେଷଣା, ଅଧ୍ୟୟନ ଓ ଅନୁସନ୍ଧାନର ପରିଣାମ । ଜେନୋମିକ୍ସ ଡାଇଗ୍ନୋଷ୍ଟିକ୍ ଏବଂ ରିସର୍ଚ୍ଚ ସେଣ୍ଟରର ଉଦଘାଟନ ଜେନୋମିକ୍ସ ଏବଂ ବାୟୋଫିଜିକାଲ୍ କେମିଷ୍ଟ୍ରି (ରସାୟନ ବିଜ୍ଞାନ) ର ବିଶେଷଜ୍ଞ ଡକ୍ଟର ଚାର୍ଲ୍ସ କେଣ୍ଟରଙ୍କ ଦ୍ୱାରା ହୋଇଥିଲା ।

## ଆତଙ୍କବାଦୀଙ୍କ ମୁଣ୍ଡ ଗଡ଼ିଲା

ଶ୍ରୀନଗର : ଜମ୍ମୁ-କଶ୍ମୀରର ଗାଣ୍ଡେରବାଲରେ ଥିବା ଗୋଟିଏ ଘରୋଇ କମ୍ପାନୀର ହାଉସିଂ କ୍ୟାମ୍ପରେ ୬ ଜଣ ଶ୍ରମିକ ଓ ଜଣେ ଡାକ୍ତରଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏଥିରେ ସାମିଲ ଥିବା ଆତଙ୍କବାଦୀ ଆଜି ସୁରକ୍ଷାକର୍ମୀଙ୍କ ପକ୍ଷରୁ ହୋଇଥିବା ଏନକାଉଣ୍ଟରେ ପ୍ରାଣ ହରାଇଛି ।ନିହତ ଆତଙ୍କବାଦୀ ଜୁନେଦ ଅହମଦ ଭଟ ପାକିସ୍ତାନରେ ସକ୍ରିୟ ଲସ୍କର-ଇ-ତାଏବା ଆତଙ୍କବାଦୀ ସଂଗଠନର ସଦସ୍ୟ ଭାବେ କାମ କରୁଥିଲା । ସେ ଗଗନଗିର ଓ ଉପତ୍ୟକାର ଅନ୍ୟ ସ୍ଥାନରେ ହୋଇଥିବା ଆତଙ୍କବାଦୀ ହମଲାରେ ମଧ୍ୟ ସାମିଲ ଥିଲାଛଜଣେ ପୁଲିସ ଅଧିକାରୀ କହିଛନ୍ତି, ଡାଚିଗାମ ଜଙ୍ଗଲ ନିକଟରେ ଆତଙ୍କବାଦୀମାନଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଅପରେସନ ଆରମ୍ଭ ହୋଇଥିଲା ।

ସେଠାରେ କର୍ଡନ ଓ ସର୍ଚ୍ଚ ଅପରେସନ ସହ ଏନକାଉଣ୍ଟର ହୋଇଥିଲା । ଏତିକି ବେଳେ ଲସ୍କର ଆତଙ୍କବାଦୀ ଜୁନେଦ ଅହମଦ ଭଟ ନିହତ ହୋଇଛି । ସେ ଏ ବର୍ଗର ଆତଙ୍କବାଦୀ ଥିଲା । ଗଗନଗିର,



ଗାଣ୍ଡେରବାଲ ଓ ଅନ୍ୟ ସ୍ଥାନରେ ହୋଇଥିବା ନିରୀହ ଲୋକଙ୍କ ହତ୍ୟାକାଣ୍ଡରେ ସେ ସାମିଲ ଥିଲା । ଭଟ ଲସ୍କରର ସଦସ୍ୟ ହୋଇଥିବା ବେଳେ ତା’ ଘର କୁଲଗାମରେ । ସେ ଗୋଟିଏ ବର୍ଷ ହେଲା କେଉଁ ଆଡ଼େ ଚାଲି ଯାଇଥିଲା । କିନ୍ତୁ ଗାଣ୍ଡେରବାଲରେ ହୋଇଥିବା ଆତଙ୍କବାଦୀ ହମଲା ବେଳେ ସିସିଟିଭିରୁ ସେ ଏକେ ୪୭ ରାଇଫଲ ଧରି ବୁଲୁଥିବା ଦେଖିବାକୁ ମିଳିଥିଲା ।

# ୨୨ରେ ସିନ୍ଧୁଙ୍କ ବାହାଘର



ହାଇଦ୍ରାବାଦ, ୩।୧୨ (ଏଜେନ୍ସି): ବଧୂ ସାଜିବେ ଭାରତର ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ । ଆସନ୍ତା ୨୨ ତାରିଖରେ ତାଙ୍କର ବିବାହ ଉତ୍ସବ ସମ୍ପନ୍ନ ହେବ । ରାଜସ୍ଥାନର ଉଦୟପୁରରେ ଏହି ବ୍ୟାଡ୍‌ମିଣ୍ଟନ ତାରକା ବିବାହ କରିବାକୁ ଯାଉଛନ୍ତି । ପୋସିଡେକ୍ସ ଟେକ୍‌ନୋଲୋଜିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ରହିଥିବା ଭେଙ୍କଟ ଦତ୍ତ ସାଇଙ୍କୁ ୨୯ ବର୍ଷିୟା ସିନ୍ଧୁ ବିବାହ କରିବେ । ଏନେଇ ପ୍ରସ୍ତୁତି ଜୋରଦାର ହୋଇଛି । ଡିସେମ୍ବର ୨୦ରୁ ବିବାହର ପ୍ରସ୍ତୁତି ଆରମ୍ଭ ହେବାକୁ ଥିବାବେଳେ ହାଇଦ୍ରାବାଦରେ ରିସେପ୍‌ସନ ଭୋଜି ଡିସେମ୍ବର ୨୪ ହେବ ।

ସିନ୍ଧୁଙ୍କ ବିବାହ ସମ୍ପର୍କରେ ବାପା ପିଭି ରମନ୍ନା ଏହି ଘୋଷଣା କରିଛନ୍ତି । ଉଭୟଙ୍କ ପରିବାର ଦୀର୍ଘଦିନ ହେବ ପରସ୍ପରକୁ ଜାଣିଥିବାବେଳେ ମାସେ ତଳେ ବିବାହ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହା ଏକମାତ୍ର ସମ୍ଭାବ୍ୟ ସମୟ ଥିଲା । କାରଣ ଜାନୁଆରୀରୁ ସିନ୍ଧୁଙ୍କ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ସୂଚୀ ରହିଛି । ସେଥିପାଇଁ ଉଭୟ ପରିବାର ଡିସେମ୍ବର ୨୨ରେ ବିବାହ ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିବା ସିନ୍ଧୁଙ୍କ ବାପା ସୂଚନା ଦେଇଛନ୍ତି । ଭାରତର ଅନ୍ୟତମ ଶ୍ରେଷ୍ଠ ଆଥ୍‌ଲେଟ ସିନ୍ଧୁ ୫ ଥର ବିଶ୍ୱ ଚାମ୍ପିଅନସିପ୍ ପଦକ ଜିତିଛନ୍ତି । ୨୦୧୯ ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିତିଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି । ଦୁଇଥର ଅଲିମ୍ପିକ୍ସରେ ପଦକ ଜିତିବାର ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି । ସିନ୍ଧୁ କିଛି ସମୟ ପାଇଁ ଖରାପ ଫର୍ମ ସହିତ ସଂଘର୍ଷ କରୁଥିଲେ ଏବଂ ଗତ ଅଲିମ୍ପିକ୍ସରେ ମଧ୍ୟ ସେ ସେତେଟା ଭଲ ପ୍ରଦର୍ଶନ କରିପାରି ନଥିଲେ । କିନ୍ତୁ ବର୍ତ୍ତମାନ ସୟଦ ମୋଦୀ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଜିତି ଫର୍ମକୁ ଫେରିଛନ୍ତି ।

## ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି

# ଆସାମକୁ ଧରାଶାୟୀ କଲା ଓଡ଼ିଶା

ଭୁବନେଶ୍ୱର, ୩।୧୨ (ସବ୍ୟୁ): ବିଶାଖାପଟନମରେ ଅନୁଷ୍ଠିତ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଗ୍ରୁପ-ଡି'ର ଏକ ମ୍ୟାଚ୍‌ରେ ଓଡ଼ିଶା ଦଳ ୬୩ ରନ ବ୍ୟବଧାନରେ ଆସାମକୁ ଧରାଶାୟୀ କରିଛି । ୯ ଓଭର ବିଶିଷ୍ଟ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ସ୍ୱସ୍ତିକ ସାମଲ (୬୯) ଓ ସନ୍ଦୀପ ପଟ୍ଟନାୟକ (୩୧)ଙ୍କ ବିସ୍ଫୋରକ ଇନିଂସ ଯୋଗୁ ୯ ଓଭରରେ ୭ ୱିକେଟ ହରାଇ ୧୨୦ ରନ କରିଥିଲା । ଜବାବରେ ଆସାମ ୮.୧ ଓଭରରେ ୫୭ ରନ କରି ଅଲଆଉଟ ହୋଇଥିଲା ।




ବର୍ଷା କାରଣରୁ ମ୍ୟାଚ୍ ବିଳମ୍ବିତ ହୋଇଥିଲା । ଟସ୍ ଜିତିବା ପରେ ଆସାମ ଦଳ ବୋଲିଂ ନିଷ୍ପତ୍ତି ନେଇଥିଲା । ତେଣୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା ଓଡ଼ିଶା । ୨୦ ଓଭର ବିଶିଷ୍ଟ ମ୍ୟାଚ୍ ୯ ଓଭର ଖେଳାଯିବାକୁ ସ୍ଥିର ହୋଇଥିଲା । ଓଡ଼ିଶାର ଦୁଇ ଓପନର ସ୍ୱସ୍ତିକ ସାମଲ ଓ ଗୌରବ ଚୌଧୁରୀ ପାଳି ଆରମ୍ଭ କରିବାକୁ ପଡ଼ିଆକୁ ଆସିଥିଲେ । ଗୌରବ ଅତ୍ୟନ୍ତ ଧିମା ଆରମ୍ଭ କରି ୬ ବଲରୁ ୭ ରନ କରିଥିଲେ । କିନ୍ତୁ ସ୍ୱସ୍ତିକଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଓଡ଼ିଶା ଅଣ୍ଟା ସଳଖିବାକୁ ସକ୍ଷମ ହୋଇଥିଲା । ସ୍ୱସ୍ତିକ ୨୬ ବଲର ସମ୍ମୁଖୀନ ହୋଇ ୭ଟି ଚୌକା ଓ ୫ ଛକା ସହାୟତାରେ ୬୯ ରନ କରି ଅପରାଜିତ ଥିଲେ । ଗୌରବ ୭, ଅଧିନାୟକ ଗୋବିନ୍ଦ ପୋଦାର ୧, ସମ୍ବିତ ବରାଳ ୧ ରନ କରି ଆଉଟ ହୋଇଥିଲେ । ମଧ୍ୟମ କ୍ରମରେ ସନ୍ଦୀପ ପଟ୍ଟନାୟକ ବିସ୍ଫୋରକ ଇନିଂସ ଖେଳିଥିଲେ । ସେ ୮ ବଲରୁ ୩ଟି ଲେଖାଏଁ ଚୌକା ଓ ଛକା ମାରି ୩୧ ରନ କରିଥିଲେ । ତେଣୁ ଓଡ଼ିଶାର ସ୍କୋର ୧୨୦/୭ରେ ପହଞ୍ଚିଥିଲା ।

୧୨୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଆସାମକୁ ବିଜୟର ଆଦୌ ସୁଯୋଗ ଦେଇ ନଥିଲେ ଓଡ଼ିଶା ବୋଲର । ରାଜେଶ ମହାନ୍ତି, ପ୍ରଦୀପ ପ୍ରଧାନ, ଜାମଳା ମହାପାତ୍ର ଓ ଗୋବିନ୍ଦ ପୋଦାର ପ୍ରତ୍ୟେକ ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ଆସାମ ପକ୍ଷରୁ ସାହିଲ ଜେନ ୧୮ ଓ ନିପନ୍ନ ଡେକାଙ୍କ ୧୨ ରନ ବ୍ୟତୀତ ଅନ୍ୟମାନେ ୨ଅଙ୍କ ଛୁଇଁପାରି ନଥିଲେ । ତେଣୁ ଦଳ ୮.୧ ଓଭରରେ ୫୭ ରନ କରି ଅଲଆଉଟ ହୋଇଥିଲା । ଚଳିତ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଏହା ଓଡ଼ିଶା ଦଳର ପ୍ରଥମ ବିଜୟ । ୩ଟି ପରାଜୟ ଓ ଗୋଟିଏ ମ୍ୟାଚ୍ ଡ୍ର' ପରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଜିତି ୬ ପଏଣ୍ଟ ପାଇଛି । ଗ୍ରୁପ-ଡି'ରେ ବିଦର୍ଭ ୧୮ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ଆସାମ ୫ ମ୍ୟାଚ୍‌ରୁ ୧୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

# ଆଡିଲେଡ୍‌ରେ ଇନିଂସ ଓପନ କରିବେ ଯଶସ୍ୱୀ-ରାହୁଲ

ଆଡିଲେଡ୍, ୩।୧୨ (ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଗୁରୁବାରଠାରୁ ଆଡିଲେଡ୍ ଦିବାରାତ୍ର ଟେଷ୍ଟ ଆରମ୍ଭ ହେବାକୁ ଯାଉଛି । ପିଙ୍କ୍ ବଲ୍‌ରେ ଏହି ମ୍ୟାଚ୍ ଖେଳାଯିବ । ଦଇଦଳ ମୁକାବିଲା ପାଇଁ ଆଡିଲେଡ୍ ପହଞ୍ଚିବା ସହ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି । ଏହି ଟେଷ୍ଟରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ନିୟମିତ ଅଧିନାୟକ ରୋହିତ ଶର୍ମା । ଏହି ମ୍ୟାଚ୍‌ରେ ରୋହିତ ଓପନିଂ କରିବେ ନାହିଁ ।



ଆଡିଲେଡ୍‌ରେ ଭାରତୀୟ ଦଳର ଅଭ୍ୟାସ ଓ ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷ ମ୍ୟାଚ୍‌ର ଫଳାଫଳରୁ ଦ୍ୱିତୀୟ ଟେଷ୍ଟରେ କିଏ ଓପନିଂ କରିବ ତାହା ସ୍ପଷ୍ଟ ହେଉଛି । ତେଣୁ ଯଶସ୍ୱୀଙ୍କ ସହ ରାହୁଲ ଦ୍ୱିତୀୟ ଟେଷ୍ଟରେ ପାଳି ଆରମ୍ଭ କରିବେ ବୋଲି ଆଶା କରାଯାଉଛି । ଏହି ଦୁଇ ବ୍ୟାଟର ପର୍ଥ ଟେଷ୍ଟରେ ଭାରତର ବିଜୟ ମୂଳଦୁଆ ପକାଇଥିଲେ । ତେଣୁ ଦ୍ୱିତୀୟ ଟେଷ୍ଟରେ ମଧ୍ୟ ଓପନିଂରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ଆଶା କରାଯାଉଛି ।

ଏଦୃଷ୍ଟିରୁ ପ୍ରତ୍ୟାବର୍ତ୍ତନ କରିଥିବା ରୋହିତ ଶର୍ମାଙ୍କୁ ତୃତୀୟ ଏବଂ ଶୁଭମନ ଗିଲ୍ ଚତୁର୍ଥ ସ୍ଥାନରେ ପଡ଼ିଆକୁ ଓହ୍ଲାଇବେ । ସେହିପରି କୋହଲି ଆଉ ଗୋଟିଏ ସ୍ଥାନ ତଳକୁ ଅର୍ଥାତ ପଞ୍ଚମରେ ବ୍ୟାଟିଂ କରିବାକୁ ଆସିବେ । ଏତଦ୍‌ବ୍ୟତୀତ ହିଟ୍‌ମ୍ୟାନ୍ ରୋହିତଙ୍କୁ ମଧ୍ୟମ କ୍ରମରେ ମଧ୍ୟ ଦେଖିବାକୁ ମିଳିପାରେ । ୱିକେଟକିପର ରିଷଭ ପନ୍ତ ଗତ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ଦେଖାଇ ପାରି ନଥିଲେ । କିନ୍ତୁ ଆଡିଲେଡ୍‌ରେ ସେ ଜମାଣିଆ ପ୍ରଦର୍ଶନ ଦେଖାଇବା ପାଇଁ ଚେଷ୍ଟା କରିବେ । ପୁଣି ୱାଶିଂଟନ ସୁନ୍ଦରଙ୍କ ଖେଳିବା ସମ୍ଭାବନା ରହିଛି । ଏହାପରେ ୮ ନମ୍ବରରେ ନୀତିଶ କୁମାର ଖେଳିବାକୁ ଆସିପାରନ୍ତି । ଦ୍ରୁତ ବୋଲର ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ହର୍ଷିତ ରାଣା ନଜର ଆସିବେ ।

ସମ୍ଭାବ୍ୟ ଭାରତୀୟ ଦଳ: ଲୋକେଶ ରାହୁଲ, ଶୁଭମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ରୋହିତ ଶର୍ମା, ରିଷଭ ପନ୍ତ, ୱାଶିଂଟନ ସୁନ୍ଦର, ନୀତିଶ କୁମାର ରେଡ୍ଡୀ, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ହର୍ଷିତ ରାଣା ।

# ୨୮ରୁ ଓଡ଼ିଶା ରାଜ୍ୟସ୍ତରୀୟ ପାରା ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୩।୧୨ (ସବ୍ୟୁ): ଆଗାମୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଓଡ଼ିଶା ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ବ୍ୟାଡ୍‌ମିଣ୍ଟନ ଇଣ୍ଡୋର ପୁରୁଣା କ୍ରୀଡ଼ା ବିଭାଗ ସି-୧ ନୟାପଲ୍ଲୀରେ ଆୟୋଜନ ହେବ । ଏହି ପ୍ରତିଯୋଗିତାକୁ ପାରା ସ୍ପୋର୍ଟ୍ସ ଆସୋସିଏସନ ଓଡ଼ିଶା, ଓଡ଼ିଶା ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ଅନ୍ତର୍ଜାତୀୟ, ଜାତୀୟ ଓ ଯୁବ ଖେଳାଳି ଅଂଶଗ୍ରହଣ କରିବେ । ହ୍ୱିଲ୍‌ଚେୟାର ବିଶିଷ୍ଟ ଭିନ୍ନକ୍ଷମ ଖେଳାଳି, ହାତ ଓ ଗୋଡ଼ ଭିନ୍ନକ୍ଷମ, କମ ଉଚ୍ଚତା ବିଶିଷ୍ଟ ଭିନ୍ନକ୍ଷମ ଖେଳାଳି ଭାଗ ନେବେ । ପ୍ରତିଯୋଗିତା ସମ୍ପର୍କରେ ଅଧିକ ବିବରଣୀ ପାଇଁ କୋଚ୍ ତଥା ଅଧ୍ୟକ୍ଷ ଶିବପ୍ରସାଦ ଦାସ (୯୮୬୧୦୮୯୯୭୦)ଙ୍କୁ ଯୋଗାଯୋଗ କରିବେ । ଆଗାମୀ ୨୫ ତାରିଖ ସୁଦ୍ଧା ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀ ନିଜର ନାମ ପଞ୍ଜିକରଣ କରାଇବାକୁ ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ପୂର୍ବ ଭାରତୀୟ ଆନ୍ତଃ- ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର, ୩।୧୨ (ସବ୍ୟୁ) : ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଦ୍ୱାରା ଚଳିତମାସ ୩ତାରିଖରୁ ୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡାକ୍ତର ଅମିତ କୁମାର ଶର୍ମାଙ୍କ ଉପସ୍ଥିତିରେ ଏହି ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । କୁଳପତି ପ୍ରଫେସର ତ୍ରିପାଠୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ତଥା କ୍ରୀଡ଼ାକୁ ବିଶ୍ୱବିଦ୍ୟାଳୟସ୍ତରରେ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଏହି ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହେବ । ୮ଟି ରାଜ୍ୟର ୪୪ଟି ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଦଳମାନଙ୍କ ମଧ୍ୟରେ ଏହି ଖୋ-ଖୋ ମହାକୁମ୍ଭ ଖେଳ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି । କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡକ୍ଟର ଅମିତ କୁମାର ଶର୍ମା, ପିଇଓ ସଂଗ୍ରାମ ବିଶୋଇ ପ୍ରମୁଖଙ୍କ ତତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟର ସଞ୍ଚାଳନ ଅତ୍ୟନ୍ତ ସରଳ ଓ ସଫଳ ହେବାର ଆଶା ପୋଷଣ କରାଯାଇଛି ।

# ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଦଣ୍ଡିତ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ଆଡିଲେଡ୍ ଦିବାରାତ୍ର ଟେଷ୍ଟ ପୂର୍ବରୁ ଭାରତୀୟ କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର ଆସିଛି । ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ପ୍ରଥମ ଟେଷ୍ଟ ଧିମା ବୋଲିଂ ଯୋଗୁ ଉଭୟ ଦଳ ଆଇସିସି ପକ୍ଷରୁ ଦଣ୍ଡିତ ହୋଇଛି । ଫଳରେ ଭାରତର ଫାଇନାଲ ପ୍ରବେଶ ରାସ୍ତା ସହଜ ହୋଇଛି । ଧିମା ବୋଲିଂ ହାର ଯୋଗୁ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଦଳ ୧୫% ମ୍ୟାଚ୍ ଫି କଟାଯାଇଛି । ଏହା ବ୍ୟତୀତ ଉଭୟ ଦଳ ଡବ୍ଲୁଟିସିର ୩ ପଏଣ୍ଟ ଲେଖାଏଁ ହରାଇଛନ୍ତି । ଭାରତୀୟ ଟିମ୍‌କୁ ଫାଇନାଲରେ ପ୍ରବେଶ ପାଇଁ ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳାରେ ଅତିକମରେ ୩ ମ୍ୟାଚ୍ ଜିତିବାକୁ ପଡ଼ିବ । ପର୍ଥ ଟେଷ୍ଟରେ ଭାରତ ବିଜୟ ହାସଲ କରିଥିବାରୁ ଏବେ ଆଉ ଦୁଇଟି ମ୍ୟାଚ୍ ଜିତିବାକୁ ପଡ଼ିବ ।

ଅଧୁନା ଭାରତ ୧୫ ମ୍ୟାଚ୍‌ରୁ ୯ ବିଜୟ, ୫ ପରାଜୟ ଓ ଗୋଟିଏ ଡ୍ର' ସହ ୧୧୦ ପଏଣ୍ଟ ପାଇ ଶୀର୍ଷରେ ରହିଛି । ଦଳର ବିଜୟ ହାର ୬୧.୧୧ ରହିଛି । ପଏଣ୍ଟ ଟେବୁଲରେ ଦ.ଆଫ୍ରିକା ଓ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଯଦି ଭାରତ ୩-୨ରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୁଏ, ତେବେ ମଧ୍ୟ ଅଷ୍ଟ୍ରେଲିଆ-ଶ୍ରୀଲଙ୍କା ସିରିଜରେ ଗୋଟିଏ ମ୍ୟାଚ୍ ଡ୍ର' ରହିଲେ ଭାରତ ଫାଇଦାରେ ରହିବ । ଶୃଙ୍ଖଳା ୨-୨ରେ ଡ୍ର' ରହିଲେ ଭାରତକୁ ଫାଇନାଲରେ ପ୍ରବେଶ ପାଇଁ ଅନ୍ୟ ମ୍ୟାଚ୍‌ଗୁଡ଼ିକର ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ ଓ ଦ.ଆଫ୍ରିକା, ଶ୍ରୀଲଙ୍କାକୁ ହରାଇବାକୁ ପଡ଼ିବ । ଯଦି ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରୀଲଙ୍କା ଶୃଙ୍ଖଳା ବିଜୟୀ ହୁଏ, ତାହେଲେ ଭାରତ ଫାଇନାଲକୁ ଯାଇପାରିବ ।

# ଟେନିସ ବଲ ସର୍କଲ କ୍ରିକେଟ ପାଇଁ ଓଡ଼ିଶାରୁ ଖେଳାଳି ଚୟନ



ଭୁବନେଶ୍ୱର, ୩।୧୨ (ସବ୍ୟୁ): ଉତ୍ତରପ୍ରଦେଶରେ ହେବାକୁ ଥିବା ଟେନିସ ବଲ ସର୍କଲ କ୍ରିକେଟ ଲିଗ୍‌ରେ ଯୋଗଦେବା ପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପଞ୍ଜିକୃତ ଇଚ୍ଛୁକ ଖେଳାଳି ଚୟନ ଶିବିରରେ ଯୋଗ ଦେଇଥିଲେ ଭୁବନେଶ୍ୱର ସ୍ଥିତ ଏଲ୍‌ଏଲ୍‌ସିସି ଗ୍ରାଉଣ୍ଡରେ ନିଜ ନିଜ ପ୍ରତିଭା ଦେଖାଇଥିବା ଖେଳାଳିଙ୍କ ମଧ୍ୟରୁ ୩୫ ଜଣଙ୍କୁ ଓଡ଼ିଶା ଟେନିସ ବଲ କ୍ରିକେଟ ସଂଘ ଚୟନ କରିଛି । ପ୍ରତ୍ୟେକ ଖେଳାଳି ଆର୍ଥିକ ଭାବେ ସ୍ୱଚ୍ଛଳ ହେବେ । ଖେଳାଳିଙ୍କୁ ବହୁଗୁଡ଼ିଏ ଏଜେନ୍ସି ଦକ୍ଷତା ଦେଖି କିଣିବେ । ସାରା ଦେଶରେ ହେବାକୁଥିବା ଟେନିସ ବଲ୍ ସର୍କଲ କ୍ରିକେଟ ଲିଗ୍ ପାଇଁ ଦଳ କିଣାଯିବ । ଏହି ପ୍ରତିଯୋଗିତାରେ ଖେଳାଳିମାନଙ୍କୁ ଉତ୍ତରପ୍ରଦେଶରେ ହେବାକୁଥିବା ଅକ୍ସନରେ ଏଜେନ୍ସିମାନେ ୪ଲକ୍ଷ ଟଙ୍କାରେ କିଣିବେ । ଏହି ଚୟନ ପ୍ରକ୍ରିୟାରେ ଓଡ଼ିଶା ଟେନିସ ବଲ କ୍ରିକେଟ ସଂଘ ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ଶିଥିଳ କୁମାର ପଣ୍ଡା, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୋମନାଥ ପରିଡ଼ା, ଭୁବନେଶ୍ୱର ସମ୍ପାଦକ ପଙ୍କଜ କୁମାର ଦାସ, ସହ ସମ୍ପାଦକ ପ୍ରକାଶ କୁମାର ସାହୁ ଓ ଓଡ଼ିଶା ଟେନିସ ବଲ୍ କ୍ରିକେଟ ମୁଖ୍ୟ କୋଚ୍ ଚକ୍ରଧର ମାଝୀ ଉପସ୍ଥିତ ଥିଲେ ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ କ୍ଷୀରୋଦ ଚନ୍ଦ୍ର ବେହେରା
ଗ୍ରାମ-ଡିହସାହି (ନୂଆକୋଟ)
ହିନ୍ଦୋଳ ବ୍ଲକ, ଜି: ଢ଼େଙ୍କାନାଳ
ଆବିର୍ଭାବ : ୫.୧୧.୧୯୫୪
ତିରୋଧାନ : ୨୪.୧୧.୨୦୨୪

ଆପଣଙ୍କ ମାନବିକତା, କର୍ତ୍ତବ୍ୟନିଷ୍ଠା, ଈଶ୍ୱରଭକ୍ତି ଆଦି ସଦଗୁଣ ଆମ ଜୀବନରେ ପାଥେୟ ହେଉ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

ହତଭାଗ୍ୟ ପୁତ୍ରଦ୍ୱୟ :
ଦୁଷ୍ମନ୍ତ, ସତ୍ୟବ୍ରତ, ପରିବାରବର୍ଗ ଓ ନାତିନାତୁଣୀ : ରୋହିତ, ଟୁଟୁ, ପପ୍ପି, ସରିତା, ଗୋଲ୍‌ଡି, ଆରଭି, ଔରଭ ଓ ମିଷ୍ଟୀ ।

# ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟିମ୍ ତାଲିକା ଘୋଷିତ

ଟାଙ୍ଗୀ,୩।୧୨ (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର କୁହୁଡି ମହାବୀର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୬୫ ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ଘୋଷିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଜନତା ମଇଦାନରେ ଡିସେମ୍ବର ୧୯ ତାରିଖ ଠାରୁ ଡିସେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଏହି କାର୍ଯ୍ୟସୂଚୀ ବୈଠକରେ ଦଳମାନଙ୍କର ଖେଳସୂଚୀ ତାରିଖ ସଚ୍ଚିଦାନନ୍ଦ ପ୍ରଧାନ ଓ ରାଜ କିଶୋର ବୈରିଗଞ୍ଜନଙ୍କ ଦ୍ୱାରା ଡ୍ର କରାଯାଇଥିଲା । ୧୯ ତାରିଖ ଦିନ ଚକ୍ରଧରପୁର ସହିତ କନ୍ଦରପୁର, ୨୦ ତାରିଖରେ ୱେଷ୍ଟବେଙ୍ଗଲ ସହିତ ଭଦ୍ରକ, ୨୧ରେ ୧୯ତାରିଖର ବିଜେତା ସହିତ ଛତିଶଗଡ, ୨୨ରେ ୨୦ ତାରିଖର ବିଜେତା ସହିତ ଇମ୍ଫାଲ ମଣିପୁର, ୨୩ରେ କଲିକତା ପୋଲିସ ସହିତ କଟକ, ୨୪ରେ ଆନ୍ଧ୍ରପ୍ରଦେଶ ସହିତ ରାଉରକେଲା, ୨୫ରେ ସୋନପୁର ସହିତ ୨୩ର ବିଜେତା, ୨୬ରେ ମୁମ୍ବାଇ ସହିତ ୨୪ର ବିଜେତା, ୨୭ ତାରିଖରେ ଗ୍ରୁପ୍ ଏ ପ୍ରଥମ ସେମିଫାଇନାଲ , ୨୮ ତାରିଖରେ ଗ୍ରୁପ ବି ଦ୍ୱିତୀୟ ସେମିଫାଇନାଲ ଓ ୨୯ ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଆସୋସିଏସନର ସମ୍ପାଦକ ତଥା ଆଇନଜୀବୀ ମନୋଜ କୁମାର ମାନସିଂହ କାର୍ଯ୍ୟସୂଚୀ ସଭା ପରିଚାଳନା କରିଥିଲେ । କୁହୁଡି ଅଞ୍ଚଳର ସମାଜସେବୀ, ବୁଦ୍ଧିଜୀବୀ, ଯୁବଗୋଷ୍ଠୀ, ସାମ୍ବାଦିକ, ରାଜନୈତିକ ବ୍ୟକ୍ତି ବିଶେଷ ଏହି ବୈଠକରେ ଉପସ୍ଥିତ ଥିଲେ।

# ବିଷ୍ଣୁପୁରରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

ଭଣ୍ଡାରିପୋଖରୀ, ୩।୧୧ (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ସ୍କୁଲ ପଡିଆରେ ରବିବାର ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଗ୍ରାମର ମା' ବୁଢ଼ୀ ଜାଗୁଲାଇ ଯୁବ କ୍ଲବ ଆନୁକୂଲ୍ୟରେ ଓ ଗ୍ରାମ ସ୍କୁଲ ପଡିଆରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟକୁ ବିଧାୟକ ସଞ୍ଜିବ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ । ସ୍ଥାନୀୟ ସରପଞ୍ଚ ଅମୂଲ୍ୟ କୁମାର ନାୟକ, ଯୁବନେତା ଦିପକ କୁମାର ପାଣିଗ୍ରାହୀ ଓ କ୍ଲବ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ସଂଯୋଜକ ପ୍ରଦୀପ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଲିଗ ପର୍ଯ୍ୟାୟରେ ମ୍ୟାଚ ୨ଟି ପୁଲରେ ଅନୁଷ୍ଠିତ ହେଉଛି । କନ୍ହେଇବିନ୍ଧା, ବାଲିଖଣ୍ଡ, ଭଦ୍ରକ ଷ୍ଟାଡିଅମ, ଗଡସଙ୍ଗ, ଚାନ୍ଦବାଲି ଓ ବନ୍ତ ତରାପୁର ଆଦି ମୋଟ ୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି । ଅମ୍ପାୟାର ଯତୀନ୍ଦ୍ରନାଥ ଜେନା ଓ ପ୍ରଦୀପ କୁମାର ପଣ୍ଡା ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରୁଛନ୍ତି । କ୍ଲବ ପକ୍ଷରୁ ସମ୍ପାଦକ ଭଗବାନ ମହାନ୍ତି, ଉପାଧ୍ୟକ୍ଷ ସୌମ୍ୟରଞ୍ଜନ ପାତ୍ର, ଜଗନ୍ନାଥ ଜେନା ପ୍ରମୁଖ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି ।

# ଅଧୀପ ଦାସଙ୍କ ପରଲୋକରେ ଫାଓର ଶୋକ

ଭୁବନେଶ୍ୱର, ୩।୧୨ (ସବ୍ୟୁ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାର ସଦସ୍ୟ ଅଧୀପ ଦାସଙ୍କ ପରଲୋକ ଘଟିଛି । ୮୦ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯାଇଛି । ଓଡ଼ିଶାରେ ଫୁଟବଲର ବିକାଶ ପାଇଁ ଦୀର୍ଘ ସମୟ ଧରି ଅଧୀପ ଦାସ କାର୍ଯ୍ୟ କରିଥିଲେ । ତାଙ୍କ ମାର୍ଗଦର୍ଶନ ଓ ପ୍ରଚେଷ୍ଟା ଯୋଗୁ ରାଜ୍ୟ ଫୁଟବଲର ବିକାଶ ଧାରା ଆଗକୁ ବଢ଼ିଥିଲା । ସେ ଫାଓ ସହ ଦୀର୍ଘ ସମୟ ଜଡ଼ିତ ଥିଲେ । ବାଲେଶ୍ୱର ଜିଲ୍ଲା ଫୁଟବଲ ଆସୋସିଏସନର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ । ତୃଣମୂଳସ୍ତରରୁ ଫୁଟବଲର ବିକାଶ ପାଇଁ ଅଧୀପ ଦାସଙ୍କ ଭୂମିକା ପ୍ରଶଂସନୀୟ ଥିଲା । ଅଧୀପ ଦାସଙ୍କ ପତ୍ନୀ ଓ ପୁତ୍ର ଅଛନ୍ତି । ତାଙ୍କ ବିୟୋଗରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ତଥା ଅନ୍ୟ ସମସ୍ତ କର୍ମକର୍ତ୍ତା ଶୋକବ୍ୟକ୍ତ କରିଛନ୍ତି ।



ଅଧୀପ ଦାସ ଓଡ଼ିଶା ଅଲିମ୍ପିକ ଆସୋସିଏସନ ସହ ୧୯୮୮ରୁ ମୃତ୍ୟୁ ପର୍ଯ୍ୟନ୍ତ ଜଡ଼ିତ ଥିଲେ । ଦୀର୍ଘ ସମୟ ଧରି ଅଲିମ୍ପିକ୍ ଆସୋସିଏସନର କୋଷାଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । ଏତଦ୍‌ବ୍ୟତୀତ ଓଡ଼ିଶା ଆର୍ମେଚର ବକ୍ସିଂ ଆସୋସିଏସନର ଆଜୀବନ ସଭାପତି ଥିଲେ । ରାଜ୍ୟରେ ଜଣେ ସକ୍ରିୟ କ୍ରୀଡ଼ା ସଂଗଠକ ଭାବେ ଜଣାଶୁଣା ଥିଲେ ।

ଆଶୀର୍ବାଦ ବେହେରା କହିଛନ୍ତି, ତାଙ୍କ ପରଲୋକରେ ରାଜ୍ୟ କ୍ରୀଡ଼ାର ଅପୂରଣୀୟ କ୍ଷତି ହୋଇଛି । ଆମେ ଜଣେ ଭଲ ସଂଗଠକଙ୍କୁ ହରାଇଲୁ । ସେ ଆଜୀବନ କ୍ରୀଡ଼ା ବିକାଶ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରୁଥିଲେ । ତାଙ୍କ ବିୟୋଗରେ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି କ୍ଷତି ଓ ଦୁଃଖକୁ ସାମ୍ନା କରିବା ପାଇଁ ଭଗବାନ ଅସୀମ ଶକ୍ତି ପ୍ରଦାନ କରନ୍ତୁ ବୋଲି ଶ୍ରୀ ବେହେରା କହିଛନ୍ତି ।

**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541